

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୫ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 05 JULY 2023

Vol.No. 35 ■ No. 176■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା


ଯୋଗାଯୋଗ କରନ୍ତୁ :


ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦିଲ୍ଲୀ ଏଲଜିଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା

### ଡିଇଆରସି ଚେୟାରମ୍ୟାନ ନିଯୁକ୍ତି ମାମଲାରେ କେଜରିୱାଲଙ୍କ ଆଶ୍ୱସ୍ତି







ନୂଆଦିଲ୍ଲୀ ୪।୭: ଦିଲ୍ଲୀ ଇଲେକ୍ଟ୍ରିସିଟି ରେଗ୍ୟୁଲେଟ୍ରି କମିଶନ (ଡିଇଆରସି) ଚେୟାରମ୍ୟାନ ନିଯୁକ୍ତି ବିବାଦରେ ଲେଫ୍ଟନାଣ୍ଟ ଗଭର୍ଣ୍ଣର (ଏଲଜି) ଭି.କେ. ସକ୍ସେନାଙ୍କୁ ମଙ୍ଗଳବାର ଝଟକା ଲାଗିଛି। ସର୍ବୋଚ୍ଚ ନ୍ୟାୟାଳୟ ଚେୟାରମ୍ୟାନ ନିଯୁକ୍ତ ଜଷ୍ଟିସ୍ (ଆବସରପ୍ରାପ୍ତ) ଉମେଶ କୁମାରଙ୍କ ଶପଥ ଗ୍ରହଣକୁ ଟାଳି ଦେଇଛନ୍ତି। ମମଲାରେ କୋର୍ଟ କେନ୍ଦ୍ର ସରକାର ଓ ଏଲଜିଙ୍କୁ ନୋଟିସ୍ ମଧ ଜାରି କରିଛନ୍ତି। ଏହି ମାମଲାର ପରବର୍ତ୍ତି ଶୁଣାଣି ଜୁଲାଇ ୧୧ ତାରିଖରେ ହେବ। ସେ ପର୍ଯ୍ୟନ୍ତ ଡିଇଆରସି ଚେୟାରମ୍ୟାନ ନିଯୁକ୍ତି ଉପରେ ରହିତାଦେଶ ଜାରି ରହିବ। ଉଲ୍ଲେଖଯୋଗ୍ୟ ଯେ ଏଲଜି ଭି.କେ. ସକ୍ସେନା ମଙ୍ଗଳବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଡିଇଆରସି ଚେୟାରମ୍ୟାନଙ୍କ ନିଯୁକ୍ତି ଲାଗି ଶପଥପାଠ କରାଇ ଦେବାକୁ ଚାହୁଁଥିଲେ। ତେବେ ସୁପ୍ରିମକୋର୍ଟ ତା ପୂର୍ବରୁ ଏହା ଉପରେ ରୋକ ଲଗାଇ ଦେଇଛନ୍ତି। ଏଲଜିଙ୍କ ପକ୍ଷରୁ କରାଯାଉଥିବା ଏହି ନିଯୁକ୍ତିକୁ ଦିଲ୍ଲୀର ଅରବିନ୍ଦ କେଜରିୱାଲ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମଙ୍ଗଳବାର କୋର୍ଟରେ ମାମଲାର ଶୁଣାଣି ହୋଇଥିବା ବେଳେ ଦିଲ୍ଲୀ ସରକାର ତାଙ୍କ ନିଶୁଳ୍କ ବିଜୁଳି ଯୋଜନାକୁ ଏଲଜି ବନ୍ଦ କରିବାକୁ ଚାହୁଁଥିବା ନିଜ ତର୍କରେ ରଖିଛନ୍ତି। ଦିଲ୍ଲୀର କେଜରିୱାଲ ସରକାର ତାଙ୍କ ତର୍କରେ ଉଲ୍ଲେଖ କରିଛନ୍ତି ଯେ ଦିଲ୍ଲୀରେ ରାଜ୍ୟ ସରକାର ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ନିଶୁଳ୍କ ଦେଉଛନ୍ତି। ଯାହାକି ଏକ ଲୋକପ୍ରୀୟ ଯୋଜନା, ତେବେ ଏଲଜି ଡିଇଆରସିରେ ତାଙ୍କ ଚେୟାରମ୍ୟାନ ନିଯୁକ୍ତ କରି ଏହି ଯୋଜନାକୁ ବନ୍ଦ କରିବାକୁ ଚାହୁଁଥିବା କହିଛନ୍ତି। ସେପଟେ ଏଲଜି ଭି.କେ. ସକ୍ସେନା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଡିଇଆରସିଙ୍କ ନୋମିନେଟେଡ ଚେୟାରମ୍ୟାନ ଉମେଶ କୁମାରଙ୍କୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଶପଥ ପାଠ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏଲଜିଙ୍କ ନିର୍ଦ୍ଦେଶ ଅନୁସାରେ ଡିଇଆରସିଙ୍କ ଚେୟାରମ୍ୟାନଙ୍କୁ ଶପଥ ପାଠ କରାଯାଇ ପାରି ନାହିଁ। ଦିଲ୍ଲୀ ବିଜୁଳି ମନ୍ତ୍ରୀ ଆତିଶୀଙ୍କ ଖରାପ ସ୍ୱାସ୍ଥ୍ୟକାରଣରୁ ଚେୟାରମ୍ୟାନଙ୍କ ଶପଥଗ୍ରହଣ ଉତ୍ସବକୁ ସ୍ଥଗିତ କରିଥିଲେ। ଏହା ଜାଣିବା ପରେ ଏଲଜି ଉମେଶ କୁମାରଙ୍କ ଶପଥଗ୍ରହଣ କାର୍ଯ୍ୟକ୍ରମକୁ ଭିଡିଓ କନଫରେନସିଂ ମାଧ୍ୟମରେ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଲଜି କହିଥିଲେ ଯେ ଏଲହାବାଦ ହାଇକୋର୍ଟଙ୍କ ପୂର୍ବତନ ଜଜ୍ ଶପଥପାଠ ନିମନ୍ତେ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଉପଲବ୍ଧ ହେବେ। ଏଣୁ ବିଜୁଳିମନ୍ତ୍ରୀ ହୁଅନ୍ତୁ ଅଥବା ତାଙ୍କ ମନ୍ତ୍ରୀମଣ୍ଡଳର କୌଣସି ମନ୍ତ୍ରୀଙ୍କ ଜରିଆରେ ଔପଚାରିକତା ପୂରଣ କରିବାକୁ କହିଥିଲେ। ଏଥି ପାଇଁ ଆବଶ୍ୟକ ପଡିଲେ ବିଜୁଳିମନ୍ତ୍ରୀ ମୋବାଇଲରେ ଭିଡିଓ କଲ କରି ଉମେଶ କୁମାରଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବାକୁ କହିଥିଲେ। ଯଦି କେହିବି ଉପଲବ୍ଧ ହେଉ ନାହାନ୍ତି ତେବେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଏହି କାମ କରାଇ ନିଅନ୍ତୁ ବୋଲି ମଧ କହିଥିଲେ।

▶▶ପୃଷ୍ଠା ୭

## ଦୁଇ ମେଡ଼ିକାଲ୍ କଲେଜ ଛାତ୍ର ଗୋଷ୍ଠୀ ମୁହାଁମୁହିଁ: କିଛି ଛାତ୍ର ଆହତ

ବ୍ରହ୍ମପୁର, ୦୪/୦୭ (ନି.ପ୍ର): ଦୁଇ ମେଡ଼ିକାଲ୍ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ବୁର୍ଲା ଭୀମସାରରେ ଗଣ୍ଡଗୋଳ ଘଟିଛି। ଭୀମସାର ଓ ବ୍ରହ୍ମପୁର ଏମ୍‌କେସିଜି ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ୫ରୁ ୬ ଜଣ ମେଡ଼ିକାଲ୍ ଛାତ୍ର ଆହତ ହୋଇ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। କିନ୍ତୁ ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡ଼ି ନାହିଁ। ମିଳିଥିବା ସୂଚନା ଅନୁସାରେ ବୁର୍ଲା ଭୀମସାରରେ ଆନ୍ତଃ ମେଡିକାଲ କଲେଜ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ (ୟୁଫୋରିଆ) ଆୟୋଜନ ହେଉଛି। ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ୟୁଫୋରିଆ ଚାଲିବାର ଥିଲା।

▶▶ପୃଷ୍ଠା ୭

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଆହତ

ମାଲକାନଗିରି, ୦୪/୦୭ (ନି.ପ୍ର): ଛତିଶଗଡକୁ ସଂଯୋଗ କରୁଥିବା ଟିଟିବିରି ନିକଟରେ ଦୁଇଟି ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ମାଲକାନଗିରି ଜିଲ୍ଲା ସୀମାନ୍ତ ଟିଟିବିରି ନିକଟରେ ଗତକାଲି ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍? ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଆହତ ମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତକାଲି ଛତିଶଗଡକୁ ସଂଯୋଗ କରୁଥିବା ଟିଟିବିରି ନିକଟରେ ଦୁଇଟି ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ପୁଲିସ ଓ ସ୍ଥାନୀୟ ଲୋକେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ପୁଲିସ ୨ଟି ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି। ଦୁର୍ଘଟଣାରେ ଗାଡ଼ି ଦୁଇଟି ଭାଙ୍ଗିରୁଜି ଯାଇଛି।

## ୨୦୨୪ ଲୋକସଭା ନିର୍ବାଚନ ପାଇଁ କର୍ଣ୍ଣାଟକରେ ହେବ ବିଜେପି-ଜେଡିଏସ୍ ମେଣ୍ଟ: ୟେଦୁରପ୍ପା



ବେଙ୍ଗାଲୁରୁ, ୦୪/୦୭ (ନି.ପ୍ର): ମହାରାଷ୍ଟ୍ରରେ ଜାରି ରାଜନୈତିକ ଘଟଣାକ୍ରମକୁ ନେଇ କର୍ଣ୍ଣାଟକରେ ବିଜେପି ଓ ଜେଡିଏସ୍ ବୟାନବାଜୀ ଆରମ୍ଭ କରିଦେଇଛନ୍ତି। ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି.କୁମାର ସ୍ୱାମୀ ତାଙ୍କ ବୟାନରେ ରାଜନୈତିକ ମହଲରେ ଝଡ ସୃଷ୍ଟି କରିଥିବା ବେଳେ ତାଙ୍କ ଶ୍ୱର ସହ ଶ୍ୱର ମିଳାଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍.ୟଦିୟୁରପ୍ପା। ରାଜ୍ୟ ଦୁଇ ଦିଗ୍ଗଜ ନେତାଙ୍କ ଟିପ୍ପଣୀ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ଛଡା ଆଗାମୀ ୨୦୨୪ ଲୋକସଭା ନିର୍ବାଚନ ଲାଗି ଉଭୟ ପାର୍ଟି ମେଣ୍ଟ ମଧ୍ୟ କରିପାରନ୍ତି ବୋଲି ଏହି ବୟାନରୁ ଜଣାପଡୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ.ୟଦିୟୁରପ୍ପା ମଙ୍ଗଳବାର କହିଛନ୍ତି ଯେ ଏଚ.ଡି.କୁମାର ସ୍ୱାମୀ ଯାହା କହୁଛନ୍ତି ତାହା ଭୁଲ ନୁହେଁ ଓ ମୁଁ ତାଙ୍କ ବୟାନକୁ ସମର୍ଥନ କରୁଛି। ଭବିଷ୍ୟତରେ କୁମାରସ୍ୱାମୀଙ୍କ ପାର୍ଟି ଓ ଆମେ ମିଳିମିଶି ନିର୍ବାଚନ ଲଢିବୁ। ତେବେ ଏହା ପୂର୍ବରୁ ଜେଡିଏସ୍ ନେତା ଏଚ.ଡି. କୁମାର ସ୍ୱାମୀ ସୋମବାର କହିଥିଲେ ଯେ ମହାରାଷ୍ଟ୍ରରେ ଚମକାଇବା ଭଳି ଘଟଣାକ୍ରମ ପରେ ମୁଁ ଆଶଙ୍କା କରୁଛି କର୍ଣ୍ଣାଟକରେ ମଧ କେହି ଅଜିତ ପାୱାର ହୋଇ ଉଭା ହୋଇପାରନ୍ତି। କୁମାରସ୍ୱାମୀଙ୍କ ଇଶାରା କଂଗ୍ରେସର ଦିଗ୍ଗଜ ନେତାଙ୍କ ପ୍ରତି ଥିଲା।

▶▶ପୃଷ୍ଠା ୭

## ପିସି ମାଗୁଥିବା ଯନ୍ତ୍ରୀଙ୍କୁ ପରିବା, ସାର୍ଟ ପ୍ୟାଣ୍ଟ ଦେଲେ କଂଗ୍ରେସ କର୍ମୀ

ଭୁବନେଶ୍ୱର, ୦୪/୦୭ (ନି.ପ୍ର): ଆଜି ଭୁବନେଶ୍ୱର ସ୍ଥିତ ଜଳ ସେଚନ ବିଭାଗ ଅନ୍ତର୍ଗତ ପ୍ରାଚୀ ଡିଭିଜନ ରେ କଟକ ଜ଼ିଲ୍ଲା କଂଗ୍ରେସ ର ଅଭିନବ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଜ଼ିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ଙ୍କ ନେତୃତ୍ୱ ରେ କଟକ ଜ଼ିଲ୍ଲା ର କିଛି ଚାଷୀ ଏବଂ ଅନ୍ୟାନ୍ୟ ବର୍ଗ ର ଲୋକ ପ୍ରାଚୀ ଡିଭିଜନ ର ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀ ଙ୍କ କାର୍ଯ୍ୟାଳୟ ରେ ପହଂଚି କଟକ ସଦର ବ୍ଲକ ଅନ୍ତର୍ଗତ ଖଣ୍ଡେଇତା ପଂଚାୟତ ର କେନାଲ ବନ୍ଧ ରାସ୍ତା ଓ କେନାଲ ର ବିଭିନ୍ନ ସମସ୍ୟା ସମ୍ପର୍କ ରେ ପଚରାଉଚରା କରିଥିଲେ । ଏହି ରାସ୍ତା କାମ ପାଇଁ ଉକ୍ତ ଅଧିକାରୀ ଲାଂଚ ମାଗୁଥିବାର ଅଭିଯୋଗ ଆସିଥିଲା । ମଙ୍ଗଳବାର ଶ୍ରୀ ଚୌଧୁରୀ ଏବଂ ଖଣ୍ଡେଇତା ପଂଚାୟତର ସ୍ଥାନୀୟ ବାସିନ୍ଦା ପ୍ରାଚୀ ଡିଭିଜନ

▶▶ପୃଷ୍ଠା ୭

## ଶିଖରଚଣ୍ଡୀ ପାହାଡ଼ ନଷ୍ଟ ଓ ଗଛ କଟା ମାମଲାରେ ରିପୋର୍ଟ ଦାଖଲ କଲା ତଦନ୍ତ କମିଟି

ଭୁବନେଶ୍ୱର, ୦୪/୦୭ (ନି.ପ୍ର): ଭୁବନେଶ୍ୱର ଶିଖରଚଣ୍ଡୀ ପାହାଡ଼ ନଷ୍ଟ ଏବଂ ବେଆଇନ୍ ଗଛକଟା ମାମଲାରେ ତଦନ୍ତ ପାଇଁ ଏନଜିଟିଙ୍କ ଦ୍ୱାରା ଗଠିତ କମିଟି ରିପୋର୍ଟ ଦାଖଲ କରିଛି। ଡିଏଫଓଙ୍କ ବିନା ଅନୁମତିରେ ୱାଟ୍‌କୋ ଗଛ କାଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ୱାଟ୍‌କୋ ପାଇଁ ୩ ଏକର ଜମି ଦରକାର ଥିବାବେଳେ ଇଡ୍‌କୋ ୪ ଏକର ଦେଇଛି । ୩ ଏକର ଜମିରେ ପ୍ରକଳ୍ପ, ଏକ ଏକର ଜମିରେ ବନୀକରଣ ପାଇଁ ସୁପାରିସ୍ ହୋଇଛି। ନିୟମ ଉଲ୍ଲଙ୍ଘନ ସତ୍ତ୍ୱେ ପ୍ରକଳ୍ପ ପାଇଁ ଅନୁମତି କିଭଳି ମିଳିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଏସିଏଫ୍ ସୌମ୍ୟରଂଜନ ମୃତ୍ୟୁ ମାମଲା: ପତ୍ନୀ ବିଦ୍ୟାଭାରତୀଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି

ଭୁବନେଶ୍ୱର, ୦୪/୦୭ (ନି.ପ୍ର): ଏସିଏଫ୍ ସୌମ୍ୟରଂଜନ ମୃତ୍ୟୁ ମାମଲାରେ ପତ୍ନୀ ବିଦ୍ୟାଭାରତୀଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ଗିରଫ ପାଇଁ ପାରଳାଖେମୁଣ୍ଡି ଏସଡିଜେଏମ୍ ଙ୍କ କୋର୍ଟରେ ଜାରି ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଉପରେ ରୋକ୍ ଲଗାଇଛନ୍ତି ହାଇକୋର୍ଟ। ଏହା ସହ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନନେବାକୁ ବି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆସନ୍ତା ଜୁଲାଇ ୨୭ ତାରିଖରେ ମାମଲାର ପରବର୍ତୀ ଶୁଣାଣି ହେବ। ଏହି ମାମଲାରେ ପୂର୍ବରୁ ଡିଏଫଓ ସଂଗ୍ରାମ କେଶରୀ ବେହେରାଙ୍କୁ ମଧ ଆଶ୍ୱସ୍ତି ମିଳିଥିଲା। ବିଦ୍ୟାଭରତୀ, ସଂଗ୍ରାମ କେଶରୀ ବେହେରା ଓ ପତ୍ନୀ ମନ୍ମଥ କୁମ୍ଭଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିଛନ୍ତି ପାରଳାଖେମୁଣ୍ଡି ଏସଡିଜେମ କୋର୍ଟ। ସୂଚନାଯୋଗ୍ୟ, ଏସିଏଫ୍ ସୌମ୍ୟରଞ୍ଜନ ପାରଳାଖେମୁଣ୍ଡିରେ କାର୍ଯ୍ୟରତ ଥିବାବେଳେ ୨୦୨୧ ଜୁଲାଇ ୧୧ ତାରିଖ ରାତିରେ ସରକାରୀ ବାସଭବନରେ ସନ୍ଦେହଜନକ ଭାବେ ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଥିଲେ। ୨ ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ତଦନ୍ତଭାର କ୍ରାଇମବ୍ରାଂଚକୁ ମଧ ଦିଆଯାଇଥିଲା। କ୍ରାଇମବ୍ରାଂଚ ଏହାକୁ ଏକ ଦୁର୍ଘଟଣା ଦର୍ଶାଇ ଫାଇଲ ବନ୍ଦ କରିଥିଲା। ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ର ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ ବେହେରା, ପତ୍ନୀ ବିଦ୍ୟାଭାରତୀ ଓ ରୋଷେୟାଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣି ପାରଳାଖେମୁଣ୍ଡି ଏସ୍‌ଡିଜେଏମଙ୍କ କୋର୍ଟରେରେ ପିଟିସନ୍ ଦାଏର କରିଥିଲେ।

## ମହାପ୍ରଭୁଙ୍କ ନାଁରେ ଠକେଇ: 'ଉତ୍ସବ' ପରେ 'ଶାଲିଗ୍ରାମ ଶାଳ' ଆପ୍

ପୁରୀ, ୦୪/୦୭ (ନି.ପ୍ର): ଶାଲିଗ୍ରାମ୍ ଡଟ୍ କମ୍ ନାଁରେ ଖୋଲିଥିବା ୱେବସାଇଟରେ ବ୍ରାହ୍ମଣ ଭୋଜନବେଳର ଏକ ଫଟୋ ପକାଯାଇ ଦର ସ୍ଥିର କରାଯାଇଛି। ଯେମିତିକି ୧୧ ଜଣ ବ୍ରାହ୍ମଣଙ୍କୁ ଭୋଜନ ଦେବାକୁ ଚାହିଁଲେ ୬ ହଜାର ଟଙ୍କା ଅର୍ଥାତ୍ ୭୯ ଆମେରିକୀୟ ଡଲାର ଦେବାକୁ ପଡ଼ିବ। ଥମୁନି ମହାପ୍ରଭୁ ଜଗନ୍ନାଥଙ୍କ ନାଁରେ ଅନ୍‌ଲାଇନ ଠକେଇ। 'ଉତ୍ସବ' ପରେ 'ଶାଲିଗ୍ରାମ୍ ଶାଳ' ନାମକ ଆଉ ଏକ ଆପ୍। ଯେଉଁ ସଂସ୍ଥା ମହାପ୍ରଭୁଙ୍କ ନାଁରେ ଶ୍ରଦ୍ଧାଳୁଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ମହାପ୍ରଭୁଙ୍କ ପୂଜା, ହୋମଯଜ୍ଞ, ବ୍ରାହ୍ମଣ ଭୋଜନ ଆଦି ନାଁରେ ଅନ୍‌ଲାଇନରେ ବିଜ୍ଞାପନ ଦେଇ ଚଢ଼ା ଦାମ୍‌ରେ ଚଳାଇଛି ଚିଟିଂ। ଏହା ବିରୋଧରେ ସିଂହଦ୍ୱାର ଥାନାରେ ଆଜି ଲିଖିତ ଅଭିଯୋଗ ହୋଇଛି। ଶାଲିଗ୍ରାମ୍ ଡଟ୍ କମ୍ ନାଁରେ ଖୋଲିଥିବା ୱେବସାଇଟରେ ବ୍ରାହ୍ମଣ ଭୋଜନବେଳର ଏକ ଫଟୋ ପକାଯାଇ ଦର ସ୍ଥିର କରାଯାଇଛି।

▶▶ପୃଷ୍ଠା ୭

## ମାନହାନୀ ମକଦ୍ଦମାରେ ରାହୁଲଙ୍କୁ ଆଶ୍ୱସ୍ତି



ରାଞ୍ଚି ୦୪/୦୭: ମାନହାନି ମକଦ୍ଦମାରେ ଫସିଥିବା ରାହୁଲ ଗାନ୍ଧୀଙ୍କୁ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟରୁ ଆଶ୍ୱସ୍ତି ମିଳିଛି। ପ୍ରକୃତରେ ମଙ୍ଗଳବାର ହାଇକୋର୍ଟରେ ଶୁଣାଣି ବେଳେ ରାହୁଲଙ୍କ ବିରୋଧରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନକୁ କୋର୍ଟ ରୋକ ଲଗାଇଛନ୍ତି। ଆସନ୍ତା ଅଗଷ୍ଟ ୧୬ରେ ହାଇକୋର୍ଟ ଏହି ମାମଲାର ପରବର୍ତ୍ତି ଶୁଣାଣି କରିବେ। ସୂଚନାଥାଉକି, ୨୦୧୯ରେ କର୍ଣ୍ଣାଟକର ଏକ ଜନ ସଭାରେ ସମ୍ବୋଧନ କଲାବେଳେ ରାହୁଲ କହିଥିଲେଯେ, ସମସ୍ତ ଚୋରଙ୍କର ଟାଇଟେଲ୍ ? ମୋଦୀ କାହିଁକି ? ତାଙ୍କର ଏହି ବୟାନ ପାଇଁ ଦେଶର ବିଭିନ୍ନ ଜାଗାରେ ମାନହାନୀ ମକଦ୍ଦମା ରୁଜୁ ହୋଇଥିଲା। ରାହୁଲ ଗାନ୍ଧୀଙ୍କ ବିରୋଧରେ ହୋଇଥିବା ମାନହାନୀ ମକଦ୍ଦମାରେ ଝାଡ଼ଖଣ୍ଡ ହାଇକୋର୍ଟର ବିଚାତରପତି ସଞ୍ଜୟ କୁମାର ଦ୍ୱିବେଦୀ ଶୁଣାଣି କରିଛନ୍ତି। ଅଦାଲତ ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ଯାଚିକା ଦାୟର କରିଥିବା ପ୍ରଦୀପ ମୋଦୀଙ୍କୁ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଅଦାଲତ ରାହୁଲଙ୍କୁ ଆଶ୍ୱସ୍ତି ପ୍ରଦାନ କରି ଆସନ୍ତା ଶୁଣାଣି ପର୍ଯ୍ୟନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଉପରେ ରୋକ ଲଗାଇଛନ୍ତି। ରାହୁଲ ଗାନ୍ଧୀଙ୍କୁ ତାଙ୍କ ବୟାନ କାରଣରୁ ସୁରତ ସେସନ୍ସ କୋର୍ଟରୁ ଦୁଇ ବର୍ଷ ପାଇଁ ସଜା ମିଳିଛି। ଏଥିପାଇଁ ଜନପ୍ରତିନିଧି ନିୟମ ଅନୁସାରେ ତାଙ୍କର ସଦସ୍ୟ ପଦ ମଧ ରଦ୍ଦ ହୋଇଛି। ରାଞ୍ଚିରେ ବିଜେପି ନେତା ପ୍ରଦୀପ ମୋଦୀ ରାହୁଲଙ୍କ ନାରେ ମାନହାନୀ ମକଦ୍ଦମା ରୁଜୁ କରିଥିଲେ। ସେହି ମାମଲାର ଶୁଣାଣି ଏମପି-ଏମଏଲଏ କୋର୍ଟରେ ଚାଲୁଥିଲା। ଏମପି ଏମଏଲଏ କୋର୍ଟ ରାହୁଲଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ଫୈସଲାକୁ ରାହୁଲ ଗାନ୍ଧୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ମାମଲାରେ ମଙ୍ଗଳବାର ହାଇକୋର୍ଟରେ ଶୁଣାଣି ହୋଇଛି।

### ବାହାନଗା ଟ୍ରେନ୍ ଟ୍ରାଜେଡି

## ସିଗନାଲ୍‌ରେ ତ୍ରୁଟି ଓ ଷ୍ଟେସନ ମାଷ୍ଟରଙ୍କ ଅବହେଳା ଦୁର୍ଘଟଣାର ବଡ଼ କାରଣ



ବାଲେଶ୍ୱର, ୦୪/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗାରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାକୁ ନେଇ ଆସିଛି ସାଂଘାତିକ ତଥ୍ୟ। ସିଗନାଲ୍ ଓ ଟେଲିକମ୍ ଡିପାର୍ଟମେଣ୍ଟର ଏକାଧିକ ତ୍ରୁଟି ପାଇଁ ଘଟିଥିଲା ଏହି ଦୁର୍ଘଟଣା। ରେଲୱେ ସୁରକ୍ଷା କମିଶନର (ସିଆରଏସ୍) ରେଲବୋର୍ଡ ନିକଟରେ ଦାଖଲ କରିଥିବା ରିପୋର୍ଟରେ ଏହି କଥା ଉଲ୍ଲେଖ କରିଛନ୍ତି। ରିପୋର୍ଟରେ ଏହି ଦୁର୍ଘଟଣା ପାଇଁ ବାହାନଗା ବଜାର ଷ୍ଟେସନ ମାଷ୍ଟର ଏସ୍.ବି ମହାନ୍ତିଙ୍କ ଅବହେଳାକୁ ମଧ ଦାୟୀ କରାଯାଇଛି। ସିଆରଏସ୍ ତଦନ୍ତ ରିପୋର୍ଟରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ପଦ୍ଧତିରେ ତ୍ରୁଟି ଥିବା ଦର୍ଶାଯାଇଛି। ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ପରିବର୍ତ୍ତନ କଲେ ୧୪ ସେକେଣ୍ଡରେ ସିଗନାଲ ପରିବର୍ତ୍ତନ ହେବା କଥା। ହେଲେ ଦୁର୍ଘଟଣା ଦିନ ସିଗ୍ନାଲରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଇଥିଲା। ସିଗନାଲ ପରିବର୍ତ୍ତନ ପାଇଁ ୩୭ ସେକେଣ୍ଡ ସମୟ ନେଇଥିଲା। ଏଭଳି ଅସ୍ୱାଭାବିକ ପରିବର୍ତ୍ତନକୁ ଅଣଦେଖା କରିଥିଲେ ଷ୍ଟେସନ ମାଷ୍ଟର ଏସ୍.ବି ମହାନ୍ତି। ଅସ୍ୱାଭାବିକ ପରିବର୍ତ୍ତନ ନେଇ ଷ୍ଟେସନ ମାଷ୍ଟର ରିପୋର୍ଟ କରିବାର ଥିଲା। ରିପୋର୍ଟ କରିବା ସହ କରମଣ୍ଡଳ ଏକ୍ସପ୍ରେସକୁ ରୋକିବାର ଥିଲା। ହେଲେ ଷ୍ଟେସନ ମାଷ୍ଟର ଏହା କରି ନଥିଲେ। ଯାହାଫଳରେ ଦୁର୍ଘଟଣା ଘଟିଥିଲା। ବାହାନଗା ବଜାର ଷ୍ଟେସନର ଆଧୁନିକୀକରଣକୁ ଗୁରୁତ୍ୱ ଦିଆଯାଇନି ବୋଲି ସିଆରଏସ୍ ତଦନ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

▶▶ପୃଷ୍ଠା ୭

## କାରରୁ ୮୫ କେଜି ଗଞ୍ଜେଇ ଜବତ: ଚାଳକ ଗିରଫ

ଗଞ୍ଜାମ, ୦୪/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ପୋଲିସ ବିଦ୍ୟୁତ ସବଷ୍ଟେସନ ନିକଟରୁ ଆଜି ଏକ କାରରୁ ୮୫ କେଜି ଗଞ୍ଜେଇ ଜବତ କରିଛି । ଘଟଣାରେ କାର୍ ର ଚାଳକ ଗଜପତି ଜିଲ୍ଲା ମୋହନାର ଚନ୍ଦନ ମଲ୍ଲିକକୁ ଗିରଫ କରିଛି । ଗଜପତିରୁ ବ୍ରହ୍ମପୁର ଏହି ଗଞ୍ଜେଇ ଚାଲାଣ କରାଯାଉଥିବା ନେଇ ସୂଚନା ମିଳିବା ପରେ ପୋଲିସର ଏକ ଟିମ୍ ଖେମୁଣ୍ଡି ମହାବିଦ୍ୟାଳୟ ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ କାର୍ କୁ ଅଟକାଇ ଯାଂଚ୍ କରିଥିଲା । ଯାଂଚ୍ ବେଳେ କାର୍ ରୁ ୮୫ କେଜି ଗଞ୍ଜେଇ ଜବତ ହୋଇଥିଲା । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି ।

# ରାଜଧାନୀ ବଜାରରେ ଅଦା କିଲେ ୩୦୦: ବଜାରରେ ନାହିଁ ଓଡ଼ିଶା ଅଦା



ଭୁବନେଶ୍ୱର , ୦୪/୦୭ (ନି.ପ୍ର): ରାଜଧାନୀ ବଜାରରେ କିଲୋ ୩୦୦ ଟଙ୍କାରେ ବିକ୍ରି ହେଉଛି ଅଦା। ଅବସ୍ଥା ଏଭଳି ହେଲାଣି ଯେ ଗରିବ ଓ ମଧ୍ୟବିତ୍ତ ପରିବାର ଏହା ଉପରୁ ମୁହଁ ଫେରାଇ ନେଇଛନ୍ତି। ବର୍ଷ ତମାମ କୋରାପୁଟ ଚାଷୀ ୮ରୁ ୧୦ ଟଙ୍କାରେ ବ୍ୟବସାୟୀଙ୍କୁ ଅଦା ବିକ୍ରି କରନ୍ତି। ଗତ ମାସରେ ବ୍ୟବସାୟୀମାନେ ୧୬୦ରୁ ୨୦୦ ଟଙ୍କାରେ ଓଡ଼ିଶା ଅଦା କ୍ରୟ କରି ନେଇଥିଲେ। ଏଥିଯୋଗୁଁ ଚାଷୀଙ୍କ ଖୁସି କାହିଁରେ କେତେ ବଢ଼ି ଯାଇଥିଲା। କିନ୍ତୁ ସେହି ଅଦା ଉତ୍ତରପ୍ରଦେଶକୁ ବିହନ ଭାବରେ ବ୍ୟବହାର ପାଇଁ ବିକ୍ରି କରି ଦିଆଗଲା। ଫଳରେ ବର୍ତ୍ତମାନ ଓଡ଼ିଶା ବଜାରରେ ସ୍ଥାନୀୟ ଅଦା ନଥିବାରୁ ଦର ଲଗାମ ଛଡ଼ା ହୋଇ ଯାଇଛି। ଆଇଗିଣିଆ ପାଇକାରୀ ବ୍ୟବସାୟୀ ସଂଘ ସଭାପତି ଶକ୍ତି ମିଶ୍ରଙ୍କ କହିବା ଅନୁସାରେ, ଓଡ଼ିଶାକୁ ବର୍ଷକୁ ୧ ଲକ୍ଷ ମେଟ୍ରିକ ଟନ୍ ଅଦାର ଆବଶ୍ୟକତା ରହିଛି। ଗୁଣାତ୍ମକ ମାନ ଦୃଷ୍ଟିରୁ କୋରାପୁଟ ଅଦାର ବିଶେଷ ଚାହିଦା ରହିଛି। ଏହା ସତ୍ତ୍ୱେ ବର୍ତ୍ତମାନ ବଜାରକୁ ଓଡ଼ିଶା କିମ୍ବା କୋରାପୁଟ ଅଦା ଆସିପାରୁ ନାହିଁ। ବରଂ ସିଲିଗୁଡ଼ିର ଅଦା ଆସୁଛି। ଯୋଗାଣ ଅନୁସାରେ ଚାହିଦା ଅଧିକ ଥିବାରୁ ଦର ଉପରେ ମଧ୍ୟ ଲଗାମ ଲଗାଯାଇ ପାରୁ ନାହିଁ। କୃଷି ବିଭାଗର ସୂଚନା ଅନୁସାରେ, ରାଜ୍ୟରେ ୧୧ ହଜାର ହେକ୍ଟର ଜମିରେ ଅଦା ଚାଷ ହୋଇ ସମୁଦାୟ ମାତ୍ର ୩୯ ହଜାର ମେଟ୍ରିକ ଟନ୍ ଉତ୍ପାଦନ ହୋଇଥାଏ। ତେଣୁ ଯେଉଁ ସମୟରେ ସ୍ଥାନୀୟ ଉତ୍ପାଦନ ବଜାରକୁ ଆସି ପାରୁନାହିଁ ଦର ଏଭଳି ଅଚାନକ ବଢ଼ାଇ ଦିଆଯାଉଥିବା କିଛି ବିଶେଷଜ୍ଞ ମତ ଦେଉଛନ୍ତି। ଚାଷୀଙ୍କ କହିବା ଅନୁସାରେ, ଅଦା ଉତ୍ପାଦନ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ହେକ୍ଟର ପିଛା ୨ ଲକ୍ଷ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଏ। ଉପର ଠାଉରିଆ ଭାବେ ଦେଖିଲେ, ଏହା ରାଜ୍ୟ ସରକାରଙ୍କ ଚାଷୀ ସପକ୍ଷବାଦୀ ନୀତି। କିନ୍ତୁ ବାସ୍ତବତା ହେଲା, ୨ ଲକ୍ଷ ୫୦ ହଜାର ଟଙ୍କା ମଧ୍ୟରୁ ପ୍ରାୟ ୨ ଲକ୍ଷ ୧୫ ହଜାର ଟଙ୍କା କେବଳ ବିହନରେ ଖର୍ଚ୍ଚ ହୁଏ। ଯାହା ସରକାର ଚାଷୀଙ୍କୁ ଦେଇଥାଆନ୍ତି। ଅଦା ବିହନ ଉତ୍ପାଦନରେ କୋରାପୁଟ ଏବଂ ରାୟଗଡ଼ାରେ ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ଅଦା ବିହନ ଏଠାରେ ଉତ୍ପାଦିତ ହୁଏ ନାହିଁ। ତାହା ଉତ୍ତରପ୍ରଦେଶରୁ ଆସିଥାଏ। ଚଳିତ ବର୍ଷ ପୁଣି ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଆବଶ୍ୟକତା ଅନୁସାରେ ଅଦା ବିହନ ଯୋଗାଣ କରାଯାଇ ପାରିନଥିବାରୁ ଚାଷ ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁଁ ଉତ୍ପାଦନ ବାଧାପ୍ରାପ୍ତର ଆଶଙ୍କା ରହିଛି। ଦ୍ୱିତୀୟତଃ ଅଦା ଋତୁକାଳୀନ ଫସଲ। ଶୀତରେ ଏହା ଉତ୍ପାଦିତ ହେଉଥିଲେ ମଧ୍ୟ ଖରା ଦିନ ପର୍ଯ୍ୟନ୍ତ ଚାଷୀମାନେ ମାଟିରେ ଗଚ୍ଛିତ କରି ରଖିପାରନ୍ତି। ବର୍ଷା ଦିନରେ ଏହାର ସଂରକ୍ଷଣ ଏବଂ ମାର୍କେଟିଂ ପାଇଁ ଚାଷୀ ସରକାରଙ୍କ ଉପରେ ନିର୍ଭରଶୀଳ। ଦେଶ ତମାମ ଓଡ଼ିଶା ଅଦାର ଚାହିଦା ବଢ଼ିବାରେ ଲାଗିଛି। ମାତ୍ର ରାଜ୍ୟ ସରକାର ଏହାର ଫାଇଦା ନେଇ ଅଧିକ ଉତ୍ପାଦନ ପାଇଁ ଠୋସ ନୀତି ଗ୍ରହଣ କରିବା ବଦଳରେ ଏଭଳି ଅବସ୍ଥା ସୃଷ୍ଟି କରାଯାଉଛି ଯେଉଁଠି ଉଭୟ ଚାଷୀ ଏବଂ ଖାଉଟି କ୍ଷତିଗ୍ରସ୍ତ ହେଉଛନ୍ତି।

# ଦୋରାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବନ ମହୋତ୍ସବ- ୨୦୨୩ ଉଦ୍‌ଘାଟିତ

ମାଲକାନଗିରି , ୦୪/୦୭ (ନି.ପ୍ର): ଓଡ଼ିଶା ସରକାରଙ୍କ ବନ ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ଆନୁକୁଲ୍ୟରେ ସୋମନାଥପୁର ବନ ବିଭାଗ ଓ ବ୍ଲକ ଶିକ୍ଷା ଅଧିକାରୀ ଚିତ୍ରକୋଣ୍ଡାଙ୍କ ମିଳିତ ସହଯୋଗରେ ଦୋରାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ୨୦୨୩ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ଦୋରାଗୁଡା ରାଜସ୍ୱ ଗ୍ରାମ ଅନ୍ତର୍ଭୁକ୍ତ ସମସ୍ତ ଗ୍ରାମବାସୀ, ଜଙ୍ଗଲ ସଂରକ୍ଷଣ ଦାୟିତ୍ୱରେ ନିୟୋଜିତ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ତଥା ନିର୍ବାଚିତ ଜନ ପ୍ରତିନିଧି ଯୋଗଦାନ କରି ଉତ୍ସବକୁ ସଫଳ କରିଥିଲେ। ଆୟୋଜିତ ବୈଠକରେ କୁଡୁମୁଲୁଗୁମ୍ମା ମାଟିର ଯୁବ କବି ତଥା ସାହିତ୍ୟିକ, ଶିକ୍ଷକ ବଳରାମ ପୂଜାରୀ ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାଧବ ମାଢୀ, ସମ୍ମାନୀତ ଅତିଥି ଭାବେ ୱାଡ଼ମେମ୍ବର ହରି ମାଢୀ, ତ୍ରିନାଥ ମାଢୀ, ସୟନ୍ଧ ମାଢୀ, ମାଧ୍ୱ ଆଦବାରୀ, ଭକ୍ତ ଦାଶା, ବନ ମହୋତ୍ସବର ଆବାହକ ଶଶାଙ୍କ କୁମାର ଦାଶ, ଫରେଷ୍ଟ ଗାର୍ଡ, ସୋମନାଥପୁର ସେକ୍ସନ, ସ୍ନିଗ୍ଧା ପ୍ରୀୟଦର୍ଶିନୀ ନାୟକ, ଫରେଷ୍ଟ ଗାର୍ଡ, ସୋମନାଥପୁର ସେକ୍ସନ, ସସ୍ମିତା ବେହେରା, ଫରେଷ୍ଟ ଗାର୍ଡ, ହାତିଆମ୍ବ ବିଟ୍, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦୁମତୀ ମାଢୀ ଓ ସହକାରୀ ଶିକ୍ଷୟିତ୍ରୀ ମାଳାବିକା ସ୍ୱାଇଁ ଉପସ୍ଥିତ ଥିଲେ। ଶିକ୍ଷକ ତଥା କବି ଶ୍ରୀ ପୂଜାରୀ ବୈଠକରେ ପୌରହିତ୍ୟ କରି ସାମ୍ପ୍ରତିକ ସ୍ଥିତିରେ ଜଙ୍ଗଲ ଓ ଜଙ୍ଗଲ ଜନ୍ତୁ ମାନଙ୍କୁ ସୁରକ୍ଷା କେତେ ଯେ ଜରୁରୀ ହୋଇପଡିଛି, ଉପସ୍ଥାପନା କରିବା ସହ, ବୃକ୍ଷରୋପଣ କରି ପୁନଶ୍ଚ ପୃଥିବୀ ପୃଷ୍ଠକୁ ସବୁଜିମାରେ ଭରିଦେବାକୁ ଆହ୍ୱାନ ଦେଇଥିଲେ। ଆବାହକ ତଥା ବନରକ୍ଷୀ ଶଶାଙ୍କ କୁମାର ଦାଶ ଜଙ୍ଗଲ ଓ ଏହାର ମଣିଷ ସମାଜ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ସାମାଜିକ ବନୀକରଣରେ ଜନସାଧାରଣଙ୍କ ପ୍ରମୁଖ ଭୂମିକା ବିଷୟରେ ଆଲୋଚନା କରିଥିଲେ। ବନରକ୍ଷୀ ସ୍ନିଗ୍ଧାରାଣୀ ପ୍ରୀୟଦର୍ଶନୀ ନାୟକ ଉପସ୍ଥିତ ଲୋକମାନଙ୍କୁ ବୃକ୍ଷରୋପଣ ସହ ଉପଯୁକ୍ତ ଯତ୍ନ ନେଲେ ହିଁ'' ମଣିଷ ସମାଜ ଓ ଏ ପୃଥିବୀ ରକ୍ଷା ପାଇବ ବୋଲି ମତପୋଷଣ କରିବା ସହ ମାଲକାନଗିରି ଜିଲ୍ଲା ବନଖଣ୍ଡ ଅଧିନରେ ସମସ୍ତ ଗ୍ରାମରେ ବ୍ୟାପକ ବୃକ୍ଷରୋପଣ କରି ସମଗ୍ର ମାଲକାନଗିରି ଜିଲ୍ଲାକୁ ତା''ର ସବୁଜିମା ଫେରାଇବାକୁ ଉଦ୍‌ବୋଧନ ଦେଇଥିଲେ। ଯୁବ ସଂଗଠକ ତ୍ରିନାଥ ମାଢୀ ସମଗ୍ର ଦୋରାଗୁଡା ଅଂଚଳରେ ବ୍ୟାପକ ଫଳଗଛ ଲଗାଇବା ସହ ଆଗାମୀ ପିଢ଼ି ମାନଙ୍କ ଭବିଷ୍ୟତ ନିର୍ଦ୍ଧାରଣରେ ବର୍ତ୍ତମାନ ଯୁବ ପିଢିଙ୍କ ଅବଦାନକୁ ମନେ ପକାଇଦେଇଥିଲେ।

## ପୋଖରୀରେ ବୁଡି ମହିଳାଙ୍କ ମୃତ୍ୟୁ

ଖୋର୍ଦ୍ଧା, ୦୪/୦୭ (ନି.ପ୍ର): ପୋଖରୀରେ ବୁଡି ମହିଳାଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ସାନ୍ତରାପୁରରେ । ସୂଚନା ମୁତାବକ, ସାନ୍ତରାପୁର ସହିଦ ନଗର ବାସିନ୍ଦା ବାବୁ ପଣ୍ଡାଙ୍କ ପତ୍ନୀ ଟିକିନି ପଣ୍ଡା (୩୫) ସୋମବାର ସକାଳେ ନିକଟସ୍ଥ ମଙ୍ଗେଇ ପୋଖରୀରେ ଗାଧୋଉଥିଲେ। ତେବେ ଗାଧୋଇବା ସମୟରେ ଅସାବଧାନତାବଶତଃ ତାଙ୍କର ଗୋଡ ଖସି ଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟ ଜଣେ ମହିଳା ଏହା ଦେଖି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ପୋଖରୀ ମଧ୍ୟରେ ଖୋଜାଖୋଜି କରିଥିଲେ ମଧ୍ୟ ଟିକିନିଙ୍କ କୌଣସି ପତା ପାଇନଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ପୋଖରୀରେ ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ମହିଳାଙ୍କୁ ମୁର୍ମୁଷୁ ଅବସ୍ଥାରେ ଉଦ୍ଧାର କରି ବାଲୁଗାଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ।

# ଶକ୍ତି ସଞ୍ଚୟ ନାଁରେ ଦୁର୍ନୀତି : ବିଏମ୍‌ସିରେ ନାହାନ୍ତି 'ଇଣ୍ଡିପେଣ୍ଡେଣ୍ଟ ଏନର୍ଜି ଅଡିଟର', ଠିକାସଂସ୍ଥାଙ୍କ ସହ ଅଧିକାରୀଙ୍କ ଭାଗଚାଷ ଅଭିଯୋଗ



ଭୁବନେଶ୍ୱର, ୦୪/୦୭ (ନି.ପ୍ର): ଶକ୍ତି ସଞ୍ଚୟ ନାଁରେ ବିଏମ୍‌ସିରେ ଦୁର୍ନୀତି ଚାଲିଛି। ୮୦ ପ୍ରତିଶତ ପର୍ଯ୍ୟନ୍ତ ବିଜୁଳି ବଞ୍ଚାଇବା ବା ବିଜୁଳି ବିଲ୍‌ରେ ପୂର୍ବାପେକ୍ଷା ୮୦ ପ୍ରତିଶତ ଟଙ୍କା ବଞ୍ଚାଇବା ଚୁକ୍ତି କରିଥିବା ସଂସ୍ଥାକୁ କେହି ଜଗିବାକୁ ନାହାନ୍ତି। ଅଧିକାରୀ ସଂସ୍ଥା ସହ ହାତ ମିଶାଇଥିବାରୁ ମୋଟା ଅଙ୍କର ଅର୍ଥ ବାଟ ମାରଣା ହେଉଛି। ୧୦ ବର୍ଷ ଧରି ଠିକା ସଂସ୍ଥା ଶକ୍ତି ସଞ୍ଚୟ ନାମରେ ହରିଲୁଟ୍ କରୁଥିଲେ ମଧ୍ୟ ଜଗିବା ପାଇଁ ବିଏମ୍‌ସି ଯେଉଁ 'ଇଣ୍ଡିପେଣ୍ଡେଣ୍ଟ ଏନର୍ଜି ଅଡିଟର' ନିଯୁକ୍ତ କରିବା କଥା ତାହା କରିନାହିଁ। ସୋଡିୟମ ବଲ୍‌ବ୍ ହଟାଇ ଲଗାଯାଇଥିବା ଏଲ୍‌ଇଡି ବଲ୍‌ବ୍‌ର ଦକ୍ଷତା ମାପିବା ପାଇଁ ବର୍ଷକୁ ଦୁଇଥର ହେବାକୁ ଥିବା 'ଲକ୍ସ ଲେଭେଲ୍ ମେଜରମେଣ୍ଟ' ୧୦ ବର୍ଷ ମଧ୍ୟରେ ଥରୁଟିଏ ହୋଇ ନାହିଁ। ଗୋଟିଏ ଅନାମଧେୟ ସଂସ୍ଥା ବର୍ଷ ବର୍ଷ ଧରି ବିଦ୍ୟୁତ ବଲ୍‌ବ୍ ଯୋଗାଇ ଚାଲିଛି। କେଉଁଠି ଷ୍ଟ୍ରିଟ୍‌ଲାଇଟ୍ ଜନିତ ସମସ୍ୟା ହେଲେ ତାହାକୁ ୪୮ ଘଣ୍ଟା ମଧ୍ୟରେ ମରାମତି କରିବାକୁ ଦୁଇଟି ସଂସ୍ଥା ବିଏମ୍‌ସି ସହ ଚୁକ୍ତି କରିଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ମରାମତି ନ ହେଲେ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବାକୁ ଚୁକ୍ତି ରହିଥିଲେ ମଧ୍ୟ ଆଜି ଯାଏଁ ଟଙ୍କାଟିଏ ଆଦାୟ ହୋଇ ନାହିଁ। ସବୁଠାରୁ ବଡ଼ କଥା ହେଉଛି ବିଏମ୍‌ସିର ଏହି ବିଜୁଳି ଉପବିଭାଗ ଦାୟିତ୍ୱରେ ଯେଉଁ ଇଞ୍ଜିନିୟର ଅଛନ୍ତି ସେ ସିଭିଲ୍ ଇଞ୍ଜିନିୟର। ଏଣୁ ବର୍ଷ ବର୍ଷ ଧରି ଏହି ବ୍ୟବସ୍ଥାରେ ହରିଲୁଟ୍ ଚାଲିଥିଲେ ମଧ୍ୟ ଧରିବାକୁ କେହି ନାହାନ୍ତି ବୋଲି ଅଭିଯୋଗ ହୋଇଛି। ସହର ସାରା ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍‌ରେ ସୋଡିୟମ ବଲ୍‌ବ୍ ଲାଗିଥିବାରୁ ଅଧିକ ବିଲ୍ ଆସୁଥିଲା। ଏଣୁ ଏ ସବୁକୁ ବଦଳାଇ ଏଲ୍‌ଇଡି ଲଗାଇଲେ ଶକ୍ତି ସଞ୍ଚୟ ହେବା ସହ ବିଲ୍ ବାବଦକୁ ଯାଉଥିବା କୋଟି କୋଟି ଟଙ୍କା ବିଏମ୍‌ସିର ସଞ୍ଚୟ ହେବ। ଏଭଳି ଚିନ୍ତା କରି ବିଏମ୍‌ସି ୨୦୧୩ ମସିହାରେ ପିପିପି ମୋଡ୍‌ରେ 'ଏନର୍ଜି ସେଭିଂ ମୋଡ୍ ପ୍ରକଳ୍ପ'ର ପରିକଳ୍ପନା କରିଥିଲା। ଏଥିପାଇଁ ବିଏମ୍‌ସି ସୁପର ୱେଲ୍ଥ ଫାଇନାନ୍‌ସିଆଲ୍ ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ ସହ ୨୦୧୩ ମସିହାରେ ୧୦ ବର୍ଷ ପର୍ଯ୍ୟନ୍ତ ଚୁକ୍ତି କରିଥିବା ବେଳେ ଓ ନିଲ୍ ପ୍ରାଇଭେଟ୍ ଲିମିଟେଡ୍ ସହ ୨୦୧୭ରେ ୭ ବର୍ଷ ପର୍ଯ୍ୟନ୍ତ ଚୁକ୍ତି କରିଥିଲା। ଏହି ଦୁଇଟି ଠିକା ସଂସ୍ଥା ଲାଇଟ୍ ଲଗାଇବା ସହ ସମସ୍ତ ପ୍ରକାରର ରକ୍ଷଣାବେକ୍ଷଣ କରିବେ। ବିଏମ୍‌ସିକୁ ପୂର୍ବାପେକ୍ଷା ୮୦.୦୨ ପ୍ରତିଶତ କମ୍ ବିଲ୍ ପୈଠ କରିବାକୁ ହେବ। ଏଥିରୁ କମିଲେ ସଂସ୍ଥାମାନେ ଜରିମାନା ଦେବେ, ଏଥିରୁ ଭଲ ପ୍ରଦର୍ଶନ କଲେ ବିଏମ୍‌ସି ଇନ୍‌ସେଣ୍ଟିଭ୍ ଦେବ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ବିଏମ୍‌ସି 'ଇଣ୍ଡିପେଣ୍ଡେଣ୍ଟ ଏନର୍ଜି ଅଡିଟର(ଆଇଇଏ)' ନିଯୁକ୍ତ କରିବ। ପ୍ରତ୍ୟେକ ଦିନ ଏହି ସଂସ୍ଥାମାନଙ୍କର ପ୍ରଦର୍ଶନର ରେକର୍ଡ କରାଯିବ। ଏହି ଇଇଏ ରିପୋର୍ଟ ଆଧାରରେ ବିଏମ୍‌ସି ଏମାନଙ୍କ ଠାରୁ ଜରିମାନା ଆଦାୟ କରିବ କିମ୍ବା ଇନ୍‌ସେଣ୍ଟିଭ୍ ଦେବ। ୧୦ ବର୍ଷ ମଧ୍ୟରେ ବିଏମ୍‌ସି ୨୦୧୮, ୨୦୧୯ ଓ ୨୦୨୦ ମସିହା ଏଭଳି ତିନି ବର୍ଷରେ ସୁପରୱେଲ୍ଥ ଫାଇନାନ୍‌ସିଆଲ୍ ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ ଠାରୁ ୬ କୋଟି ୩ ଲକ୍ଷ ୧୬ ହଜାର ୬୮୦ ଟଙ୍କା ଜରିମନା ବାବାଦରେ ଆଦାୟ କରିଛି। ଏହି ଜରିମାନା ଆଦାୟ ବି ସନ୍ଦେହ ଘେରରେ। ବିଏମ୍‌ସିରେ ଆଇଇଏ ନିଯୁକ୍ତି ହୋଇ ନଥିଲା ବେଳେ ଏହି ଜରିମାନା ଆଦାୟ ପାଇଁ କିଏ ସୁପାରିସ୍ କଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ମାଲକାନଗିରି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, ୦୪/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁରାଧା ମହାନ୍ତିଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତୀ ମହାନ୍ତିଙ୍କ କର୍ତ୍ତବ୍ୟନିଷ୍ଠା ଓ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଅବସରକାଳୀନ ସମୟ ପାଇଁ ଶୁଭେଚ୍ଛା ଜଣାଇ ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ଯେ, ମାଲକାନଗିରିରେ ଖୁବ୍ କମ୍ ସମୟର ରହଣି ମଧ୍ୟରେ ତାଙ୍କର ଉତମ କାର୍ଯ୍ୟଦକ୍ଷତା ସମସ୍ତଙ୍କୁ ପ୍ରେରଣା ଯୋଗାଇବ । ସେହିପରି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଧକ୍ଷ ତଥା ଉପ ଜିଲ୍ଲାପାଳ, ଡଃ. ଅକ୍ଷୟ କୁମାର ଖେମୁଣ୍ଡୁ ଉପସ୍ଥିତ ରହି ଶ୍ରୀମତୀ ମହାନ୍ତିଙ୍କ ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ଉତମ ପ୍ରଦର୍ଶନ ରହିଥିଲା ବୋଲି କହିଛନ୍ତି । ଜିଲ୍ଲାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଗୁଡିକର ପ୍ରଦର୍ଶନ ଉତମ ରହିଥିବାରୁ ରାଜ୍ୟ ସ୍ତରରେ ସେ ପୁରସ୍କୃତ ହୋଇଥିଲେ, ଯାହା ଜିଲ୍ଲା ପାଇଁ ଗର୍ବର ବିଷୟ ଥିଲା ବୋଲି ଉପ ଜିଲ୍ଲାପାଳ କହିଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଭାବବିହ୍ୱଳ ହୋଇ ଶ୍ରୀମତୀ ମହାନ୍ତି କହିଥିଲେ ଯେ, ତାଙ୍କର କର୍ମମୟ ଜୀବନରେ ମାଲକାନଗିରି ଜିଲ୍ଲାରେ କର୍ତ୍ତବ୍ୟ ସମ୍ପାଦନ କରିବା ତାଙ୍କ ଜୀବନର ଶ୍ରେଷ୍ଠ ଏବଂ ଅଭୁଲା ମୁହୂର୍ତ୍ତ ହୋଇ ରହିବ। ଆଦିବାସୀ ଅଧ୍ୟୁଷିତ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଜିଲ୍ଲାରେ କାମ କରିବାର ସୁଯୋଗ ମିଳିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ ବୋଲି କହିଛନ୍ତି। ସୂଚନା ଥାଉ କି, ଶ୍ରୀମତୀ ମହାନ୍ତି ସମ୍ବଲପୁର ଜିଲ୍ଲାର ବାମରା ବ୍ଲକରୁ ୨୦ ଅଗଷ୍ଟ ୧୯୮୭ରେ ନିଜର ବୃତିଗତ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୫ ବର୍ଷର ବୃତିଗତ ଜୀବନରେ ସେ ସମ୍ବଲପୁର, ବଲାଙ୍ଗୀର, କନ୍ଧମାଳ ଏବଂ ମାଲକାନଗିରି ଜିଲ୍ଲାରେ ସୁଚାରୁ ରୂପେ ଦାୟିତ୍ୱ ସମ୍ପନ୍ନ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ର ସର୍ବୋତ୍ତମ ପରିଚାଳନା ଉପରେ ଜାତୀୟ ଦକ୍ଷିଣାଂଚଳ ରାଜ୍ୟ କର୍ମଶାଳା

ସୁବର୍ଣ୍ଣପୁର, ୦୪/୦୭ (ନି.ପ୍ର) :ଜୁନ ୩୦ ଓ ଜୁଲାଇ ୦୧ ଦୁଇଦିନ ଧରି ତାମିଲନାଡୁ କୋଡାଇକନଲ ଠାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ ) ର ସର୍ବୋତମ ପରିଚାଳନା ଉପରେ ଜାତୀୟ ଦକ୍ଷିଣାଂଚଳ ରାଜ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି କ୍ଷ ଆୟୋଜିତ କର୍ମଶାଳା ରେ ଓଡିଶା ରାଜ୍ୟ ରୁ ଗଞ୍ଜାମ, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲାର ମୁଖ୍ୟ ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପ୍ରମୁଖ ପ୍ରତିନିଧିତ୍ୱ କରି ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ର ସର୍ବୋତମ ପରିଚାଳନା ସହ ଯୋଜନାର ସ୍ଥିତି, ବ୍ୟବସ୍ଥା, କାର୍ଯ୍ୟକାରିତା ତଥା ଅଗ୍ରଗତି ଉପରେ ଅଧିକାରୀ ବୃନ୍ଦ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥାପନା କରିଛନ୍ତି କ୍ଷ ଏହି କର୍ମଶାଳାରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ରାଜସ୍ଥାନ, ମହାରାଷ୍ଟ୍ର, ଓଡିଶା, ଉତରପ୍ରଦେଶ, ଆସାମ, ଛତିଶଗଡ, ଲାକ୍ଷ୍ୟାଦ୍ୱୀପ ପ୍ରଭୃତି ରାଜ୍ୟ ର ପ୍ରତିନିଧି ମଣ୍ଡଳୀ ଯୋଗଦାନ କରି ନିଜନିଜ ରାଜ୍ୟରେ ଆବାସ ଯୋଜନାର ସର୍ବୋତମ ପରିଚାଳନା, ସ୍ଥିତି, ଅଗ୍ରଗତି ଓ କାର୍ଯ୍ୟକାରିତାର ଉପସ୍ଥାପନା କରଥିବା ବେଳେ ପ୍ରତିନିଧି ମଣ୍ଡଳୀ ଯୋଜନା ର ସଫଳ କାର୍ଯ୍ୟକାରିତା ତଥା ସ୍ଥିତି ଉପରେ କ୍ଷେତ୍ରୀୟ ପରିଦର୍ଶନ କରିଛନ୍ତି । କର୍ମଶାଳା ରେ ଅଂଶଗ୍ରହଣ ପାଇଁ ରାଜ୍ୟ ପ୍ରତିନିଧି ମଣ୍ଡଳୀ ରେ ଓଡିଶା ର ସୁବର୍ଣ୍ଣପୁର ଜିଲ୍ଲାରୁ ମୁଖ୍ୟ ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀଯୁକ୍ତ ନିହାର ରଞ୍ଜନ କହଁର ପ୍ରତିନିଧିତ୍ୱ କରି ଜିଲ୍ଲା ତଥା ରାଜ୍ୟରେ ଯୋଜନାର ସଫଳ କାର୍ଯ୍ୟକାରିତା ତଥା ଗୃହ ନିର୍ମାଣ ସମ୍ପୂର୍ଣ୍ଣକରଣ କୌଶଳ ଏବଂ ଅନ୍ୟାନ୍ୟ ଉପଯୋଗୀ ସର୍ବୋତମ ପରିଚାଳନା ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ।

# ଓଡିଶା ଆଦର୍ଶ ବିଦ୍ୟାଳୟର ପାଂଚ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା

ବଲାଙ୍ଗୀର, ୦୪/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପ୍ରଶାସନ ତରଫରୁ ୨୦୨୩ ବର୍ଷ ସର୍ବ ଭାରତୀୟ ମେଡିକାଲ ପରୀକ୍ଷା (ନିଟ) ରେ କୃତିତ୍ୱ ହାସଲ କରିଥିବା ବଲାଙ୍ଗିର ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଜିଲ୍ଲା ପ୍ରଶାସନ ତରଫରୁ ଦିଆଯାଇଥିଲା । ଜିଲ୍ଲା ମୁଖ୍ୟାଳୟ କନଫରେନ୍ସ ହଲରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଓଡିଶା ଆଦର୍ଶ ବିଦ୍ୟାଳୟ , ବିବିନାର ଛାତ୍ର ଅଜୟ ମେହେର, ପଥରଚେପାର ଅନୁଭବ ମିଶ୍ର ଏବଂ ନିଶାରାଣୀ ସା, ଭାଲୁମୁଣ୍ଡାର ଜ୍ଞାନବନ୍ତ ସାହୁ , ମହିମୁଣ୍ଡାର ଶୃତି ସ୍ମରଣୀ ସାହୁଙ୍କୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଂଚଳ ରାଣା ପ୍ରଶଂସାପତ୍ର, ଉତରୀୟ ,ପୁଷ୍ପଗୁଚ୍ଛ ଏବଂ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନିଟରେ କୃତିତ୍ୱ ହାସଲ କରିବାରେ ବଲାଙ୍ଗୀରର ସଫଳତା ସମଗ୍ର ରାଜ୍ୟ ଚର୍ଚ୍ଚା ସୃଷ୍ଟି କରିପାରିଛ। ରାଜ୍ୟ ସରକାରଙ୍କ ଯୁଗାନ୍ତକାରି ପଦକ୍ଷେପ ଯୋଗୁଁ ଓଡିଶା ଆଦର୍ଶ ବିଦ୍ୟାଳୟହିଁ ସେସବୁ ସମ୍ଭବ କରିପାରିଛ। ଜିଲ୍ଲାପାଳ ସମସ୍ତଙ୍କୁ ଭଲ ମଣିଷ ହେବା ସହ ନିଜ ଅଞ୍ଚଳର ନାମ ରଖିବାକୁ ଆହ୍ୱାନ କରିଥିଲେ। ନିଟ ପାଇଥିବା ଛାତ୍ରଛାତ୍ରୀମାନଙ୍କ ସ୍କୁଲ ଉର୍ଣ୍ଣତିକରଣ ପାଇଁ ପୁରସ୍କାର ଆକାରରେ ଅର୍ଥ ରାଶି ଘୋଷଣା କରିଛନ୍ତି। କୃତି ଛାତ୍ରଛାତ୍ରୀ ଭାଷଣ ଦେଇ ନିଜର ଖୁସି ବ୍ୟକ୍ତ କରିବା ସହ ଭଲ ଡାକ୍ତର ହୋଇ ଜନସେବାରେ ମନାନିବେଶ କରିବାକୁ କହିଥିଲେ। ଏହି ସଭାରେ ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା ଏବଂ ଅନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। କନ୍ଧକେଲଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଗୋପାଲ ଶର୍ମା ସଭା ପରିଚାଳନା କରିଥିଲେ। ଶେଷରେ ଧନ୍ୟବାଦ ଭାଷଣ ଓଡିଶା ଆଦର୍ଶ ବିଦ୍ୟାଳୟ ପଥରଚେପା ର ପ୍ରିନ୍ସିପ୍ୟାଲ କ୍ଷମାନିଧି ଝାଙ୍କର ଦେଇଥିଲେ।

# କନ୍ଧମାଳର ବିଭିନ୍ନ ସମସ୍ୟାର ସମାଧାନ ଓ ବିକାଶ ନେଇ ଆଲୋଚନା ଚକ୍ର

କନ୍ଧମାଳ, ୦୪/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ମିଡିଆ ଫୋରମ ପକ୍ଷରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସମସ୍ୟାର ସମାଧାନ ଓ ବିକାଶ ନେଇ ଏକ ଆଲୋଚନା ଚକ୍ର ଜିଲା ମିଡ଼ିଆ ଫୋରମ ସଭାପତି ସୁନୀଲ ବିଶ୍ୱାଳଙ୍କ ସଭାପତିତ୍ୱରେ ଫୁଲବାଣୀ ସ୍ଥିତ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ବରିଷ୍ଠ ନାଗରିକ, ସାମ୍ବାଦିକ, ବୁଦ୍ଧିଜିବୀ ଓ ଆଇନଜୀବୀ ମାନେ ଉପସ୍ଥିତ ରହି କନ୍ଧମାଳର ସମସ୍ୟା ଓ ସମାଧାନ ଯଥା ମେଡ଼ିକାଲ ଅଛି ଡାକ୍ତର ନାହାଁନ୍ତି, ନର୍ସ ନାହାନ୍ତି, ଫାର୍ମାସିଷ୍ଟ ନାହାନ୍ତି, ସର୍ବ ପୁରାତନ ସରକାରୀ ମହାବିଦ୍ୟାଳୟ ଅଛି କିନ୍ତୁ ସବୁ ବିଷୟରେ ପଢ଼ାଇବା ପାଇଁ ଲେକଚର ନାହାନ୍ତି । ଜିଲ୍ଲାର ଅଧିକାଂଶ ସରକାରୀ ବିଭାଗରେ ଯେତିକି କର୍ମଚାରୀ ରହିବା କଥା ସେତିକି ନାହାନ୍ତି ଜଣେ ଜଣେ ଅଧିକାରୀ ଚାରୀ ଚାରୀଟା ପଦବୀ ଦାୟିତ୍ୱରେ ଅଛନ୍ତି । ଜିଲାରେ ୨୦ଟି ପର୍ଯ୍ୟଟନ କ୍ଷେତ୍ର ରହିଛି । ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ଆସୁଥିଲେ ମଧ୍ୟ ଜିଲ୍ଲା ର ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଅଭାବରୁ ପର୍ଯ୍ୟଟନ ସ୍ଥଳୀ ଗୁଡିକ ଶୀତ ଋତୁ ରେ ଖାଁ ଖାଁ ଲାଗେ । ପର୍ଯ୍ୟଟନର ବିକାଶ ହେଲେ ଜିଲ୍ଲା ର ଆଦିବାସୀ ଯୁବକମାନେ ରୋଜଗାରକ୍ଷମ ହୋଇପାରନ୍ତି । ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ହେଲେ କନ୍ଧମାଳର ବିକାଶ ହୋଇପାରିବ ବୋଲି ସମସ୍ତେ ମତ ରଖିଥିଲେ ।

# ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଅବସରରେ ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ବଲାଙ୍ଗୀର, ୦୪/୦୭ (ନି.ପ୍ର): ଆସନ୍ତା ଜୁଲାଇ ୨୫ତାରିଖରେ ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ହେବ। ଏହାର ଅବ୍ୟବହିତ ପୂର୍ବରୁ ଓଡିଶା ର ସମସ୍ତ ଜିଲ୍ଲାରେ ସାହିତ୍ୟ ସଂପର୍କ ରେ ବକ୍ତୃତା,ପ୍ରବନ୍ଧ, ସାଧାରଣଜ୍ଞାନ ଓ ଅନୁବାଦ ତଥା କବିତା ଆବୃତି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି କ୍ରମରେ ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚାରିଗୋଟି ବିଭାଗରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବଲାଙ୍ଗିର ଜିଲ୍ଲାର ୧୪ଟି ବ୍ଲକରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବରେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟା ଡାକ୍ତର ଜ୍ୟୋତିର୍ମୟୀ ସାହୁ,ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷାବିତ ସନାତନ ଠାକୁର, ଆଇନଜୀବୀ ଶୁଭ୍ରାଂଶୁ ଶେଖର ପଣ୍ଡା,ରସରାଜ ଅଚ୍ୟୁତ ପୁରୋହିତ, କବି ବିଜୟ କୁମାର ତ୍ରିପାଠୀ, ସାମ୍ବାଦିକ ସନ୍ଦୀପ କୁମାର କୁଅଁର, କୋଶଳ ପ୍ରବାହ'ର ସଂପାଦକ ଆନନ୍ଦ ଚନ୍ଦ୍ର ସାହୁ,ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ, ଶିକ୍ଷକ ରଂଜିତ ମିଶ୍ର, ଶିଶୁମନ୍ଦିର କଲେଜ ଛକ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ମିଶ୍ର ଓ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ହ୍ରିଦୟ ସ୍ୱନ୍ଦନ ଠାକୁର,ସୁଶ୍ରୀ ମାଧୁଶ୍ରୀ ଜେନା,ପ୍ରିୟାଂଶୁ ଦେବତା,ଇନ୍ଦ୍ରାକ୍ଷୀ ସରାଫ, ତୃପ୍ତିମୟୀ ପ୍ରଧାନ,ରିପ୍ତିମୟୀ ସାହୁ, ଶ୍ରେୟାଂଶୀ ମହାପାତ୍ର, ଅଧ୍ୟୟନ କଶ୍ୟପ, ଆସନ୍ତା ୯ ଜୁଲାଇ ଓ ୧୬ ଜୁଲାଇରେ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ ମିଶ୍ର ଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଶ୍ରୀ ଗୋପାଳ ପ୍ରଧାନ, ଅନଙ୍ଗକୁମାର ସାଏ, ଆରତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ମନରେଗା ଅନିୟମିତତା : ବିଡ଼ିଓ ଶୁଣିଲେନି, ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ଚମ୍ପୁଆ, ୦୪/୦୭ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ପର୍ଶଳା ପଂଚାୟତରେ ମନରେଗା ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ବ୍ଲକ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ଅଧିକାରୀ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ଆଜି ଚମ୍ପୁଆ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ମିଳିଥିବା ଖବର ଅନୁସାରେ ଏହି ପର୍ଶଳା ପଂଚାୟତ ଅନ୍ତର୍ଗତ ସିଜୁକଳା ଗ୍ରାମରେ ମଙ୍ଗଳ ମୁଣ୍ଡା ଘର ଠାରୁ କୁନା ମୁଣ୍ଡାଙ୍କ ଘର ପର୍ଯ୍ୟନ୍ତ ରାସ୍ତା କାମରେ ୭ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆ ଯାଇଅଛି । ଏହି କାମରେ ହାତ ଗଣତି ଶ୍ରମିକଙ୍କୁ କାମରେ ଲଗାଇ ମାଷ୍ଟରରୋଲ ରେ ଅଧିକ ଶ୍ରମିକଙ୍କ ନାମ ପଞ୍ଜିକୃତ କରାଯାଇ ବ୍ୟାପକ ଅନିୟମିତତା କରାଯାଉ ଥିବାରୁ ଏହାକୁ ନେଇ ଗ୍ରାମବାସୀ ଚମ୍ପୁଆ ବିଡ଼ିଓ ଙ୍କୁ ଲିଖିତ ଅଭିଯୋଗ କରିଥିଲେ । ତେବେ ଏହାର ତଦନ୍ତ କରିବା ପାଇଁ ଚମ୍ପୁଆ ବିଡ଼ିଓ ପ୍ରତିଶୃତି ଦେଇଥିଲେ ମଧ୍ୟ କୌଣସି ତଦନ୍ତ କରି ନ ଥିଲେ । ଫଳରେ ଗ୍ରାମବାସୀ ଆଜି ଚମ୍ପୁଆ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

# ଶ୍ୱାସ ଦୁର୍ଗନ୍ଧ ଦୂର କରନ୍ତୁ

ଆପଣଙ୍କ ଶ୍ୱାସପ୍ରଶ୍ୱାସରେ ଦୁର୍ଗନ୍ଧ ବାହାରୁଥିବା ନେଇ କେହି ଅଭିଯୋଗ କରିବା କିମ୍ବା ପାଖରେ ଠିଆ ହୋଇ କଥା ନ ହେବା ଭଳି ଅପମାନଜନକ ସ୍ଥିତିର ଯଦି ସାମ୍ନା କରୁଛନ୍ତି ତେବେ ବ୍ୟୟବହୁଳ ମାଉଥୱାସ ବ୍ୟବହାର ନକରି ନିଜ ଶରୀରକୁ ଆବଶ୍ୟକତା ଅନୁସାରେ ଜଳ ଯୋଗାନ୍ତୁ । ଭିଟାମିନ ସି ଥିବା ଖାଦ୍ୟପଦାର୍ଥ ଖାଇବା ସହ ସ୍ପେଶାଲ ଚା' ପିଇ ଏପରି ସମସ୍ୟାର ସମାଧାନ କରିପାରିବେ । ଏହି ସମସ୍ୟାରୁ ମୁକୁଳିବାରେ କେତେକ ସାଧାରଣ ଟିପ୍ସ:

ଜଳ: ନିୟମିତ ବ୍ୟବଧାନରେ ପର୍ଯ୍ୟାପ୍ତ



ପରିମାଣର ପାଣି ପିଇବା ସହିତ ଅଳ୍ପଅଳ୍ପ ପାଣିରେ କୁଳି କରନ୍ତୁ । ଶରୀରରେ ଜଳସ୍ତର ହ୍ରାସ ପାଇଲେ, ମୁହଁରେ ଲାଳ ସୃଷ୍ଟି ହେବା ବନ୍ଦ ହୋଇଯାଏ । ମୁହଁରେ ଲାଳ ସୃଷ୍ଟି ହେଲେ ହିଁ ସେଠାରେ ଥିବା ଜୀବାଣୁ ସଫା ହୋଇଥାନ୍ତି ଏବଂ ଲାଳର ମାତ୍ରା ହ୍ରାସ ପାଇଲେ ମୁହଁ ଶୁଖିଲା ହୋଇଯାଇ ଦୁର୍ଗନ୍ଧ ହୁଏ ।

ଭିଟାମିନ ସି: କମଳା ଓ ଲେମ୍ବୁ ଜାତୀୟ ମିଠା ଓ ଖଟା ଫଳରେ ଭରପୂର ମାତ୍ରାରେ ଭିଟାମିନ ସି ରହିଥାଏ । ଏହି ଫଳ ମୁହଁର ଦୁର୍ଗନ୍ଧ ଦୂର କରିବାରେ ବେଶ୍ ସହାୟକ । ଭିଟାମିନସି ଦୁର୍ଗନ୍ଧ ସୃଷ୍ଟି କରୁଥିବା ଜୀବାଣୁଙ୍କୁ ନଷ୍ଟ କରିଥାଏ ।

ସେଓ: କୁହନ୍ତି, ଦୈନିକ ଗୋଟିଏ ସେଓ ଖାଇଲେ ଶରୀର ସୁସ୍ଥ ରହିଥାଏ । ସେଓ ମୁହଁରେ ସୃଷ୍ଟି ହେଉଥିବା ଲାଳକୁ ବୃଦ୍ଧି କରିଥାଏ । ଏହା ଦ୍ୱାରା ଆମ ମୁହଁ ଏକପ୍ରକାର ସଫା ହୋଇଥାଏ ଏବଂ ଜୀବାଣୁ ନଷ୍ଟ ହୋଇଥାନ୍ତି । ଏହାପରେ ଦୁର୍ଗନ୍ଧ ଯୁକ୍ତ ଶ୍ୱାସ ବାହାରିନଥାଏ ।

ଡାଲଚିନି ଚା': ପ୍ରାୟ ସମସ୍ତଙ୍କ



ରୋଷେଇ ଘରେ ଡାଲଚିନିଖୁବ୍ ସହଜରେ ମିଳିଯିବ । ଡାଲଚିନି ଯୁକ୍ତ ଚା' ପିଇବା ଫଳରେ ମୁହଁର ଦୁର୍ଗନ୍ଧ ଦୂର ହୋଇଥାଏ । ନିୟମିତ ଏହାକୁ ସେବନ କରିବା ଫଳରେ ସୁଫଳ ମିଳିଥାଏ ।

# ୯୦% ଲୋକ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ



ବିଶ୍ୱର ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ଜଣ ପ୍ରଦୂଷିତ ବାୟୁ ଗ୍ରହଣ କରୁଛନ୍ତି । ବାୟୁ ପ୍ରଦୂଷଣ ବାର୍ଷିକ ୬ ନିୟୁତ ଲୋକଙ୍କ ଜୀବନ ନେଉଛି ବୋଲି ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ)ର ଏକ ରିପୋର୍ଟରେ ପ୍ରକାଶ ପାଇଛି । ଡବ୍ଲ୍ୟୁଏଚ୍‌ଓର ଜନସ୍ୱାସ୍ଥ୍ୟ ଓ ପରିବେଶ ବିଭାଗ ମୁଖ୍ୟ ମାରିଆ ନେଇରା କହିଛନ୍ତି, ଜାତିସଂଘର ସ୍ୱାସ୍ଥ୍ୟ ସମ୍ପର୍କିତ ଏହି ବିଶ୍ୱ ସ୍ତରୀୟ ସଙ୍ଗଠନର ତଥ୍ୟ ଏ ବାୟୁ ପ୍ରଦୂଷଣ ରୋକିବା ନେଇ ସଚେତନ କରିବା ପାଇଁ ପର୍ଯ୍ୟାପ୍ତ । ଏହି ସମସ୍ୟା ସହର ଗୁଡ଼ିକରେ ସବୁଠୁ ଅଧିକ । କିନ୍ତୁ ଗ୍ରାମାଞ୍ଚଳରେ ମଧ୍ୟ ବାୟୁ ପ୍ରଦୂଷଣର ଭୟାବହତା କିଛି କମ ନୁହେଁ । ଅନୁନ୍ନତ ଦେଶଗୁଡ଼ିକର ବାୟୁ ବିକଶିତ ଦେଶଠାରୁ ଅପେକ୍ଷାକୃତ କମ ପ୍ରଦୂଷିତ । କିନ୍ତୁ ପ୍ରକୃତରେ ବାୟୁ ପ୍ରଦୂଷଣ ବିଶ୍ୱାର ସବୁଠୁ ଦେଶର ସବୁ ସମାଜ ଉପରେ ଖରାପ ପ୍ରଭାବ ପକାଉଛି । ଏହାକୁ ଜନସ୍ୱାସ୍ଥ୍ୟ ପାଇଁ ଜରୁରିକାଳୀନ ପରିସ୍ଥିତି ବୋଲି କୁହାଯାଇପାରେ । ତେବେ ସରକାର ଗଡଡ଼ିକ ଯାନବାହାନ ଚଳାଚଳକୁ ଉଚିତ ଢଙ୍ଗରେ ନିୟନ୍ତ୍ରଣ, ଉନ୍ନତ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛ ରୋଷେଇ ଇନ୍ଧନକୁ ପ୍ରୋତ୍ସାହିତ କଲେ ଏ ଦିଗରେ ସୁଫଳ ମିଳିବ । ବିଶ୍ୱର ୩,୦୦୦ରୁ ଉର୍ଦ୍ଧ୍ୱ ସହରରୁର ସଂଗୃହୀତ ତଥ୍ୟକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ୯୨% ଲୋକ ,ଭଳି ପରିବେଶରେ ରହୁଛନ୍ତି, ଯେଉଁଠି ବାୟୁର ସ୍ତର ଡବ୍ଲ୍ୟୁଏଚଓ ଦ୍ୱାରା ନିର୍ଦ୍ଧାରିତ ଗୁଣବତ୍ତା ଠାରୁ ନିମ୍ନରେ ରହିଛି । ଘରୋଇ ଓ ବାହ୍ୟ ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ବାର୍ଷିକ ୬ ନିୟୁତ ଲୋକ ପ୍ରାଣ ହରାଉଛନ୍ତକି । ଚାଇନା, ମାଲେସିଆ ଓ ଭିଏତନାମ ସମେତ ଦକ୍ଷିଣ ଏସିଆ ଓ ପର୍ଶ୍ଚିମ ପ୍ରଶାନ୍ତମହାସାଗରୀୟ ଅଞ୍ଚଳରେ ସ୍ଥିତି ସବୁଠୁ ଉଦବେଗଜନକ ବୋଲି ଏଥିରେ କୁହାଯାଇଛି ।

# ଲୁଣରେ ଆୟୋଡିନ୍ ସହ ଲୌହ

ସାଧାରଣତଃ ଲୁଣରେ ଆୟୋଡିନ୍ ରହିଥାଏ ବୋଲି ଆମେ ଜାଣିଛୁ । କିନ୍ତୁ ଏବେ ଏପରି ଲୁଣ ଉଦ୍ଭାବିତ ହୋଇଛି ଯେଉଁଥିରେ ଆୟୋଡିନ୍ ସହ ଲୌହ ମଧ୍ୟ ରହିଛି । ଦୁଇଟି ଅତ୍ୟାବଶ୍ୟକ ତ୍ୱ ଥିବା ଏହି ଲୁଣ ଆମ ପାଇଁ ବେଶ୍ ଉପକାରୀ । ଏହି ନୂଆ ପ୍ରକାର ଲୁଣକୁ ଉଦ୍ଭାବନ କରିବାରେ ସଫଳ ହୋଇଛନ୍ତି ଜଣେ ଭାରତୀୟ ବୈଜ୍ଞାନିକ ଭେଙ୍କଟେଶ ମନ୍ନାର୍ । ଶୁଣିବାକୁ କିଛି ନୂଆ ଲାଗୁ ନ ଥିଲେ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନ । କାରଣ ଆୟୋଡିନ୍ ଓ ଲୌହ ରସାୟନିକ ନିୟମ ଅନୁସାରେ ଏକାଠି ରହିବା ଏକ କଷ୍ଟକର ବ୍ୟାପାର । କିନ୍ତୁ ଏହାକୁ ସମ୍ଭବ କରିଛନ୍ତି ଭେଙ୍କଟେଶ । ଏହି ଲୁଣ ଏନିମିଆ ପରି ରେଗାକୁ ପ୍ରତିରୋଧ କରିବା ସହ ଶରୀରର ଆୟୋଡିନ୍ ଅଭାବ ମଧ୍ୟ ଦୂର କରିଥାଏ । ଉପଯୁକ୍ତ ଲୌହ ଅଭାବରେ ଶରୀରରେ ଆନିମିଆ ପରି ରୋଗ ସୃଷ୍ଟି ହୋଇଥାଏ । ଏଣୁ ଲୌହର ଅଭାବ ପୂରଣ କରିବା ପାଇଁ ଲୁଣ ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ ।

# ଶିଶୁର୍ କୋମଳ ତ୍ୱଚା ପାଇଁ...

ପ୍ରତ୍ୟେକ ମହିଳାଙ୍କ ଜୀବନରେ ମା' ହେବା ଏକ ସ୍ମରଣୀୟ ମୁହୂର୍ତ୍ତ । ମାତୃତ୍ୱ ହିଁ ନାରୀ ଜୀବନର ସମ୍ପୂର୍ଣ୍ଣତା ଆଣିଦିଏ । ଅଧିକାଂଶ ମା' ଚାହାନ୍ତି ସେମାନଙ୍କ ଶିଶୁର ରଙ୍ଗ ସଫା ଏବଂ ତା'ର ତ୍ୱଚା ଉଜ୍ଜ୍ୱଳ ହେଉ । ତେବେ ଶିଶୁର ରଙ୍ଗ କିପରି ଉଜ୍ଜ୍ୱଳ ହେବ ତାହା ଅଧିକାଂଶ ମା' ଜାଣନ୍ତିନି । ଏନେଇ କିଛି ଟିପ୍ସ....



■ ଶିଶୁର ତ୍ୱଚାକୁ ଅଧିକ ସଫା କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ହେଉଛି ହଟ୍ ଅଏଲ ମସାଜ୍ । ଏହା ଏକ ପୁରୁଣା ପଦ୍ଧତି ଏବଂ ଅନେକ ପିଢ଼ି ହେବ ଚାଲି ଆସିଛି । ପ୍ରତିଦିନ ଶିଶୁର ତ୍ୱଚାକୁ ଉଷୁମ ତେଲର ମସାଜ୍ କରିବା ଉଚିତ୍ ।

■ ଶିଶୁର ତ୍ୱଚା ଅନ୍ୟମାନଙ୍କ ତୁଳନାରେ ୧୦ଗୁଣ ଅଧିକ ସମ୍ବେଦନଶୀଳ ତେଣୁ ସେମାନଙ୍କ କ୍ଷେତ୍ରରେ କିଛି ବଢ଼ି ପ୍ୟାକ ଆପ୍ଲାଏ କରିପାରିବେ ଯାହା ପ୍ରକୃତରେ ନ୍ୟାଚୁରାଲ ହୋଇଥିବ । ସପ୍ତାହରେ ଥରେ ଆପଣଙ୍କ ଶିଶୁର ଶରୀରରେ ବଢ଼ିପ୍ୟାକ ଆପ୍ଲାଏ କରନ୍ତୁ । ବଢ଼ି ପ୍ୟାକ କିଣିବା ପରିବର୍ତ୍ତେ ଆପଣ ହଳଦୀ, ଦୁଗ୍ଧ ଏବଂ ଚନ୍ଦନ ଗୁଣ୍ଡ ମିଶାଇ ପ୍ୟାକ୍ ପ୍ରସ୍ତୁତ କରିପାରିବେ । ଏହି ପ୍ୟାକ ତ୍ୱଚାରେ ଭଲଭାବେ ମାରନ୍ତୁ ଏବଂ ଅଳ୍ପ ଦିନରେ ଶିଶୁ ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରାନ୍ତୁ ।

■ ସ୍କ୍ରବ୍ ଶବ୍ଦକୁ ନେଇ ଆଦୌ କନଫ୍ୟୁଜ ହୁଅନ୍ତୁନି । ଏହା କୌଣସି ଅର୍ଡ଼ିନାରୀ ସ୍କ୍ରବ ନୁହେଁ ଯାହା ଆପଣ ସବୁ ସ୍ଥାନରେ ପାଇପାରିବେ । ଏହାକୁ ଆପଣ ବେସନ, ଦୁଗ୍ଧ, ଗୋଲାପ ଜଳ ଏବଂ ହଳଦୀ ମିଶାଇ ପ୍ରସ୍ତୁତ କରିପାରିବେ । ଏହି ସ୍କ୍ରବ୍ ସ୍ମୁଥ୍ ଏବଂ ଶିଶୁର ତ୍ୱଚାରେ କୌଣସି କ୍ଷତି ନପହଞ୍ଚାଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।


■ ଶିଶୁର ତ୍ୱଚାକୁ ଆଦୌ ଶୁଷ୍କ ହେବାକୁ ଦିଅନ୍ତୁନି । ମାର୍କେଟରେ ଉପଲବ୍ଧ ହେଉଥିବା ବେବି ମଏଶ୍ଚରାଇଜିଙ୍ଗ କ୍ରିମ ଆପ୍ଲାଏ କରନ୍ତୁ । ଶିଶୁ ପାଇଁ ବେଷ୍ଟ ପ୍ରଡକ୍ଟ କିଣିବାବେଳେ ଆପଣଙ୍କୁ ଟିକେ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ । ଯଦି ଆପଣ ଜାଣି ପାରୁନାହାନ୍ତି କେଉଁଟି ଆପଣଙ୍କ ପାଇଁ ଠିକ୍ ତେବେ କୌଣସି ଡର୍ମାଟୋଲୋଜିଷ୍ଟଙ୍କ ଉପଦେଶ ନିଅନ୍ତୁ ।

■ ଶିଶୁ ଶରୀରରେ ଆଦୌ ସାବୁନ ଲଗାନ୍ତୁନି ।

# ନିଦ୍ରାରେ ଅନିୟମିତତା ବଢ଼ାଏ କ୍ରୋଧ

ଆମେ ପ୍ରତିଦିନ ଅତି କମରେ ୬/୮ଘଣ୍ଟା ବିଶ୍ରାମ ନେବା ଆବଶ୍ୟକ । କିନ୍ତୁ ଅନେକଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇ ନଥାଏ । ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଦିନକୁ ୨/୩ଘଣ୍ଟା ଶୋଇଥାଆନ୍ତି । କିନ୍ତୁ ନିଦ୍ରାରେ ଅନିୟମିତତା ଯଦି ଅଭ୍ୟାସରେ ପରିଣତ ହୁଏ ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଦାୟୀ । ଏପରିକି କ୍ରୋଧ ବଢ଼ାଇବାରେ ଏହା କେତେକାଂଶରେ ଦାୟୀ ହୋଇଥାଏ ବୋଲି ଫ୍ରାନ୍ସର ବିଶେଷଜ୍ଞଙ୍କମାନେ ପ୍ରକାଶ କରିଛନ୍ତି । ତେବେ କେତେକ ବ୍ୟକ୍ତିଙ୍କୁ ନେଇ ସେମାନେ ଗବେଷଣା କରିଥିଲେ । ଅଧିକାଂଶ ସମୟ ଏଭଳି ସମସ୍ୟା ସହ ଜଡ଼ିତ ବ୍ୟକ୍ତିଙ୍କ ଆଗରେ ବ୍ୟବହାର କିପରି ରହୁଛି ତାହାକୁ ଲକ୍ଷ୍ୟ କରିଥିଲେ ବିଶେଷଜ୍ଞମାନେ । ଏଥିମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ବ୍ୟକ୍ତିଙ୍କର କ୍ରୋଧ ବଢୁଥିବାର ଦେଖିବାକୁ ମିଳିଥିଲା । ଏଥିପାଇଁ ଅନିଦ୍ରା ହିଁ ଦାୟୀ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି ।


# ସୁଖାସନ



ଏଇ ଆସନ ଦ୍ୱାରା ପର୍ଯ୍ୟାପ୍ତ ସୁଖ ମିଳୁଥିବାରୁ ଏହାର ନାମ ସୁଖାସନ । ସମତଳ ଭୂମି ଉପରେ ଆସନ ପକାଇ ପୂର୍ବ ଦିଗକୁ ମୁହଁକରି ବସନ୍ତୁ । ଆଣ୍ଠୁ ଯୋଡ଼ି ଚକାପାରି ବସ । ହାତକୁ ଢିଲା କରି ସାମ୍ନାରେ ରଖନ୍ତୁ ବା ଦୁଇ ଆଣ୍ଠୁ ଉପରେ ରଖିପାରନ୍ତି । କମର, ପିଠି, ମେରୁଦଣ୍ଡ ଓ ବେକକୁ ସିଧା ରଖନ୍ତୁ । ମାଂସପେଶୀକୁ ଢିଲା ରଖିବାକୁ ଚେଷ୍ଟା କରନ୍ତୁ । ମନକୁ ଏକାଗ୍ର କରନ୍ତୁ । ଏହି ଆସନ କରିବା ଫଳରେ ଅଣ୍ଟା ସିଧା ରହେ, ମେରୁଦଣ୍ଡ ସିଧା ଓ ଦୃଢ଼ ହୁଏ, କ୍ଳାନ୍ତି ଦୂରହୁଏ ।

# ଆଖି ତଳ ଦାଗର ଉପଚାର

ଯୁବତୀଙ୍କ ନିମନ୍ତେ ଆଖି ତଳେ କଳାଦାଗ ପଡ଼ିବା ଏକ ପ୍ରମୁଖ ସମସ୍ୟା ଅଟେ । ସେଥିପାଇଁ ସରଳ ଘରୋଇ ଉପଚାରମାନ: ୧ ଚାମଚ ଟମାଟୋ ରସ, ୧ ଚାମଚ ଲେମ୍ବୁ ରସ, ୧ ଛୋଟ ଚାମଚ ହଳଦୀ ଗୁଣ୍ଡ ଓ ସାମାନ୍ୟ ବେସନ ନେଇ ଗାଢ଼ ପେଷ୍ଟ ତିଆରି କରନ୍ତୁ । ଏହାକୁ କଳାଦାଗ ପଡ଼ିଥିବା ସ୍ଥାନରେ ଲଗାଇ ୧୫ ମିନିଟ୍ ପରେ ହାଲକା ଭାବେ ଧୋଇନେବେ ନଚେତ ଓଦା କପଡ଼ାରେ ପୋଛିନେବେ । କଞ୍ଚା କ୍ଷୀରକୁ ତୁଳାରେ ଭିଜାଇ ଏହି ସ୍ଥାନରେ ୨୦ ମିନିଟ୍ ଦୈନିକ ରଖନ୍ତୁ । ସପ୍ତାହକରେ ଆଖି ତଳ କଳାଦାଗର ପ୍ରଭାବ କମ୍ ହେବ । ବାଦାମ ତେଲ ଓ ମହୁ ସମାନ ମାତ୍ରାରେ ନେଇ ୨ ରୁ ୩ ସପ୍ତାହ ଆଖି ତଳ କଳାଦାଗ ପଡ଼ିଥିବା



ସ୍ଥାନରେ ଲଗାଇଲେ ଆରାମ ମିଳେ । ଗୋଲାପ ଜଳକୁ ଥଣ୍ଡା ପାଣିରେ ମିଶାଇ ମୁହଁରେ ନିୟମିତ ଛାଟିଲେ ମଧ୍ୟ କଳାଦାଗର ପ୍ରଭାବ ହ୍ରାସ ହୁଏ । କାକୁଡ଼ି ରସ ସହ କାକୁଡ଼ିକୁ ପତଳା ଭାବରେ କାଟି ଆଖି ଉପରେ ରଖି ୩୦ ମିନିଟ୍ ଶୋଇ ରହିଲେ ମଧ୍ୟ କଳାଦାଗ କମିଥାଏ । କଞ୍ଚା ଆଳୁ ରସକୁ କଳାଦାଗ ପଡ଼ିଥିବା ସ୍ଥାନରେ ଲଗାଇଲେ ଉତ୍ତମ ପ୍ରଭାବ ମିଳେ, କିନ୍ତୁ ସେହି ସ୍ଥାନରେ ଏହି ରସ ଲଗାଇଲେ ଯଦି ପୋଡ଼ିବ, ତେବେ ଏହା ଲଗାନ୍ତୁ ନାହିଁ ।

# ଯେଉଁଠି ଶିବଲିଙ୍ଗର ରଙ୍ଗ ବଦଳେ

ଶ୍ରୀକ୍ଷେତ୍ର ପୁରିର ତିଆଡ଼ି ସାହି । ଏଠାରେ ରହିଛି ପ୍ରଭୁ ଶିବଙ୍କର ଏକ ଛୋଟ ତଥା ସୁନ୍ଦର ମନ୍ଦିରଟିଏ । ଏହାକୁ ଅଷ୍ଟଶମ୍ଭୁ ମନ୍ଦିର କୁହାଯାଏ । ସାଧାରଣତଃ 'ଅଷ୍ଟ'ର ଅର୍ଥ ଆଠ ଏବଂ 'ସମ୍ଭୁ' ହେଉଛି ପ୍ରଭୁ ଶିବଙ୍କର ଅନ୍ୟନାମ । ଏଠାରେ ଆଠଟି ଶିବଲିଙ୍ଗ ରହିଥିବାରୁ ମନ୍ଦିରଟିର ନାମ ଅଷ୍ଟଶମ୍ଭୁ । ଏହି ଅଷ୍ଟଶମ୍ଭୁ ମନ୍ଦିରରେ ରହିଛି ଅତି ମୂଲ୍ୟବାନ ପଥରରେ ନିର୍ମିତ ଆଠଟି ଶିବଲିଙ୍ଗ । କୌତୂହଳର ବିଷୟ ହେଉଛି ଯେ, ମନ୍ଦିରରେ ଥିବା ଆଠଗୋଟି ଶିବଲିଙ୍ଗର ରଙ୍ଗ ଭିନ୍ନ ଭିନ୍ନ । ସେଥିମଧ୍ୟରୁ କିଛି ଲିଙ୍ଗର ରଙ୍ଗ ଧଳା ହୋଇଥିବାବେଳେ ଆଉ କେତେକ ନାଲି ରଙ୍ଗର । ଏଣୁ ଏଗୁଡ଼ିକ ଭକ୍ତଙ୍କ ପାଇଁ ବେଶ୍ ଆକର୍ଷଣୀୟ । ଆହୁରି କୌତୂହଳର ବିଷୟ ହେଉଛି ଯେ, ଏହି ଲିଙ୍ଗଗୁଡ଼ିକ ପ୍ରତି ଦିଗରୁ ଅଲଗା ଅଲଗା ରଙ୍ଗରେ ଦୃଶ୍ୟମାନ ହୁଅନ୍ତି । ସୂର୍ଯ୍ୟାଲୋକରେ ସେଗୁଡ଼ିକର ରଙ୍ଗରେ ପରିବର୍ତ୍ତନ ଆସିଥାଏ ।




ଶିବଙ୍କର ଭିନ୍ନ ଭିନ୍ନ ନାମାନୁଯାୟୀ, ଲିଙ୍ଗଗୁଡ଼ିକର ନାମ ମଧ୍ୟ ଭିନ୍ନ ଭିନ୍ନ ଯେମିତିକି ମାର୍କଣ୍ଡେଶ୍ୱର, ଯଜ୍ଞେଶ୍ୱର, ନୀଳକଣ୍ଠେଶ୍ୱର, ବିଲେଶ୍ୱର, କପାଳ ମୋଚନ, ବେଲେଶ୍ୱର, ଇଶାଣେଶ୍ୱର ଏବଂ ପାତାଳେଶ୍ୱର ।

ପୁରୀ ରାଜାଙ୍କ ସହ ଜଡ଼ିତ ଥିବା ଏହା ହେଉଛି ଏକ ପ୍ରାଚିନ ମନ୍ଦିର କିମ୍ବଦନ୍ତୀ କହେ, ଏକଦା ପୁରୀ ରାଜା ଅଷ୍ଟଶମ୍ଭୁଙ୍କ କୃପାରୁ ଏକ ମାରାତ୍ମକ ବ୍ୟାଧିରୁ ଆରୋଗ୍ୟ ଲାଭ କରିଥିଲେ । ରାଧା ରସିକ ରାଜ ମନ୍ଦିର ପରିସରରେ ଏହି ଅଷ୍ଟଶମ୍ଭୁ ଏକ ଛୋଟ ମନ୍ଦିର । ବର୍ଷର ବିଭିନ୍ନ ପର୍ବପର୍ବାଣୀମାନଙ୍କରେ ଏହି ମନ୍ଦିରରେ ଶିବ କୃପା ଲାଭ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ । ପ୍ରାଚୀନ ତଥା ଆଧାତ୍ମିକ ଦୃଷ୍ଟିକୋଣରୁ ମନ୍ଦିରଟି ଭକ୍ତଙ୍କ ପାଇଁ ଭିଡ଼ ଆକର୍ଷଣୀୟ ।

# କାର୍ଯ୍ୟାଳୟ ପାଇଁ ଜୋତା

୧୮୫୦ ବେଳକୁ ହିଁ ଇଂଲଣ୍ଡର ଏକ ଜୋତା କମ୍ପାନୀ ଭିନ୍ନ ଡିଜାଇନରେ ନିର୍ମାଣ କରିଥିଲା । ବିଭିନ୍ନ ତଥ୍ୟରୁ ଜଣାପଡ଼େ ଜୋତାର ବିଭିନ୍ନ ଡିଜାଇନ ମୁଖ୍ୟତଃ ପାଶ୍ଚାତ୍ୟ ରାଷ୍ଟ୍ରରେ ଉପଲବ୍ଧ ହୋଇଥିଲା । ବର୍ତ୍ତମାନ ସମୟରେ ଗୋଟିଏ ଗୋଟିଏ କମ୍ପାନୀ ଲକ୍ଷାଧିକ ଡିଜାଇନର ଜୋତା ପ୍ରତି ବର୍ଷ ନିର୍ମାଣ କରୁଛନ୍ତି । ପୁରୁଷଙ୍କ ଅପେକ୍ଷା ଯୁବତୀ ଓ ମହିଳାମାନେ ଅଧିକ ଜୋତା ପ୍ରିୟ ବୋଲି ସର୍ବେକ୍ଷଣରୁ ପ୍ରକାଶିତ । ଯୁବତୀମାନେ କାର୍ଯ୍ୟାଳୟରେ ହାଇହିଲ ଅପେକ୍ଷା ଫ୍ଲାଟ ଜୋତାକୁ ଅଧିକ ପସନ୍ଦ କରୁଥିବାର ଜଣାଯାଏ । ହିଲ୍ ପିନ୍ଧିଲେ ସେମାନେ ଯେଉଁଭଳି କୌଣସି କାମ କରିବା ସମ୍ଭବ ହୁଏନାହିଁ । ଏହି ଜୋତା ପିନ୍ଧିଲେ ମହିଳାଙ୍କ ଆଣ୍ଠୁଗଣ୍ଠି ବିନ୍ଧା ମଧ୍ୟ ଅପେକ୍ଷାକୃତ କମ ହେଉଛି । ଶାଢ଼ି ହେଉ କିମ୍ବା ସାଲୱାର-କମିଜ, ପାଲାଜୋ ପ୍ୟାଣ୍ଟ କିମ୍ବା ଜିନ୍ସ-ଟି-ସାର୍ଟରେ ଫ୍ଲାଟ ଜୋତା ବେଶ୍ ସୁନ୍ଦରଭାବେ ଖାପ ଖୁଆଇଥାଏ ।

# ବିଲେଇର ମିଠା ଦାନ୍ତ ନାହିଁ



ଯଦି ଜଣେ ମଜାରେ କହିଲା ବିଲେଇକୁ କେବେ ବି ଡାଇବେଟିସ୍ ହେବ ନାହିଁ ତେବେ କେହି ହସରେ ଉଡେଇ ଦେବ ନାହିଁ । କାରଣ ବିଲେଇର ସତରେ ମିଠା ସ୍ୱାଦ ପ୍ରତି ଆଦୌ ଲୋଭ ନାହିଁ । କେମିତି ବା ହେବ ? ବିଲେଇ ତା' ଜିଭରେ ମିଠାର ସ୍ୱାଦ ବାରି ପାରେ ନାହିଁ ଏକଥା ପ୍ରମାଣ କରିଛନ୍ତି ଜୋସେଫ୍ ବ୍ରାଣ୍ଡ ନାମକ ଜଣେ ବୈଜ୍ଞାନିକ । ଫିଲାଡେଲଫିଆର ମୋରେଲ୍ କେମିକାଲ୍ ସେନ୍ସେସ୍ ସେଣ୍ଟରରେ କାମ କରୁଥିବା ଏହି ବୈଜ୍ଞାନିକ କହିଛନ୍ତି ଯେ ବିରାଡ଼ିର ଡିଏନ୍‌ଏ ପରୀକ୍ଷଣରୁ ଏହା ଜଣାପଡ଼ିଛି । ବିରାଡ଼ିର ଦୂର ସଂପର୍କୀୟ ବାଘ ପରିବାରରେ ମଧ୍ୟ ଏହି ଦୋଷ ରହିଛି । ସେ କହିଛନ୍ତି ଯେ ହୁଏତ ଏହା ହିଁ ଗୋଟିଏ କାରଣ ଯେଉଁଥି ପାଇଁ ଏହି ପରିବାରର ଜନ୍ତୁମାନେ ଭୀଷଣ ଭାବେ ମାଂସାଶୀ ଏବଂ ଶରୀରର ଶର୍କରାର ଅଭାବକୁ ସେମାନେ ମାଂସ ମାଧ୍ୟମରେ ପୂରଣ କରନ୍ତି ।

# ମାନସିକ ରୋଗ ଓ ସୋସିଆଲ ମିଡ଼ିଆ

ସୋସିଆଲ ମିଡ଼ିଆ ସହ ସଂଶ୍ଳିଷ୍ଟ ରହିବା ଅନେକଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି ବୋଲି କୁହା ଯାଇପାରେ । କିନ୍ତୁ ଅଧିକ ସମୟ ଏହା ସହ ଯୋଡ଼ିହୋଇ ରହିଲେ ତାହା ମାନସିକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି କାଲିଫର୍ଣ୍ଣିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ସେମାନେ ଏକ ସଦ୍ୟତମ ଅଧ୍ୟୟନରୁ ଏହା ଜାଣିପାରିଛନ୍ତି । ଏହି ସମୟରେ ସେମାନେ ପ୍ରତିଦିନ ସୋସିଆଲ ମିଡ଼ିଆ ସହ ଯୋଡ଼ିହୋଇ ରହୁଥିବା କେତେଜଣ ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ । ଏମାନଙ୍କ ମଧ୍ୟରୁ କେତେକଙ୍କର ମାନସିକ ସ୍ଥିତିରେ ତାରତମ୍ୟ ଦେଖିବାକୁ ମିଳିଥିଲା । ଅଧିକାଂଶ ସମୟ ସୋସିଆଲ ମିଡ଼ିଆ ସହ ନିଜକୁ ଜଡ଼ିତ କରିବା ଦ୍ୱାରା ସେମାନଙ୍କର ଅନ୍ୟ କାମ ପ୍ରଭାବିତ ହେବା ସହ କିଛି ବ୍ୟକ୍ତିଙ୍କର କଥାବାର୍ତ୍ତା ଶୈଳୀରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା । ବିଶେଷ ଭାବରେ ଏହାଦ୍ୱାରା ମାନସିକ ସ୍ଥିତି ଅଧିକ ପ୍ରଭାବିତ ହୋଇଥାଏ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । କେବଳ ସେତିକି ନୁହେଁ, ଏଥିଯୋଗୁ ଗୋଟିଏ ସ୍ଥାନରେ ବସି ରହିବା ହେତୁ କେତେକଙ୍କର ଓଜନ କିଛି ପରିମାଣରେ ବଢ଼ୁଥିବା ଜଣାପଡ଼ିଥିଲା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭିନ୍ନକ୍ଷମଙ୍କୁ ସମାନ ଅଧିକାର...

ଏକ ଦେଶରେ ସୁସ୍ଥ ସବଳ ଲୋକମାନଙ୍କର ସ୍ୱଚ୍ଛନ୍ଦରେ ଜୀବନ ନିର୍ବାହ କରିବାର ଯେପରି ଅଧିକାର ରହିଛି, ଭିନ୍ନକ୍ଷମମାନଙ୍କର ମଧ୍ୟ ଠିକ୍ ସେମିତି ରହିଛି। ପରନ୍ତୁ ଚଳିତ ବର୍ଷ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏସ୍‌ଏସ୍)-୬, ଯାହା ୨୦୨୫ରେ ଶେଷ ହେବାକୁ ସ୍ଥିର ହୋଇଛି, ସେଥିରେ ଭିନ୍ନକ୍ଷମମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବା ନିମନ୍ତେ ଉଦ୍ଦିଷ୍ଟ ପ୍ରଶ୍ନକୁ ବାଦ୍ ଦିଆଯାଇଛି । ଏହା ବୈଷୟିକ ଦୃଷ୍ଟିକୋଣରୁ କରାଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଭାରତରେ ଭିନ୍ନକ୍ଷମ କ୍ଷେତ୍ର ପାଇଁ ଏହା ଏକ ଶକ୍ତ ଧକ୍କା ବୋଲି କୁହାଯାଇପାରେ, କାରଣ ଏହି କ୍ଷେତ୍ର ଶିକ୍ଷା, ଜନ ସ୍ୱାସ୍ଥ୍ୟ, ଏବଂ କର୍ମନିଯୁକ୍ତି ଭଳି ବିଷୟବସ୍ତୁଗୁଡ଼ିକ ସହିତ ସମ୍ପର୍କିତ ତଥ୍ୟଗୁଡ଼ିକର ଉପଲବ୍ଧ କରାଇବାରେ ସଂଘର୍ଷ କରି ଚାଲିଛି । ବିଶ୍ୱର ଏକ ସର୍ବବୃହତ୍ ପରିବାର ସର୍ଭେ ଭାବରେ ପରିଚିତ ଏନ୍‌ଏଫ୍‌ଏସ୍‌ଏସ୍‌ରୁ ଆହରଣ କରାଯାଉଥିବା ତଥ୍ୟ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ପ୍ରଭାବଶାଳୀ ନୀତିଗତ ହସ୍ତକ୍ଷେପଗୁଡ଼ିକ ସହିତ ସେମାନଙ୍କ ପାଇଁ ଅଧିକ ଉନ୍ନତ କଲ୍ୟାଣକାରୀ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଗବେଷକମାନଙ୍କୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକ ଯଥା ସେମାନଙ୍କର ଭୌଗୋଳିକ ଆବଣ୍ଟନ, ସେମାନଙ୍କର ବୟସ, ଲିଙ୍ଗ ଏବଂ ଶିକ୍ଷାର ସ୍ତର ଇତ୍ୟାଦି ଜାଣିବାକୁ ସୁଯୋଗ ପ୍ରଦାନ କରିଥାଏ । ଏହା ମଧ୍ୟ ଅନ୍ୟଥା ଗବେଷଣା- ଅବହେଳିତ କ୍ଷେତ୍ରଗୁଡ଼ିକ ଯଥା ଭିନ୍ନକ୍ଷମତା ଏବଂ ଏଚ୍‌ଆଇଭି/ଏଡସ୍, ଭିନ୍ନକ୍ଷମତା ଏବଂ ଯୌନ ଜୀବନ, ଭିନ୍ନକ୍ଷମତା ଏବଂ ଲିଙ୍ଗ, ଭିନ୍ନକ୍ଷମତା ଏବଂ ମାତୃତ୍ୱ, ଭିନ୍ନକ୍ଷମତା ଏବଂ ସାଧାରଣ କଲ୍ୟାଣ ଭଳି କ୍ଷେତ୍ରଗୁଡ଼ିକ ବାବଦରେ ଅନ୍ତର୍ଦୃଷ୍ଟି ସୃଷ୍ଟି କରିବାକୁ ସମ୍ଭବପର କରାଇ ଥାଏ । ଏହି ପରିପ୍ରେକ୍ଷୀରେ ତେଣୁ ଏନ୍‌ଏଫ୍‌ଏସ୍‌ଏସ୍-୬ରୁ ଭିନ୍ନକ୍ଷମ-ନିର୍ଦ୍ଦିଷ୍ଟ ପ୍ରଶ୍ନକୁ ବାଦ୍ ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବେଖିଆଲି ମନେହୁଏ ଏବଂ ଏହା ସମାଜକୁ ଭୁଲ୍ ସଙ୍କେତ ପ୍ରଦାନ କରୁଛି ବୋଲି କୁହାଯାଇପାରେ । ସୂଚାଇ ଦିଆଯାଇପାରେ କି ସମାଜ କର୍ମୀମାନେ ଏ ବାବଦରେ ବର୍ଷ ପରେ ବର୍ଷ ପ୍ରଚାର ଅଭିଯାନ ଚଳାଇବା ପରେ ସରକାର ଯେତେବେଳେ ଭିନ୍ନକ୍ଷମଙ୍କ ବାବଦରେ ପ୍ରଶ୍ନକୁ ଏନ୍‌ଏଫ୍‌ଏସ୍‌ଏସ୍- ୫ରେ ଅନ୍ତର୍ଭୁକ୍ତ କଲେ, ସେମାନେ ଆନନ୍ଦିତ ହୋଇଥିଲେ ଏବଂ ଆଶାବାଦୀ ଥିଲେ ଯେ ପରବର୍ତ୍ତୀ ସର୍ଭେଗୁଡ଼ିକରେ ମଧ୍ୟ ଏହି ପ୍ରଶ୍ନ ସର୍ଭେରେ ସାମିଲ ରହିବ। ପୁନଶ୍ଚ, ଏହା ମଧ୍ୟ ପ୍ରକାଶ କରିଛି ଯେ ଭିନ୍ନକ୍ଷମଙ୍କ ବାବଦରେ ରହିଥିବା ତଥ୍ୟ 'ଦ୍ରୁତ ଗତିରେ ପରିବର୍ତ୍ତନ ହେବନାହିଁ ।' ଏମିତି ଭାବିବା ଭୁଲ୍ ହୋଇପାରେ । ଭିନ୍ନକ୍ଷମମାନଙ୍କ ସମ୍ପର୍କିତ ତଥ୍ୟ ସଂଖ୍ୟା ଦୃଷ୍ଟିରୁ ଅବଶ୍ୟ ଉଲ୍ଲେଖନୀୟ । ଏକଥା ଅବଶ୍ୟ ସତ ଯେ ଏ ବାବଦରେ ଉପଲବ୍ଧ ତଥ୍ୟରେ ସାମାନ୍ୟ ପରିବର୍ତ୍ତନ ହୋଇଥାଇପାରେ । କିନ୍ତୁ ଏନ୍‌ଏଫ୍‌ଏସ୍‌ଏସ୍ ତଥ୍ୟ ହାସଲ କରିବା ନିମନ୍ତେ ନିର୍ଭର କରୁଥିବା ୬.୧ ଲକ୍ଷ ନମୁନା ପରିବାରଗୁଡ଼ିକରୁ ଭିନ୍ନକ୍ଷମମାନଙ୍କ ବାବଦରେ ତଥ୍ୟ ମଧ୍ୟ ପ୍ରକୃତ ପ୍ରତିନିଧିତ୍ୱମୂଳକ ହୋଇପାରେ । ଏସ୍‌ଏଫ୍‌ଏସ୍‌ଏସ୍ ଦ୍ୱାରା ଭିନ୍ନକ୍ଷମମାନଙ୍କ ଉପରେ ବିସ୍ତୃତ ଭାବରେ ପଚରା ଯାଉଥିବା ପ୍ରଶ୍ନଗୁଡ଼ିକ ସେମାନଙ୍କ ଜୀବନ ସମ୍ବନ୍ଧରେ ମୂଲ୍ୟବାନ୍ ନିର୍ଦ୍ଦିଷ୍ଟତାଗୁଡ଼ିକ ସମ୍ପର୍କରେ ସୂଚନା ପ୍ରଦାନ କରିବ । ଏସ୍‌ଆରଏସ୍ ଅନ୍ୟାନ୍ୟ ପ୍ରଶ୍ନଗୁଡ଼ିକ ମଧ୍ୟରେ ଭିନ୍ନକ୍ଷମତାର ବଳବତ୍ତରତା ଏବଂ ଘଟଣା, ଶିକ୍ଷାଗତ ସ୍ତର, ଜୀବନ ବଞ୍ଚିବାର ସୁବିଧା ସମୂହ, ଯନ୍ତ୍ର- ପ୍ରଦାନକାରୀ, ଭିନ୍ନକ୍ଷମତାର ପ୍ରମାଣପତ୍ର, ପହଞ୍ଚ ଏବଂ କର୍ମନିଯୁକ୍ତିର ହାର ଇତ୍ୟାଦି ବିଷୟରେ ପ୍ରଶ୍ନମାନ ପଚାରି ଏକ ଉତ୍ତମ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଏନ୍‌ଏଫ୍‌ଏସ୍‌ଏସ୍ ଆହୁରି ଅଧିକ ସଂଖ୍ୟକ ପ୍ରଶ୍ନ ପଚାରି ଥାଏ । ଏହା ଉପର ବର୍ଣ୍ଣିତମତେ ସେମାନଙ୍କ ଜୀବନର ଅତି ସୂକ୍ଷ୍ମ ପ୍ରଶ୍ନଗୁଡ଼ିକୁ ଯଥା ସ୍ୱାସ୍ଥ୍ୟ ଏବଂ ପୋଷଣ ସ୍ଥିତି, ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକ ପ୍ରତି ପହଞ୍ଚ, ବୀମା, ଯୌନ ଜୀବନ, ପରିବାର ନିୟୋଜନ ଇତ୍ୟାଦି ସମ୍ପର୍କରେ ପ୍ରଶ୍ନମାନ ପଚାରି ଥାଏ, ଯାହା ସେମାନଙ୍କର ଅସୁବିଧାଗୁଡ଼ିକୁ ବୁଝିବାରେ ସହାୟକ ହୋଇଥାଏ । ତେଣୁ ଏଥିରେ ସନ୍ଦେହ ନାହିଁ ଯେ ଏନ୍‌ଏଫ୍‌ଏସ୍‌ଏସ୍‌ର ସର୍ଭେ ଏସ୍‌ଆର୍‌ଏସ୍ ଅପେକ୍ଷା ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ଏବଂ ସେଥିପାଇଁ ଏହା କରାଯିବାର ଆବଶ୍ୟକତା ରହିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କର୍ମଚାରୀମାନେ ଯେତେବେଳେ ଭିନ୍ନକ୍ଷମତା ଉପରେ ସର୍ବତୋ ଭାବେ ଉଦ୍ଦିଷ୍ଟ ପ୍ରଶ୍ନଗୁଡ଼ିକ ମଧ୍ୟ ସବୁ ଦିଗକୁ ପରିସରଭୁକ୍ତ କରିପାରେ ନାହିଁ ବୋଲି କହୁଛନ୍ତି, ଏହା ହୁଏତ ସେହିସବୁ କ୍ଷେତ୍ରସ୍ତରୀୟ କର୍ମଚାରୀମାନଙ୍କ ପ୍ରଶିକ୍ଷଣଗତ କାର୍ଯ୍ୟ ଯୋଗୁଁ ହେଉଥବ, ଯେଉଁମାନେ ବାସ୍ତବରେ ପ୍ରଶ୍ନଗୁଡ଼ିକ ପଚାରିଥାନ୍ତି । ତେଣୁ ସରକାର ଏସବୁ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରି ଭିନ୍ନକ୍ଷମମାନଙ୍କ ସମ୍ପର୍କରେ ତଥ୍ୟ ଆହରଣ କରିବା ଉଚିତ ହେବ, କାରଣ ସେମାନଙ୍କ ସଂଖ୍ୟା ଭାରତର ମୋଟ ଜନସଂଖ୍ୟାର ଏକ ଉଲ୍ଲେଖନୀୟ ଅଂଶ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସେମାନଙ୍କର ସ୍ୱଚ୍ଛନ୍ଦରେ ଜୀବନ ନିର୍ବାହ କରିବାର ଅଧିକାର ରହିଛି । ସୂଚନାଯୋଗ୍ୟ ଯେ ମହିଳା ଏବଂ ଶିଶୁମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରି ସ୍ୱାସ୍ଥ୍ୟ ଓ ପୋଷଣ ତଥା ପରିବାର ନିୟୋଜନ ବାବଦରେ ତଥ୍ୟ ସଂଗ୍ରହ କରିବାକୁ ଏନ୍‌ଏଫ୍‌ଏସ୍‌ଏସ୍ ପ୍ରଥମେ ୧୯୯୨ରେ ସମ୍ପାଦନ ହୋଇଥିଲା। ୨୦୧୯ରୁ ୨୦୨୧ ମଧ୍ୟରେ କରାଯାଇଥିବା ଏନ୍‌ଏଫ୍‌ଏସ୍‌ଏସ୍‌ରେ ଭିନ୍ନକ୍ଷମଙ୍କ ସମ୍ପର୍କିତ ପ୍ରଶ୍ନଗୁଡ଼ିକୁ ସାମିଲ କରାଯାଇଥିଲା ।

## ଦିଅଁ ଦର୍ଶନ ଏବଂ ସ୍ୱତନ୍ତ୍ର ପୋଷାକ



### ବିଷ୍ଣୁ ପ୍ରସାଦ ଦାସ

ପୃଥିବୀର ସର୍ବ ପୁରାତନ ଧର୍ମ ହେଉଛି ସନାତନ ଧର୍ମ, ଏହି ମୂଳ ଧର୍ମରୁ ସୃଷ୍ଟି ଅନେକ ଧର୍ମ ଆଜି ପୃଥିବୀ ପୃଷ୍ଠରେ କୋଟି କୋଟି ଲୋକଙ୍କୁ ନିଜ ନୀତି ନିୟମ କାନୁନ ଭିତରେ ବାନ୍ଧି ରଖି ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବାରେ ସକ୍ଷମ ହୋଇଥିବା ବେଳେ ସନାତନ ଧର୍ମ ଆଜି ଅବହେଳିତ ଅବସ୍ଥାକୁ ଆସିଯାଇଛି । ଏଥିପାଇଁ ଆମେ କାହାକୁ ଦାୟୀ କରିବା? କାହାକୁ ଦୋଷ ଦେବା ? ପ୍ରତ୍ୟେକ ସନାତନ ଧର୍ମାବଲମ୍ବୀ କାହାରିକୁ ଦୋଷ ନ' ଦେଇ ପ୍ରଥମେ ନିଜକୁ ନିଜେ ଦୋଷ ଦେଇ ନିଜକୁ ଯଦି ସୁଧାରି ପାରିବେ ତେବେ ପୃଥିବୀର ସର୍ବ ପୁରାତନ ଧର୍ମ ହୁଏତ ଯୁଗ ଯୁଗକୁ ତିଷ୍ଠି ରହିବ ବୋଲି ଆମେ ଆଶା କରିବା, ଅନ୍ୟଥା ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ପରି ପ୍ରତିପାଦିତ ହେବ ।

କିଛିଦିନ ହେବ ଖବର କାଗଜ, ଟି.ଭିରୁ ଖବର ମିଳୁଛି ଯେ, ଅନେକ ସନାତନ ଧର୍ମୀ ଯେତେବେଳେ କୌଣସି ମନ୍ଦିର ତଥା ଧାର୍ମିକ ସ୍ଥଳୀକୁ ପୂଜାର୍ଚ୍ଚନା କରିବାକୁ ଯାଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା, ଯୁବକ ଯୁବତୀ, ଅତ୍ୟଧିକ ଉଶୃଙ୍ଖଳିତ ଭାବେ, ଶାଳୀନତାକୁ ଜଳାଞ୍ଜଳି ଦେଇ ଦେବା ଦେବୀ ଦର୍ଶନ କରିବାକୁ ଆସୁଛନ୍ତି, ପୋଷାକ ପତ୍ରରେ ଅତ୍ୟଧିକ ଆଧୁନିକତାର ଛାପ ସହିତ ଆଂଶିକ ଉଲଗ୍ନତାକୁ ସେମାନେ ଆଦରି ନେଇଛନ୍ତି, ଏହାଦ୍ୱାରା ଅନ୍ୟ ଭକ୍ତ ମାନେ ମାନସିକ କଷ୍ଟ ପାଇବା ସହିତ ସେମାନଙ୍କର ଧର୍ମ ଭାବନା ଉପରେ ଆଞ୍ଚ ଆସୁଛି । ଏହିସବୁ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡର ମହାନିର୍ବାଣ ଆଖାଡାର କର୍ମକର୍ତ୍ତା ତଥା ଅଧ୍ୟକ୍ଷ ମହନ୍ତ ରବୀନ୍ଦ୍ର ପୁରୀ ଏକ ନିର୍ଦ୍ଦେଶ ନାମା ଜାରି କରିଛନ୍ତି ଏଥିରେ ଉଲ୍ଲେଖ ଅଛି ଯେ, ଭକ୍ତମାନଙ୍କୁ ଅନୁରୋଧ ସେମାନେ ମର୍ଯ୍ୟାଦା ଯୁକ୍ତ ଭାରତୀୟ ସଭ୍ୟତା, ସଂସ୍କୃତି ସଂପନ୍ନ ପୋଷାକ ପିନ୍ଧି ମନ୍ଦିରରେ ପ୍ରବେଶ କରନ୍ତୁ, ଛୋଟ ବସ୍ତ୍ର, ହାପ୍ ପ୍ୟାଣ୍ଟ, ବରମୁଡା,ମିନି ସ୍କର୍ଟ, ନାଇଟ୍ ସୁଟ୍,କଣା ଫଟା ଜିନ୍ସ ଅର୍ଦ୍ଧ ଉଲଗ୍ନ 'ଟି' ସାର୍ଟ ଇତ୍ୟାଦି ନ' ପିନ୍ଧି ଦେହକୁ ଅତିକମରେ ୮୦ ଶତାଂଶ ଘୋଡାଇ ପାରୁଥିବା ଏବଂ ମହିଳାମାନେ ମୁଣ୍ଡକୁ ଓଢଣୀ, ବା ଶାଢୀରେ ଘୋଡାଇ ସନାତନ ଧର୍ମର ପୋଷାକ ପିନ୍ଧି ମନ୍ଦିର ଦର୍ଶନ କରନ୍ତୁ ଅନ୍ୟଥା ମନ୍ଦିର ପ୍ରବେଶ ଅନୁମତି ମିଳିବ ନାହିଁ । ଏହି ନିୟମ ଉତ୍ତରାଖଣ୍ଡର ତିନିଗୋଟି ମନ୍ଦିରରେ ଲାଗୁ ହୋଇଛି ସେହି ମନ୍ଦିର ଗୁଡିକ ହେଲା ହରିଦ୍ୱାରର ଦକ୍ଷ ପ୍ରଜାପତି ମନ୍ଦିର, ଡେରାଡୁନର ପାଟକେଶ୍ୱର ମହାଦେବ ମନ୍ଦିର, ଏବଂ ଋଷିକେଶର ନୀଳକଣ୍ଠ ମହାଦେବ ମନ୍ଦିର, ଏଠାକୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ମନ୍ଦିରର ଗାରିମା, ନିଜର ସଂସ୍କୃତି, ନିଜର ଶାଳୀନତା ବଜାୟ ରଖି ଉତ୍ତମ ପୋଷାକ ପରିଧାନ କରିବାକୁ ଅନୁରୋଧ କରାଯାଇଛି । ଏହାକୁ ଅନେକ ଶ୍ରଦ୍ଧାଳୁ ସାଧୁବାଦ୍ ଦେଉଥିବା ସମୟରେ କିଛି ଅସହିଷ୍ଣୁ ଗୋଷ୍ଠୀ ବିରୋଧ କରୁଛନ୍ତି ଯାହାକି ବାଚାଳାମି ଛଡା କିଛି ନୁହେଁ । ଅସମ୍ଭବ ଯୁକ୍ତି ଆଉ ଅଜ୍ଞତାର ପରିଚୟ ଦେଇ ସେମାନେ ସେସ୍ୱଛାଚାରିତାକୁ ଆପଣେଇ ନେବାକୁ ଯୁକ୍ତି ବାଢୁଛନ୍ତି ।

ଭାରତବର୍ଷରେ ଏହା ଏକ ନୂଆ କଥା ନୁହେଁ, ଏହା ପୂର୍ବରୁ ଅନେକ ମନ୍ଦିର ମଠ ପରିସର ମଧ୍ୟକୁ ଯିବା ସମୟରେ ଡ୍ରେସ କୋଡ୍ ବା ସ୍ୱତନ୍ତ୍ର ପରିଧାନର ଆବଶ୍ୟକତା ଅଛି ତନ୍ମଧ୍ୟରୁ ନିଜ ଅନୁଭୂତିକୁ ନେଇ ଲେଖୁଛି ଯେ, କେରଳର ଥିରୁ ଅନନ୍ତ ପୁରମ୍ ଠାରେ ଅବସ୍ଥିତ ପଦ୍ମନାଭ ସ୍ୱାମୀ ମନ୍ଦିର, କନ୍ୟାକୁମାରୀ ଠାରେ କନ୍ୟାକୁମାରୀ ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ନୀତି ନିୟମ ଅନୁଯାୟୀ ପୋଷାକ ପରିଧାନ କରିବାକୁ ହୋଇଥାଏ, ଯଦି ନିଜର ପୋଷାକ ନ'ଥାଏ ତେବେ ସେଠାରେ ପୋଷାକ ଭଡାରେ ମଧ୍ୟ ମିଳେ, ଇଣ୍ଡୋନେସିଆର ବାଲି ଦ୍ୱୀପ ଏକ ହିନ୍ଦୁ ବହୁଳ ଦ୍ୱୀପ ସେଠାରେ ରହୁଥିବା ଜନସଂଖ୍ୟାର ୮୦ ପ୍ରତିଶତ ହିନ୍ଦୁ ଧର୍ମାବଲମ୍ବୀ ଏବଂ ସେଠାରେ ଅନେକ ହିନ୍ଦୁ ଦେବାଦେବୀ ମନ୍ଦିର ଦେଖିବାକୁ ମିଳେ, ସେହି ମନ୍ଦିର ଗୁଡିକ ଦର୍ଶନ କରିବା ସମୟରେ ଏକ ପ୍ରକାର ସ୍ୱତନ୍ତ୍ର ଲୁଙ୍ଗି ପରି ବାରଂ ପରିଧାନ କରିବାକୁ ପଡେ, ମନ୍ଦିର ପ୍ରବେଶ ପୂର୍ବରୁ ନିର୍ଦ୍ଧାରିତ ସ୍ଥାନରୁ ଏହାକୁ କିଛି ଦେୟ ଦେଇ ବ୍ୟବହାର କରିବାକୁ ହୁଏ ଏବଂ ଦର୍ଶନ ପରେ ଫେରସ୍ତ ଦେବାକୁ ହୁଏ, ଥାଇଲାଣ୍ଡ, ମାଲେସିଆ, ଭୁଟାନ ଦେଶରେ ମଧ୍ୟ ଏହି ପ୍ରଥା ଭ୍ରମଣ କାଳରେ ଅନୁଭବ କରିଛି । ଏହାଦ୍ୱାରା ଆମର କିଛି ମାନ ସମ୍ମାନରେ ଆଞ୍ଚ ଆସେ ନାହିଁ ବରଂ ନୂତନ ଅନୁଭୂତି, ଶୃଙ୍ଖଳା, ଭକ୍ତିଭାବ, ଆଧାତ୍ମିକ ଭାବ ମନ ଭିତରେ ଜାଗ୍ରତ ହୁଏ, ଈଶ୍ୱର ବିଶ୍ୱାସ ବଢିଯାଏ । ଥରେ ଚିନ୍ତା କରନ୍ତୁ ତ' ଆପଣମାନେ ଯେତେବେଳେ ଅମୃତସହର ସ୍ୱର୍ଣ୍ଣ ମନ୍ଦିର ହେଉ ବା ଯେ କୌଣସି ଗୁରୁଦ୍ୱାର ମଧ୍ୟରେ ପ୍ରବେଶ କରୁଛନ୍ତି ସେତେବେଳେ ମୁଣ୍ଡକୁ ଘୋଡେଇ ଯାଉଛନ୍ତି, ମସଜିଦକୁ ଯିବା ସମୟରେ ମଧ୍ୟ ସେହିପରି ମୁଣ୍ଡରେ ଟୋପି ବା ରୁମାଲ ବାନ୍ଧି ଯାଉଛନ୍ତି, ଚର୍ଚ୍ଚ ଭିତରେ ମଧ୍ୟ ସେହି ପରି ନିୟମ କାନୁନ ରହିଛି କାହିଁ ସେହି ସବୁ ଜାଗାରେ ତ' ଆପଣମାନେ ବିରୋଧ କରୁନାହାନ୍ତି ? ତେବେ ସନାତନ ଧର୍ମ କ'ଣ ଏତେ ଶସ୍ତା ? ଆପଣମାନେ ମନଇଛା ଯାହା ଚାହିଁବେ ତାହା କରିବେ ? ଗୋଆ ବୀଚ୍‌ରେ ବୁଲିବା ସମୟରେ ଛୋଟ ପୋଷାକ ପିନ୍ଧି ବୁଲିବାକୁ କେହି ମନା କରିବେ ନାହିଁ କିନ୍ତୁ ଦେବା ଦେବୀ ମନ୍ଦିର ଭିତରେ ଏହା ନିଷିଦ୍ଧ ହେବା ଜରୁରୀ ହୋଇ ପଡିଛି । ଭାରତବର୍ଷରେ କୋଟି କୋଟି ମନ୍ଦିର ରହିଛି ଏହି ପ୍ରଥା ଯେତେ ଶୀଘ୍ର ଲାଗୁ ହେବ ସେତେ ଭଲ । ସନାତନ ଧର୍ମର ଅନେକ ମନ୍ଦିର ଧର୍ମସ୍ଥଳୀ, ପୁଣ୍ୟ ତୋୟା ନଦୀ ଘାଟ ସମୀପବର୍ତ୍ତୀ ସ୍ଥାନର ମଦ୍ୟ ପାନ କରି ଅର୍ଦ୍ଧ ଉଲଗ୍ନ ନୃତ୍ୟ, ରିଲ୍ କରିବା ଇତ୍ୟାଦି କେତେଦୂର ଯୁକ୍ତିଯୁକ୍ତ? ଏପରି କାର୍ଯ୍ୟ କଳାପ କ'ଣ ଅନ୍ୟ କୌଣସି ଧର୍ମର ଧର୍ମ ସ୍ଥଳୀରେ ଦେଖିଛନ୍ତି କି? 'ନରମ ଲୁହା ଦେଖିଲେ ବିଲେଇ କାମୁଡେ', ଠିକ୍ ସେହିପରି ସନାତନ ଧର୍ମ ରେ ଅଙ୍କୁଶ ନାହିଁ, ଯଦି କିଛି ଅଛି ତାହା 'ବାଆକୁ ବତା ପରି'। ଆମେ ଏବେ ପାଶ୍ଚାତ୍ୟ ମୁଖା ହୋଇଛୁ, ଦି' ଚାରିପଦ ଫିସ୍ ଫିସ୍ ଇଂରାଜୀ କହିଦେଲୁ ମାନେ ଭାବୁ ଯେ,' ହମସେ ବଡ଼ା କୋଇ ନେହିଁ'। ଭାଇ ଭଉଣୀ ମାନେ ନିଜକୁ ନିଜେ ସଂଯତ କର, ନିଜ ଧର୍ମକୁ ସମ୍ମାନ ଦିଅ, ନିଜ ସଂସ୍କୃତିକୁ ଆପଣେଇ ବିଶ୍ୱ ଦରବାରରେ ସନାତନ ଧର୍ମକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଶପଥ ନିଅ । ଆମକୁ ଲଜ୍ଜା ଲାଗିବା କଥା ଆମ ହିନ୍ଦୁ ଧର୍ମର ଦ୍ୱେ ଦେବୀ ମାନଙ୍କୁ ବିକୃତ ରୂପ ଦେଇ ପୂଜା କରୁଛୁ ଯେପରି ବିଘ୍ନ ବିନାଶନ ଗଣପତି, ବିଶ୍ୱକର୍ମା, ମା' ସରସ୍ୱତୀ ମା' ଦୁର୍ଗାଙ୍କୁ ମଧ୍ୟ ପେଣ୍ଡାଲରେ ବିକୃତ ଆଧୁନିକ ରୂପ ଦେଇ ଭକ୍ତି ବଦଳରେ ପ୍ରତିଯୋଗିତା ରୂପୀ ଶକ୍ତି ଦେଖାଇ ଥାଉ । ଆମେ ଆଉ କେବେ ଶିଖିବା? ଶୃଙ୍ଖଳିତ ହେବା? ମଦ୍ୟପାନ କରି ଡି: ଜେ ର ତାଳେ ତାଳେ ଅର୍ଦ୍ଧ ଉଲଗ୍ନ ନର୍ତ୍ତକୀ ମାନଙ୍କୁ ଦେବାଦେବୀଙ୍କ ସମ୍ମୁଖରେ ନଚାଇ ମସଗୁଲ୍ ହୋଇ ଭସାଣି ଉତ୍ସବ ପାଳନ କରିବା? ଅନ୍ୟମାନଙ୍କୁ ଦେଖାଇଦେବା ଯେ ଆମେ ଦେବା ଦେବୀଙ୍କୁ ଅନ୍ତରରୁ କେତେ ଭକ୍ତିକରୁ? ଏହା ଭକ୍ତିର ଏକ ନମୁନା ନା ସେସ୍ୱଚ୍ଛାଚାରିତାର ଏକ ନଗ୍ନ ଉଦାହରଣ ? ଭାଇଚାରା କ'ଣ ଏହାକୁ କୁହନ୍ତି ? ଯେଉଁଠାରେ କଠୋର ନିୟମ ଲାଗୁ ହୋଇଛି ସେଠାରେ ଆମେ ସଚେତନ, କିନ୍ତୁ ଅନ୍ୟ ସ୍ଥାନରେ ଆମେ ବିଶୃଙ୍ଖଳିତ ହେବାର କାରଣ କ'ଣ ? ପ୍ରଶାସନ ଆଉ କେତେଦିନ ବିଲେଇ ପରି ଆଖି ବୁଜି କ୍ଷୀର ପିଉ ଥିବ? ମନେହୁଏ ବର୍ତ୍ତମାନ ସମୟ ଆସିଛି ଆମେ ବିଶୃଙ୍ଖଳିତ ସନାତନ ଧର୍ମାବଲମ୍ବୀ ମାନଙ୍କୁ ଏକ ଶୃଙ୍ଖଳିତ ମାର୍ଗରେ ପରିଚାଳିତ କରିବା ପାଇଁ କଠୋର ହୃଦୟରେ ଆଇନର ସହାୟତା ନେବାକୁ ପଡିବ ଅନ୍ୟଥା ଅମାନିଆ ମାନେ ଆଗାମୀ ପିଢ଼ିକୁ ନକାରାତ୍ମକ ସନ୍ଦେଶ ଦେବେ ଯାହାକି ସମାଜ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହେବ ।

ଓଡିଶା ପ୍ରଦେଶର ଗର୍ବ ଶ୍ରୀ ଶ୍ରୀ ଜଗନ୍ନାଥ ମହା ପ୍ରଭୁଙ୍କ ମନ୍ଦିର, ଲିଙ୍ଗରାଜ ମହା ପ୍ରଭୁଙ୍କ ମନ୍ଦିର, ମା' ସମଲେଶ୍ୱରୀ ମନ୍ଦିର ମା' ତାରିଣୀ ମନ୍ଦିର, ମା' ତାରା ତାରିଣୀ ମନ୍ଦିର ପରି ଅନେକ ମନ୍ଦିରର ସମ୍ମାନନୀୟ ଟ୍ରଷ୍ଟି, ପରିଚାଳନା କମିଟିର ସଭ୍ୟ ମାନେ ତଥା ମାନନୀୟ ଦେବୋତ୍ତର କମିଶନର ମହୋଦୟ ସନାତନ ଧର୍ମକୁ ବଞ୍ଚାଇ ରଖିବାପାଇଁ ମନ୍ଦିର ପ୍ରବେଶ ସମୟରେ ଉପଯୁକ୍ତ ଡ୍ରେସ କୋଡ୍ ବା ସ୍ୱତନ୍ତ୍ର ପୋଷାକ ନିୟମକୁ ଯଥା ଶୀଘ୍ର ଲାଗୁ କରିବାକୁ ବିନମ୍ର ଅନୁରୋଧ । ସନାତନ ଧର୍ମ ବଞ୍ଚିଲେ ଆମେ ବଞ୍ଚିବା । ବିଶ୍ୱର ପ୍ରତ୍ୟେକ ଧର୍ମ ଏବଂ ଏହାର ଅନୁଗାମୀ ମାନଙ୍କୁ ଅଶେଷ ସମ୍ମାନ ଜଣାଉଛି, ଏଠାରେ କୌଣସି ଧର୍ମକୁ ନ୍ୟୁନ କରିବାର ପ୍ରୟାସ କରାଯାଇ ନାହିଁ, କିନ୍ତୁ ସନାତନ ଧର୍ମର କିଛି ବିଶୃଙ୍ଖଳିତ ବ୍ୟକ୍ତିଂକୁ ଏକ ଅନୁରୋଧ ଜରିଆରେ ନିଜକୁ ସୁଧାରି ନେବାର ଏକ ପ୍ରୟାସ କରାଯାଇଅଛି।

ବରିଷ୍ଠ ନାଗରିକ
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

## ଅଭିଭାବକ ମାନଙ୍କ ଆଶା



### ପ୍ରଣତି ଆଚାର୍ଯ୍ୟ ମହାପାତ୍ର

ଅଧୁନା ଆମେ ସମସ୍ତେ ଯନ୍ତ୍ରଚାଳିତ ବସ୍ତୁ ଉପରେ ନିର୍ଭରଶୀଳ। ପ୍ରତ୍ୟେକ କାମ ଆମର ଅତିଶୀଘ୍ର ହୋଇଯିବା ଦରକାର। ଧର୍ଯ୍ୟର ଅଭାବ ସମସ୍ତଙ୍କ ପାଖରେ। ପ୍ରତ୍ୟେକ ମୂଦ୍ରାର ଦୁଇଟି ପାର୍ଶ୍ୱ ପରି ସମସ୍ତ ଜିନିଷର ଭିନ୍ନ ଭିନ୍ନ କାର୍ଯ୍ୟ ରହିଛି। ବା ଏପରି କୁହାଯାଇପାରେ ସବୁ ଜିନିଷର ଗୁଣାତ୍ମକମାନ ଅଲଗା ଅଲଗା। ପରିବେଶ ଓ ପରିସ୍ଥିତି ଅନୁସାରେ ପରିଚାଳିତ ସବୁକିଛି। ଆମେ ତାକୁ ଯେପରି ଚଲାଇବା ସେ ତାର କାର୍ଯ୍ୟ ସେପରି ଦେଖାଇବ। ଆଜି କାଲିର ଅତ୍ୟାଧୁନିକ ସମାଜରେ ଆମ ପିଲାମାନଙ୍କୁ ଆମେ ଗୋଟେ ଗୋଟେ ଯନ୍ତ୍ରପରି ଗଠନ କରିବାରେ ଲାଗିଛେ। ପିଲାମାନେ ଆବଶ୍ୟକଠାରୁ ଅଧିକ ପ୍ରତିଭା ର ଅଧିକାରୀ। ଏହା ପଛରେ ସେମାନଙ୍କ ପ୍ରତିଭା କମ୍ କିନ୍ତୁ ଅଭିଭାବକ ମାନଙ୍କ ଆଶା ଆକାଂକ୍ଷା ଅଧିକ। ବିଚରା ଫୁଲ ପରି କୋମଳ ଶିଶୁ ସେହି କାମ ହିଁ କରନ୍ତି ଯାହା ମାତା ପିତା କରିବାକୁ କହନ୍ତି।

ମୌଲାନା ଆବୁଲ କଲାମ ଆଜାଦ୍ କହିଥିଲେ ବିଦ୍ୟାଳୟ ଏପରି ଏକ ପ୍ରୟୋଗଶାଳା ଯେଉଁଠି ରାଷ୍ଟ୍ରର ଭବିଷ୍ୟତ ଗଠନ ହୁଏ। ଏବେ ଟିକେ ଭାବନ୍ତୁ ଆଜି କାଲିର ପିଲାମାନଙ୍କ ଭବିଷ୍ୟତ କଣ ବିଦ୍ୟାଳୟରେ ଗଠନ ହୁଏ ?

ଥରେ ଏକ ଘଟଣା ଦେଖି ମୋ ମନରେ ଏହି ପ୍ରଶ୍ନ ! ପିଲାମାନଙ୍କୁ ଆମେ କିପରି ମଣିଷ କରିବାକୁ ଲାଗିଛେ ? ଶ୍ରୀମତୀ ମହାନ୍ତି ତାଙ୍କ ପୁଅକୁ ଆଣିବାକୁ କୋଚିଂ ସେଣ୍ଟର ବସ୍‌କୁ ଅପେକ୍ଷା କରିଥିଲେ। ବସ୍‌ଟି ନିର୍ଧାରିତ ସମୟରେ ପହଞ୍ଚିଲା। ସେ ନିଜ ପୁଅକୁ ବସ୍‌ରୁ ଆଣି ରାସ୍ତାରେ ଏକ ରାସନ ଦୋକାନକୁ ଗଲେ, କାରଣ ତାଙ୍କର କିଛି ଜିନିଷ ଦରକାର ଥିଲା। ଖରା ଦିନ ପୁଣି ସେତେବେଳକୁ ପ୍ରାୟ ୪୨ ଡିଗ୍ରୀ ପାଖାପାଖି। ଏଗାର ବର୍ଷ ବୟସରେ ପିଲାଟିର କାନ୍ଧରେ ଦଶକିଲୋ ଓଜନର ବ୍ୟାଗ୍। ସେଥିରେ ପୁଣି ଚାଲି ଚାଲି ଘରକୁ ଫେରିବା ବାଟରେ ରାସନ ଦୋକାନ। ଶ୍ରୀମତୀ ମହାନ୍ତି ରାସନ ଦୋକାନି ଆଗରେ କହିଲେ ମୋପୁଅ ବହୁତ ସୁନ୍ଦର ଶ୍ଳୋକ ଉଚ୍ଚାରଣ କରେ। ଟିକେ ଅଙ୍କଲ୍‌ଙ୍କୁ ଗୋଟେ ଶ୍ଳୋକ ଶୁଣାଇଲୁ।ଖରା ରେ ଅସ୍ତବ୍ୟସ୍ତ ପିଲାଟିକୁ ବହୁତ ଯୋରରେ ଶୋଷ ଲାଗୁଥିଲା। ତେଣୁ ସେ ଚୁପ୍ ରହିଲା । ବାସ୍ ଏତିକିରେ ସମସ୍ତ ଙ୍କ ଆଗରେ ଶ୍ରୀମତୀ ମହାନ୍ତି ଅପମାନିତ ମନେକଲେ। ଓ ରାସ୍ତା ସାରା ବିଚରା ଶିଶୁ କୁ ଉପଦେଶ ଶୁଣାଇ ଘରକୁ ଫେରିଲେ। ଘରେ ପହଞ୍ଚି ଆରମ୍ଭ କରିଦେଲେ ବିଭିନ୍ନ ଆଦେଶ। ଦେଖ ଖାଇସାରି ହୋମ୍ ୱାର୍କ କରିବୁ ।ଆଜି ଟିଉସନ୍ ସାର୍ ଶିଘ୍ର ଆସିବେ କହିଛନ୍ତି। ଚାରିଟା ବେଳେ କୋଚିଂ କ୍ଲାସ । ହିଁ ଶୁଣୁ ତୋ ଡାଡି କହୁଥିଲେ ରବିବାର ଦିନ ଜେନେରାଲ ନଲେଜ୍ ପରୀକ୍ଷା ଅଛି। ତୁ ଯେମିତି ଫାଷ୍ଟ ହବୁ। ତେଣୁ ତୋର ମୋବାଇଲ ଓ ଟିଭି ଦେଖା ପୁରାପୁରି ବନ୍ଦ। ସାହୁ ବାବୁଙ୍କ ପୁଅ ଗତ ପରୀକ୍ଷାରେ ତୋ ଠାରୁ ଆଗରେ ଥିଲା। ରାତିରେ ପଢାପଢି କରି ଶୋଇ ପାଞ୍ଚଟାରୁ ଉଠିଲେ କରାଟି କ୍ଲାସ। ଆଉ କେବେ ଯଦି ଦୋକାନୀ ଅଙ୍କଲ୍ କିଛି ପଚାରିବେ ତେବେ ଉତ୍ତର ଦବୁ। ତୋ ଯୋଗୁ ଆଜି ମତେ ଅପମାନିତ ହେଲା ପରି ଲାଗିଲା। ଟିକେ ଭାବନ୍ତୁ ଏପରି ହୁଏନି। ପ୍ରତ୍ୟେକ ଘରେ ପିଲାମାନେ ଏହା ଶୁଣି ଶୁଣି ବଡ ହୁଅନ୍ତି। ସ୍କୁଲରେ ଶିକ୍ଷକ ଯଦି ପଚାରନ୍ତି ତୁମେ ବଡହେଲେ କଣ ହେବାକୁ ଚାହୁଁଛ? ପିଲାମାନେ ନିଜ ଇଚ୍ଛା ଅପେକ୍ଷା ମାତାପିତାଙ୍କ ଇଚ୍ଛା କଥାକହିବେ। ଆଜିକାଲିର ପିଲାମାନଙ୍କଠାରୁ ଆମେ ସେମାନଙ୍କ ପିଲାଦିନ ଜବରଦସ୍ତି ଛଡାଇନେଉଛେ। ଯନ୍ତ୍ର ପରି କାମ କରିକରି ସେମାନେ ସ୍ନେହ ଶ୍ରଦ୍ଧା ପ୍ରେମ ଓ ସଂମ୍ପର୍କର ପରିଭାଷା ଭୁଲିବାକୁ ଲାଗନ୍ତି। ଅନେକ ଶିଶୁ ମାନସିକ ସ୍ତରରେ ଧିରେ ଧିରେ ଡିପ୍ରେସନ ଆଡକୁ ଗତି କରି ଚିଡିଚିଡା ସ୍ୱଭାବର ହୋଇଯାନ୍ତି। ଛୋଟ ଛୋଟ ପିଲା କିନ୍ତୁ ସେମାନଙ୍କର ହାବଭାବ ଦେଖିଲେ କିଛି ସମୟ ପାଇଁ ସମସ୍ତେ ସ୍ତବ୍ଧ ହେଇଯିବେ। ପିଲାମାନେ ମୁକ୍ତ ଆକାଶର ପକ୍ଷୀ। ସେମାନଙ୍କୁ ପିଞ୍ଜରାରେ ବାନ୍ଧି ରଖିଲେ ପରକଟା ଚଢେଇ ପରି ସେମାନେ ପିଞ୍ଜରାରେ ଛଟପଟ ହୁଅନ୍ତି। ସେମାନେ ନିଜ ମନର ଭାବ ଓ ଭାଷାକୁ ପରିପ୍ରକାଶ କରିପାରନ୍ତି ନାହିଁ। ଏବେ ଜନ୍ମ ହେବାର କିଛି ଦିନ ପରେ ପରେ ଆମେ ଶିଶୁ ଟିକୁ ମୋବାଇଲରୁ ଗୀତ ଶୁଣାଉ, ତାର କାନ୍ଦ ବନ୍ଦ କରିବା ପାଇଁ ପିଲାଟି ଚୁପ୍ ମଧ ହୋଇଯାଏ ଖୁସି ରେ ଖୁସିରେ ଆମେ ପିଲାଙ୍କୁ ଖେଳନା ପରିବର୍ତ୍ତେ ମୋବାଇଲ ଧରାଇଦେଉ। ଏମିତି କି ଏବେ ଛୁଆ ମାନେ ଝୁମୁକା ଓ ଖେଳନା ପରିବର୍ତ୍ତେ ମୋବାଇଲ ପାଇଁ ପାଗଳ। ଏହା ଧିରେ ଧିରେ ସେମାନଙ୍କ ଅଭ୍ୟାସ ରେ ପରିଣତ ହୁଏ। ଯାହା ପରମୁହୂର୍ତ୍ତ ରେ ସେମାନେ ସାଙ୍ଗସାଥି ଛାଡି ମୋବାଇଲ ସହ ଖେଳି ସମୟ ଅତିବାହିତ କରନ୍ତି।ସେଥିପାଇଁ ଅନେକ ଏକୁଟିଆ ରହିବାକୁ ପସନ୍ଦ କରନ୍ତି।

ଆମ ବାପା ଜେଜେ ବାପା ଆମମାନଙ୍କଠାରୁ ବହୁତ ଭଲ ଅଭିଭାବକ ଥିଲେ। ଖେଳରେ ଖେଳରେ ଆମକୁ ପାଠ ଶାଠ ସବୁ ପଢ଼ାଉଥିଲେ। ଆମେ ବାଲିରେ ଖେଳୁଥିଲେ ପୋଖରୀ ରେ ପହରା ସିଖୁଥିଲେ । ଗଛରେ ଚଢୁଥିଲେ ଓ ଓହ୍ଲାଇ ଆସୁଥିଲେ। ଆମ ମା ବାପାଙ୍କର ଏତେ ଆଶା ଆକାଂକ୍ଷା ନଥିଲା, ତଥାପି ଆମେ ଭଲ ପାଠପଢୁଥିଲେ। ଅନେକ ବହୁତ ଭଲ ଗୀତ ଗାଉଥିଲେ। ଭଲ ନୃତ୍ୟ କରିପାରୁଥିଲେ। ଭଲ ବାଦକ ଥିଲେ। ଭଲ ନେତା ଥିଲେ ଓ ଭଲ ଅଭିନେତା ମଧ୍ୟ। ଆଜିକାଲିର ପରିସ୍ଥିତି ସଂମ୍ପୂର୍ଣ୍ଣ ଅଲଗା। ଆଜି ପର୍ଯ୍ୟନ୍ତ ଆମ ବାପା ଓ ଜେଜେ ଚଷମା ପିନ୍ଧି ନାହାନ୍ତି କିନ୍ତୁ ଆମ ପିଲାମାନଙ୍କର ପାୱାର ଚଷମା। ଆମ ବାପା ଜେଜେ ନିଜ ପରିବାର ସଂପର୍କୀୟ ଜ୍ଞାତି କୁଟୁମ୍ବ ସମସ୍ତଙ୍କ ସହିତ ମିଶି ଚଳୁଥିଲେ। କିନ୍ତୁ ଏବେ ଆମ ପିଲାଙ୍କ ପାଇଁ ଆମପାଖରେ ଦୁଇ ମିନିଟ୍ ସମୟ ନାହିଁ। କହିପାରିବେ କେବେ ଆପଣ ନିଜ ପିଲାଙ୍କ ସହ ମିଶି ହସ ଖୁସି ଗପ କରିଛନ୍ତି? ସମସ୍ତେ ନିଜ ନିଜ କାର୍ଯ୍ୟ ରେ ବ୍ୟସ୍ତ। କୁହାଯାଏ ମା ହେଲେ ପାଠୋଇ ଦେଶ ଯିବ ଆଗେଇ'। ଏବେ ପ୍ରାୟତଃ ପ୍ରତି ମା ମାନେ ଶିକ୍ଷିତ ଓ ସ୍ୱାବଲମ୍ବୀ କିନ୍ତୁ ଦେଶର ଭବିଷ୍ୟତ ନିଜ ସନ୍ତାନମାନଙ୍କ ପାଇଁ ବାପା ମା' କାହାପାଖରେ ସମୟ ନାହିଁ। ଆମେ ଆମର ପିଲାମାନଙ୍କୁ ଉଚ୍ଚ ଆକଂକ୍ଷା ଦୌଡ ରେ ଦୌଡିବାକୁ ଛାଡି ଦେଇଛେ। ପଞ୍ଜୁରୀ ଭିତରେ ଆବଦ୍ଧ ରହି ପିଲା ମାନେ ନିଜେ ନିଜର ଭବିଷ୍ୟତ ଗଠନ କରିବା ପ୍ରତିଯୋଗୀତାରେ ମଗ୍ନ।

ନୟାଗଡ଼
ମୋ: ୯୪୩୭୬୪୨୯୪୭




### ଗୁରୁ

**ଦୀପକ କୁମାର ମିଶ୍ର**



ତୁମେ ତିମିରାଚ୍ଛନ୍ନ ଆକାଶରେ
ଆଲୋକର ବିନ୍ଦୁ
ଅଜ୍ଞାନତାର ଅଶାନ୍ତ ସମୁଦ୍ରରେ
ବତିଘର ରୂପେ ଆବିର୍ଭୂତ
ଏକ ଅଭୀପ୍ସିତ ସିନ୍ଧୁ ।

ଅବୁଝା ଅଙ୍କାବଙ୍କା ରାସ୍ତା ଯେବେ
ଆସେ ଜୀବନରେ
ତୁମେ ଜ୍ଞାନଦୀପ୍ତ ବୃଦ୍ଧଟିଏ ହୋଇ
ଧରିନିଅ ହାତ, ରାସ୍ତା କର ପାରି
ଅବାଟର ବାଟୋଇ ଆଖିରେ
ଭରିଦିଅ ପୁଳାପୁଳା ସ୍ୱପ୍ନ
ହୃଦୟରେ ଭରିଦିଅ
ଅନେକ ଅସୁମାରି ଅନ୍ୱେଷାର ଜହ୍ନ ।

ପ୍ରଶ୍ନର ବାଣରେ କେବେ ହୁଅନା
ଆହତ
ବରଂ ସଜେଇଦିଅ ତୂଣୀରରେ
ସବୁତକ ବିକ୍ଷିପ୍ତ ବୁଦ୍ଧି,
ଜ୍ଞାନ ଓ ଧୈର୍ଯ୍ୟ
ଗଢ଼ି ତୋଳିଦିଅ ଅଲୋଡ଼ା ପଥରରେ
ଗୋଟେ ଗୋଟେ ଅଷ୍ଟମ ଆଶ୍ଚର୍ଯ୍ୟ ।
ଌଌଌଌଌ

ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

### ଧେତତେରିକା

**ନିରଞ୍ଜନ ସାହୁ**

ଇଚ୍ଛା ଥାଏ ପୁଣି ଇଚ୍ଛା ମରିଯାଏ
ତୁମ ସାଥେ ଦେଖା ପାଇଁ
ସେଦିନ ଯାଇଛି ଏଦିନ ଆସିଛି
କାହିଁକି ବା ଯିବି ଧାଇଁ ?

ଦିନ ଥିଲା ଦିନେ ତୁମେ ଭେଟୁଥିଲ
ମୁହିଁ ଭେଟୁଥିଲି ଯାଇ
ଆଜି ଆମେ ଅଛେ ସମୟର ପଛେ
ଯେଝା ବାଟେ ଯେଝା ଥାଇ
ପଛ କଥା କେବେ ମନେ ପଡିଗଲେ
ମୁଣ୍ଡ ହୁଏ ଘାଇଁଘାଇଁ ।

ତୁମେ ଖୋଜୁଥିବ ସ୍ମୃତି ପୃଷ୍ଠା ଖୋଲି
ଲାଗିଥିବା ସେହି ଦାଗ
ଯେଉଁ ଦାଗଟାକୁ ଆଉଁସି ଆଣିଲେ
ଲାଗଇ ବଢ଼ିଆ ବାଗ
ଭାବନାରେ ହଜି ଆଖି ଦେଲେ ବୁଜି
ମଥା ଘୁରେ ସାଇଁସାଇଁ ।
ଌଌଌଌଌଌ

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

### ନୀଳ ନିର୍ବାଣ

**ସୁନନ୍ଦା ମହାନ୍ତି**




ତୁମ ନୀଳକାନ୍ତି ରୂପ ବେଶ
ତୁମ ନୀଳ ନୀଳ ହସ
ଆଉ ତୁମ ନୀଳପଦ୍ମ ବେଶ
ନୀଳ ନିର୍ବାଣରେ ମୁଁ ବେହୋସ
ତୁମ ନୀଳକାନ୍ତି ବେଶ ସଦୃଶ
ଦେଖିନାହିଁ ନୀଳ ଆକାଶେ ବିଶ୍ୱ
ତୁମେ ନୀଳପଦ୍ମ ନୀଳସରୋବରେ
ଭାବ ଭକ୍ତିରେ ଥକି ଯାଇନି ଲେସ
ତୁମ ନୀଳ ନୀଳ ନୀଳଚାହାଣୀରେ
ଭକ୍ତ ନୀଳମଣି ଡାକେ ଅଶେଷ
ନୀଳ ନୀଳିମାରେ ନୀଳଆଖି ତୁମ
ମାଗେ ନୀଳ ପିୟୁଷ ଓ ନୀଳହସ
ନୀଳ ଦରିଆର ନୀଳଜଳରାଶି
ନୀଳ ନବଘନ ବେଶ ପ୍ରକାଶ
ନୀଳ ବରଷା ରାଣୀ ଓଢଣୀ
ନୀଳରଙ୍ଗ
ନୀଳ ସବୁଜିମା କରେ ହିସାବ
ନିକାଶ
ନୀଳ ସେ ଭକ୍ତି ତରଙ୍ଗରେ ନୀଳ
ଭାବାବେଶ
ନୀଳ ରଙ୍ଗୋଲିରେ ସାଧବବୋହୂର
ଅଣଚାଶ
ନୀଳ ବରଷାରେ ଲୁଚିଛି ସେ ରହି
ଉପାସ
ନାଲି ନାଲି ତାର ବଧୂଲି ହସ,
ନୀଳ ଉଦାସ
ନୀଳ ନିର୍ବାଣର ସୁନ୍ଦର ବେଶ
ନୀଳ ସାଧ୍ୱାଣୀ, ରାଧା ଗଉଡୁଣୀ
ଦେଖିବ ଆସିଛି ତୁମ ନୀଳବେଶ
ନୀଳବରଷା ନାଚୁଛି ନୀଳମୟୁର ପୁଚ୍ଛ
ନୀଳ ସାଧ୍ୱାଣୀ କହେ ବରଷା ବରଷ
ନାଲି ଗୁଲୁ ଗୁଲୁ ସାଧବବୋହୂ
ନୀଳନିର୍ବାଣେ
ଦେଖାନାହିଁ କାହିଁ ନୀଳ ଧାନକେଣ୍ଡା
ଭିତରେ ଥିବ ଅବଶ୍ୟ.
ବରଷା ଆସିଛି ନୀଳ ସ୍ୱାରୀରେ ତା
ନୀଳବେଶ
ଦେଖି ଲାଗେ ନୀଳ ନିର୍ବାଣ ପାଇବ
ବିଶ୍ୱ

ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

### ଆସିଛି ବରଷାଦିନ

**ନଳନୀ ଦାଶ**



ଶୁଣରେ ପିଲେ ଦେଇଣ ମନ
ଆସିଛି ବରଷା ଦିନ
ବହୁଛି ନଈ ଛାତି ଫୁଲେଇ
କରି ଭୀମଗରଜନ ।

ଜଗି ରଖି ତୁମେ ବାଟ ଚାଲୁଥିବ
ସବୁଠି ଭରିଛି ଜଳ
ଦେଖି ଚାହିଁକି ଗୋଡ଼ ବଢ଼ାଅ
ଟାଣିନେବ ବର୍ଷାଜଳ ।

ବରଷା ଦିନେ ସରିସୃପ କୀଟ
ଜଳ ସ୍ଥଳ ସବୁଠାରେ
ଲୟ ରଖିକି ଚାଲିବ ପିଲେ
ନପଡିବ ବିପଦରେ ।

ବରଷା ଦିନରେ ହୁଅନିଓଦା
ହେବ ଥଣ୍ଡା କାଶ ଜ୍ୱର
ଔଷଧ ଖାଇ ରୁଚିବ ନାହିଁ
ଭାତ ଡାଲି ସର କ୍ଷୀର ।

ନଦୀ ପୋଖରି ପାଣି ପିଇଲେ
ହୋଇବଟି ଝାଡା ବାନ୍ତି
ଫୁଟେଇ ପାଣି ପିଇବ ତୁମେ
ନଥିବଟି ଭୟ ଭ୍ରାନ୍ତି ।


ମଶା ମାଛିଏ ବଂଶ ବିସ୍ତାର
କରିଣ ସାଧନ୍ତି ଦାଉ
କାମୁଡି ଦେଇ ଶୋଷନ୍ତି ରକ୍ତ
ହୋଇଥାନ୍ତି ହାଉ ଯାଉ ।

ନଦୀ ପୋଖରି ପାଣି ଗୋଳିଆ
ହୁଅଇ ବରଷା ଦିନେ
ଗାଧେଇବନି କାଛୁ କୁଣ୍ଡିଆ
ହେବ ରଖିଥାଅ ମନେ ।

ଘର ଗଛ ପୋଲ୍ ଭାଙ୍ଗି ପଡ଼ିବ
ତୁମେ ସତର୍କରେ ଥିବ
ବିଜୁଳି ତାର ଖସି ପଡ଼ିଲେ
ବିପଦ ଡାକି ଆଣିବ ।

ଭିକାରିପଡା,
ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୯୫୨୪୧

# ମସ୍ତିଷ୍କ ଆଘାତ ଦ୍ୱାରା ମିଥ୍ୟା ଚିନ୍ତା



ମୁଣ୍ଡରେ ଆଘାତ ଲାଗିବା ପରେ ବେଳେ ବେଳେ ସ୍ମୃତି ଶକ୍ତି ଚାଲିଯାଉଥିବାର ଦେଖାଯାଏ । ହେଲେ କେତେକ ଘଟଣାରେ ମସ୍ତିଷ୍କରେ ଆଘାତ ଲାଗିବା ପରେ ମଣିଷ ମନରେ ମିଛ ସ୍ମୃତି ସବୁ ଉଙ୍କି ମାରିଥାଏ ବୋଲି ଜଣାପଡିଛି । ଏସବୁ ଘଟଣା ମନକୁ ଆସିଥାଏ ଯାହା କେବେ ଉକ୍ତ ବ୍ୟକ୍ତିଙ୍କ ଜୀବନରେ ହୋଇ ନଥିବ ।

ଲଣ୍ଡନର ୟୁନିଭର୍ସିଟି ଅଫ୍ କ୍ୟାମ୍ବ୍ରିଜ୍‌ର ବୈଜ୍ଞାନିକମାନେ ଏକ ଗବେଷଣାରୁ ଏହା ଜଣାଇଛନ୍ତି । ସେମାନେ ଏହି ଆଶ୍ଚର୍ଯ୍ୟଜନକ ତଥ୍ୟ ସମ୍ପର୍କରେ କହିଛନ୍ତି ଯେ, ଏହି ଗବେଷଣା ଏମନିସିଆ )ଭୁଲିବା ରୋଗ) ଏବଂ ଆଲ୍‌ଜାଇମର୍ସ ପରି ସ୍ମୃତି ଶକ୍ତି ସମ୍ବନ୍ଧୀୟ ରୋଗ ଉପରେ ଅଧିକ ତଦନ୍ତ ପାଇଁ ସହାୟକ ହେବ । ଉଭୟ ଅବସ୍ଥାରେ ମସ୍ତିଷ୍କର ଏକ ବିଶେଷ ଭାଗ ଯାହାକୁ ପେରିହିନାଲ୍ କୋର୍ଟେକ୍ସ କୁହାଯାଏ ତାହା ପ୍ରଭାବିତ ହୋଇଥାଏ । ଫଳରେ ମସ୍ତିଷ୍କ କୌଣସି ଆଧାରଗ୍ରସ୍ତ ତଥ୍ୟ ମନେ ରଖିବା ସମ୍ଭବ ହୁଏ ନାହିଁ । ବୈଜ୍ଞାନିକମାନେ ଏଥିପାଇଁ ମୂଷା ଉପରେ ପରୀକ୍ଷଣ କରିଥିଲେ । ସର୍ଜରୀ ଦ୍ୱାରା ମସ୍ତିଷ୍କର ଉକ୍ତ ଅଂଶକୁ କ୍ଷତିଗ୍ରସ୍ତ କରାଯାଇ ଏହି ଗବେଷଣା କରାଯାଇଥିଲା ।

## ଉପକାରୀ ପତ୍ର

ପତ୍ର ଯେ କେବଳ ଗାଇ-ଗୋରୁଙ୍କ ତୃଣଭୋଜୀଙ୍କ ନିମନ୍ତେ ଉଦ୍ଦିଷ୍ଟ, ତାହା ନୁହେଁ । ମଣିଷ ମଧ୍ୟ କେତେକ ରୋଗ କବଳରୁ ବର୍ତ୍ତିବା ଲାଗି ବିଧି ଅନୁଯାୟୀ କେତେକ ନିର୍ଦ୍ଦିଷ୍ଟ ପତ୍ର ଭକ୍ଷଣ କରିବା ଉଚିତ । ମହାଦେବ, ପାର୍ବତୀଙ୍କୁ ଏଭଳି ଉପଦେଶ ଦେଇଥିବା ପ୍ରାଚୀନ ଶାସ୍ତ୍ରାଦିରେ ବର୍ଣ୍ଣିତ । ମାର୍ଗଶିରରେ ଧନିଆ ପତ୍ର, ପୌଷରେ କାଇଞ୍ଚ ପତ୍ର, ମାଘରେ କଲରା ପତ୍ର, ଫଗୁଣରେ କଳମ ଶାଗ, ଚୈତ୍ରରେ ନିମ୍ବ ପତ୍ର, ବୈଶାଖରେ ସୁନୁସୁନିଆ ଶାଗ, ଜ୍ୟେଷ୍ଠରେ ବେଲ ପତ୍ର, ଆଷାଢ଼ରେ ବରଡା ପତ୍ର, ଶ୍ରାବଣରେ କୁସୁମ ପତ୍ର, ଭାଦ୍ରବକରେ ନୀଳ କଇଁ ପତ୍ର, ଆଶ୍ୱିନରେ ତାଳମୂଳୀ ପତ୍ର ଏବଂ କାର୍ତ୍ତିକ ମାସରେ ଅଗସ୍ତି ପତ୍ର ଖାଇଲେ ଚର୍ମ ରୋଗ ହୁଏନାହିଁ । ଦୃଷ୍ଟିଶକ୍ତି ତୀକ୍ଷ୍ଣ ହୁଏ; ଦନ୍ତ ଓ ମାଢ଼ି ଶକ୍ତ ହୁଏ; କେଶ ପାଚେନାହିଁ; ସର୍ବୋପରି ଭୂତାଣୁ ଜନିତ ଜ୍ୱର ସହଜରେ ଆକ୍ରମଣ କରିପାରେ ନାହିଁ ।

# ମହିଳାଙ୍କ ଅଣ୍ଟାବିନ୍ଧାର କାରଣ ଇଣ୍ଟରନେଟ୍



ଅଣ୍ଟାବିନ୍ଧା ଏଭଳି ଏକ ରୋଗ ଯାହା ଏଥିରେ ପୀଡିତ ବ୍ୟକ୍ତିଙ୍କୁ ମାନସିକ ସ୍ତରରେ ଅଧିକ ଆଘାତ ପହଞ୍ଚାଇ ଥାଏ । ନିୟମିତ ଔଷଧ ସେବନ କରିବା ଦ୍ୱାରା ଉପଶମ ମିଳିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ରୂପେ ଭଲ ହୋଇ ନ ଥାଏ । ମହିଳାମାନେ ଇଣ୍ଟରନେଟ୍ ବ୍ୟବହାର କରିବା ଦ୍ୱାରା ଅଣ୍ଟାବିନ୍ଧା ରୋଗରେ ପୀଡିତ ହୋଇଥାନ୍ତି ବୋଲି ଏକ ଗବେଷଣାରୁ ଜଣାପଡିଛି । ବ୍ରିଟେନ୍‌ର ଗବେଷକମାନେ କରିଥିବା ଏକ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ଇଣ୍ଟର୍‌ନେଟ୍ ମାଧ୍ୟମରେ ଫେସ୍‌ବୁକ୍, ଟ୍ୱିଟର୍ ଭଳି ସୋସିଆଲ୍ ନେଟ୍‌ୱର୍କ ସାଇଟ୍ ବ୍ୟବହାର କରୁଥିବା ଅଧିକାଂଶ ମଧ୍ୟମ ବୟସ୍କା ମହିଳା ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗ କରିଥାନ୍ତି । ଏ ସମ୍ପର୍କରେ ଜାଣିବା ନିମନ୍ତେ ଗବେଷକମାନେ ସୋସିଆଲ ନେଟ୍‌ୱର୍କ ସାଇଟ୍ ବ୍ୟବହାର କରୁଥିବା ୩୫ ରୁ ୫୦ ବର୍ଷ ବୟସ୍କା ୧୦୦୦ ମହିଳାଙ୍କ ମତ ସଂଗ୍ରହ କରିଥିଲେ । ପ୍ରତି ୪ ଜଣରୁ ୩ ଜଣ ଅର୍ଥାତ୍ ୭୫ ପ୍ରତିଶତ ମହିଳା ଦୀର୍ଘ ସମୟ ଇଣ୍ଟର୍‌ନେଟ୍ ବ୍ୟବହାର କରି ଦାରୁଣ ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗୁଥିବାର କହିଥିଲେ । ପ୍ରତି ୫ ଜଣରୁ ଜଣେ ଅର୍ଥାତ୍ ୨୦ ପ୍ରତିଶତ ମହିଳା ପ୍ରତିଦିନ ଅଣ୍ଟାବିନ୍ଧା ଯନ୍ତ୍ରଣାର ଶିକାର ହେଉଥିବା କହିଥିଲେ । ୩ ଭାଗରୁ ଏକ ଭାଗ ମହିଳା ଅଳ୍ପ କେତେ ଦିନ ବ୍ୟବଧାନରେ ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗ କରୁଥିବାବେଳେ ୪ ଭାଗରୁ ଏକ ଭାଗ ମହିଳା ପ୍ରତି ସପ୍ତାହରେ ଥରେ ପିଠି ଯନ୍ତ୍ରଣା ଅନୁଭବ କରିଥାନ୍ତି ବୋଲି କହିଥିଲେ । ତେବେ ଅଂଶଗ୍ରହଣକାରୀଙ୍କ ଯନ୍ତ୍ରଣା ଯୋଗୁ ସହଜରେ ଚାଲିପାରନ୍ତି ନାହିଁ ବୋଲି ମତ ଦେଇଥିଲେ । ଅଣ୍ଟାବିନ୍ଧା ଏଭଳି ଏକ ରୋଗ ଯାହା ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଜୀବନରେ ଅନେକ ଅସୁବିଧା ସୃଷ୍ଟି କରିଥାଏ । ଅଣ୍ଟାବିନ୍ଧାରେ ପୀଡିତ ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟକୁ ସଠିକ ଭାବରେ ସମ୍ପାଦନ କରିପାରନ୍ତି ନାହିଁ ଯାହା ଫଳରେ ସେମାନଙ୍କ ସାମାଜିକ ଜୀବନ କ୍ଷତିଗ୍ରସ୍ତ ହୁଏ ବୋଲି ଫିଜିଓ ଥେରାପିଷ୍ଟ ସ୍ୟାମି ମାର୍ଗୋ କହିଛନ୍ତି ।




# ୧୪୯୦ କୋଟିର ମୁକ୍ତା



ପୃଥିବୀ ପୃଷ୍ଠରେ ଉଜ୍ଜ୍ୱଳ ମୁକ୍ତାର ଉପସ୍ଥିତିକୁ ପାଶ୍ଚାତ୍ୟ ଭୂତତ୍ତ୍ୱବିତ୍‌ମାନେ ସ୍ୱୀକୃତି ଦେଉ ନ ଥିଲେ ହେଁ ଚିନୀମାନେ କିନ୍ତୁ ଏ ସଂକ୍ରାନ୍ତରେ ଶତ ପ୍ରତିଶତ ନିଶ୍ଚିତ । ଚିନୀ କିମ୍ବଦନ୍ତୀମାନଙ୍କରେ ଏଭଳି ମୁକ୍ତାର ଉପସ୍ଥିତି, ଗୁଣ ଆଦିର ନାନା ରହସ୍ୟମୟ ବର୍ଣ୍ଣନା ମିଳିଥାଏ । ତେବେ ସେମାନେ ଏଭଳି କେତୋଟି ମୁକ୍ତ ଆବିଷ୍କାର କରିସାରିଥିବାରୁ 'ଉଜ୍ଜ୍ୱଳ ମୁକ୍ତା'କୁ ଆଉ କେବଳ ଏକ କିମ୍ବଦନ୍ତୀ କୁହାଯାଇପାରିବ ନାହିଁ । ଏଭଳି ସବୁଜବର୍ଣ୍ଣା ମୁକ୍ତା ସଂପର୍କରେ ବିଶେଷ କିଛି ଜଣାଯାଇନାହିଁ । ସ୍ଥାନୀୟ ଭାଷାରେ ଏହାକୁ କୁହାଯାଏ 'ୟେମେଙ୍ଗ୍‌ଝୁ' । ଏହା କ୍ୱଚିତ୍ ଦୃଶ୍ୟମାନ ହେଉଥିବାରୁ ଅତି ବିରଳ ଶ୍ରେଣୀରେ ଯିବ । ଏହାକୁ କେବଳ ସ୍ପର୍ଶ ମାତ୍ର କଲେ ମଣିଷ ସମୃଦ୍ଧ ହେବ ବୋଲି ସେମାନେ ବିଶ୍ୱାସ କରନ୍ତି । ଏହି ମୁକ୍ତା ଖନି ଜଗତ୍‌ର ଏକ ପ୍ରାକୃତିକ ବିସ୍ମୟ; ଅତି ବାଇଗଣି ରଶ୍ମି ବିନା ଅନ୍ଧାରରେ ଉଜ୍ଜ୍ୱଳ ଦିଶୁଥିବାରୁ ଗୁଆଙ୍ଗଡଙ୍ଗ୍ ଅନ୍ତର୍ଗତ ଏକ ଗଙ୍ଗଷ୍ଟେନ୍ ଖନିରୁ ଏଭଳି ଏକ ମୁକ୍ତା ପ୍ରଥମେ ଆବିଷ୍କୃତ ହେଇଥିଲା ୧୯୮୨ରେ; ସେ ପର୍ଯ୍ୟନ୍ତ ଏହାର ଉପସ୍ଥିତି କେବଳ ଏକ କାହାଣୀ ଥିଲା । ତାହା ପରଠାରୁ ଏକାଧିକ ଉଜ୍ଜ୍ୱଳ ମୁକ୍ତା ଆବିଷ୍କୃତ ହେଲାଣି । ସବୁଠାରୁ ବଡଟି ଆବିଷ୍କୃତ ହେଇଥିଲା ନିକଟରେ; ଯାହାର ବ୍ୟାସ ୧.୬ ମିଟର ଏବଂ ଓଜନ ୬ ଟନ୍ । ସେଇଟି ହରା ଭଳି ଶକ୍ତ; ତାହାକୁ ଘୋରି ଆକର ଦେବାକୁ ଲାଗିଛି ପ୍ରାୟ ୩ ବର୍ଷ । ଏବେ ସେଇଟି ପ୍ରଦର୍ଶିତ ହେଉଛି ହାଇନାନ୍ ପ୍ରଦେଶର ୱେନଚାଙ୍ଗ୍‌ରେ । ତାହାକୁ କିଣିବା ପାଇଁ ଜନୈକା ବ୍ୟକ୍ତି ୧୪୯୦ କୋଟି ଟଙ୍କା ଯାଚିଥିବା ପ୍ରକାଶ ।

# ଚୀନ୍‌ର ଅଭେଦ୍ୟ 'ଗ୍ରେଟ୍ ୱାଲ୍'



ବିଶ୍ୱର ଦୀର୍ଘତମ ପ୍ରାଚୀରର ଦୈର୍ଘ୍ୟ ୨୪୦୦ କିଲୋମିଟର ଏବଂ ଅଧିକାଂଶ ସ୍ଥାନରେ ଏହାର ଉଚ୍ଚତା ୩୦ ଫୁଟ୍ । ପୀତ ନଦୀରୁ କେନ୍ଦ୍ର ଏସିଆ ଯାଏ ପଶ୍ଚିମରୁ ପୂର୍ବକୁ ଏହା ବ୍ୟାପ୍ତ । ଖ୍ରୀଷ୍ଟପୂର୍ବ ୧୦୨୭ରୁ ୨୪୯ ମଧ୍ୟରେ ପ୍ରାଚୀନ ଚୀନ୍ ସଭ୍ୟତା ବିକଶିତ ହୋଇଥିଲା । ପୁଣି ଠିକ୍ ସେହି ସମୟରେ ଉତ୍ତର ଚୀନ୍‌ର କେନ୍ଦ୍ରାଞ୍ଚଳରୁ ଦକ୍ଷିଣ ଆଡକୁ ସାମ୍ରାଜ୍ୟ ପ୍ରସାରଣ ଲକ୍ଷ୍ୟରେ ଅଭିଯାନ ଆରମ୍ଭ କରିଥିଲେ ତତ୍‌କାଳୀନ ଶାସକ । ଏଣୁ ଆକ୍ରମଣ, ପ୍ରତି ଆକ୍ରମଣ ଲାଗି ରହୁଥିଲା । ନିକଟବର୍ତ୍ତୀ ଷ୍ଟେପି ଅଞ୍ଚଳର ଯାଯାବର ମାନେ ଥିଲେ ସ୍ଥାୟୀ ବସତି ବିରୋଧୀ । ସେମାନେ ଯୁଦ୍ଧ-ପ୍ରବଣ ହିଂସ୍ର



ସ୍ୱଭାବର ଲଢୁଆ ଜାତି । ଆକ୍ରମଣ-ଲୁଣ୍ଠନ ଥିଲା ସେମାନଙ୍କ ବୃତ୍ତିର ଅଂଶବିଶେଷ । ପୁଣି ସେମାନେ ଥିଲେ ଅତିମାତ୍ରାରେ ଗତିଶୀଳ । ଅତର୍କିତ ଆକ୍ରମଣ କରି ସଂଗେ ସଂଗେ ଫେରି ପଳାୟନ କରୁଥିଲେ ଷ୍ଟେପି ମଧ୍ୟକୁ । ସସମ୍ମାନେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ମୁହାଁମୁହିଁ ଯୁଦ୍ଧରେ ଲିପ୍ତହେବା ସେମାନଙ୍କର ପସନ୍ଦ ନଥିଲା । ଘୋଡା ପିଠିରେ ବସି ହଠାତ୍ ତୀର ବର୍ଷଣ କରି ଉଭାନ୍ ହୋଇଯାଉଥିଲେ ସେମାନେ । ସେ କାଳର ଗରିଲା ! ଯେହେତୁ ସେମାନେ ଥିଲେ ଯାଯାବର ଶ୍ରେଣୀର; ଏଣୁ ସେମାନଙ୍କୁ ଆକ୍ରମଣ କରି ଧ୍ୱଂସ କରିବା ସଂଭବ ନଥିଲା । ଯେଉଁମାନଙ୍କର କୌଣସି ଠିକଣା ନାହିଁ, ସେମାନେ ମିଳେବେ କେଉଁଠି ? ଏହି ଯାଯାବର ଲଢୁଆ ଜାତିଙ୍କ କବଳରୁ ସ୍ଥାୟୀ ଜପପଦକୁ ରକ୍ଷା କରିବା ନିମନ୍ତେ ଝାଓ ଶାସନ କାଳରେ ନିର୍ମାଣ ଆରମ୍ଭ କରାଯାଇଥିଲା ସେହି ପ୍ରାଚୀର ଯାହା ଆଜିବି ବିଦ୍ୟମାନ ଏବଂ ପ୍ରସିଦ୍ଧଖଧ 'ଦ ଗ୍ରେଟ୍ ୱାଲ୍ ଅଫ୍ ଚାଇନା' ଭାବେ ପରିଚିତ । ଉତ୍ତର ଚୀନ୍‌ର ପ୍ରାଦେଶିକ ଶାସକମାନେ ଛୋଟ ଛୋଟ ଖଣ୍ଡରେ ଏହାର ନିର୍ମାଣ ଆରମ୍ଭ କରିଥିଲେ । ପରେ ସମ୍ରାଟ୍ ଶି ହୁଆଙ୍ଗ୍ ଡି ଏହାର ସଂଯୁକ୍ତକରଣ ଲାଗି ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ସାମରିକ ମୁଖ୍ୟ ମେଙ୍ଗ୍ ତିନ୍ ଏହି କାର୍ଯ୍ୟ ତଦାରଖ କରୁଥିଲେ । ଖ୍ରୀଷ୍ଟପୂର୍ବ ୨୨୧ ରୁ ୨୦୬ ମଧ୍ୟରେ କୀନ୍ ଶାସନ କାଳରେ ଏହା ପୂରା ହୋଇଥିଲା । ଆଜି ଯେଉଁ ପ୍ରାଚୀର ବିଦ୍ୟମାନ ତାହା ବିକଶିତ ହୋଇଥିଲା ୧୩୬୮ ରୁ ୧୬୪୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ମିଙ୍ଗ ଶାସନ ଅମଳରେ ।



ସେମାଳରେ ଏହି କାର୍ଯ୍ୟରେ ଶ୍ରମଦାନ କରିଥିଲେ ପ୍ରାୟ ୩ ଲକ୍ଷ ଶ୍ରମିକ ।

# ଯୋଗ ସମୟ



ଆଜିକାଲି ସୁସ୍ଥ ରହିବା ପାଇଁ ସମସ୍ତେ ପଢୁଛନ୍ତି ଯୋଗପାଠ। ସେ ଦୃଷ୍ଟିରୁ ବଲିଉଡ୍‌ର କଳାକାରମାନେ ବା ପଛରେ ରହିଯାଆନ୍ତେ କିପରି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ 'ଗୋଲମାଲ' ଆକ୍ଟର ତୁଶାର କପୁର ଏବେ ଅଭିନୟ ପରେ ଯାହା କିଛି ସମୟ ବଳୁଛି ସେ ସମ୍ପୂର୍ଣ୍ଣ ବିନିଯୋଗ କରୁଛନ୍ତି ଯୋଗ ପାଇଁ। ତାଙ୍କର ଟ୍ରେନର ହେଲେ ପାୟଲ ଗିଡ୍‌ୱାନୀ। ତୁଷାରଙ୍କ ହାତ ଯେବେଠାରୁ ଫ୍ୟାକ୍‌ଚର ହେଲାଣି ସେବେଠୁ ସେ ପଡିଛନ୍ତି ଯୋଗ ପଛରେ ତେବେ ତୁଷାରଙ୍କ ମନ ଭାରି ଦୁଃଖ ଯେ ଭଉଣୀ ଏକତାଙ୍କୁ ସେ ଦିନରାତି ଲାଗିପଡି ଯେତେ ବୁଝାଇଲେ ବି ସେ ବୁଝିବାକୁ ନାରାଜ। ବିଶେଷକରି ଏକତାଙ୍କ ଚେହେରାକୁ ଦେଖି ତୁଷାରଙ୍କ ଟେନ୍‌ସନ ବଢିଯାଇଛି। ଦିନକୁ ଦିନ ସେ ମୋଟୀ ହୋଇ ଯାଉଥିବାରୁ ତାଙ୍କ ପାଇଁ ଯୋଗ ନିହାତି ଜରୁରୀ। ହେଲେ ସବୁଠାରୁ ମଜାର ବିଷୟ ହେଉଛି ତୁଷାରଙ୍କୁ ଯୋଗମାୟାରେ ପଶିବା ପାଇଁ କିଏ ପ୍ରବର୍ତ୍ତାଇଲେ ଜାଣନ୍ତି ? ତାଙ୍କର ବେଷ୍ଟଫ୍ରେଣ୍ଡ କରୀନା କପୁର। ତା'ପରଠାରୁ ତୁଷାର ନିଜେ ଯୋଗ କରିବା ସହିତ ଏକତାଙ୍କ ପଛରେ ପଡିଛନ୍ତି। ଶୁଣାଯାଉଛି ତୁଷାରଙ୍କୁ ଧରାଛୁଆଁ ଦେଉନଥିବା ଏକତା ଏବେ କୁଆଡେ ଯୋଗ ଦେଇଛନ୍ତି ଯୋଗ କ୍ଲାସରେ।

## ବୃକ୍ଷ ଦେବତା



ଗୁଜରାଟ ଅନ୍ତର୍ଗତ ସାବରକଣ୍ଠ ଜିଲ୍ଲାର ଦେରୋଲ୍ ଗ୍ରାମରେ ଥିବା ବୃକ୍ଷ ନାରାୟଣ ମନ୍ଦିରଟି ସଂଭବତଃ ଭାରତବର୍ଷର ଏକମାତ୍ର ମନ୍ଦିର ଯାହା ଏକ ବୃକ୍ଷକୁ ସମର୍ପିତ । ଏଠାରେ ବୃକ୍ଷକୁ ଦେବତା ଭାବେ ପୂଜା କରାଯାଏ । ହିନ୍ଦୁ ଧାର୍ମିକ ପରଂପରାରେ ପ୍ରକୃତି ପୂଜକ କିଛି ନୂଆ କଥା ନୁହେଁ । ଉପନିଷଦ୍ ଅନୁଯାୟୀ ଗୋଟିଏ ବୃକ୍ଷ ଦଶ ଜଣ ପୁତ୍ରଙ୍କ ସହ ସମାନ । ଗୋଟିଏ ବୃକ୍ଷ ମାତ୍ର ବର୍ଷ ପାଞ୍ଚଟି ମଣିଷର ଯତ୍ନ ଆବଶ୍ୟକ କରିଥାଏ; ଲୋଡିଥାଏ ଜଳ ମାତ୍ର । ବଦଳରେ ସେ ମଣିଷକୁ ଦିଏ ଦଶ ଦଶଟି ଉପହାର-ଅମ୍ଳଜାନ, ଜଳ, ମୃତ୍ତିକା, ଖାଦ୍ୟ, ବସନ, ଶକ୍ତି, ଆଶ୍ରୟ, ଔଷଧ, ଗୋ-ଖାଦ୍ୟ ଏବଂ ଛାୟା । ଗୁଜରାଟ ସରକାରଙ୍କ ଦ୍ୱାରା ମେହସାନାର 'ସବୁଜ ରାଷ୍ଟ୍ରଦୂତ' ଉପାଧିପ୍ରାପ୍ତ ତଥା ପ୍ରିୟଦର୍ଶିନୀ ଇନ୍ଦିରା ଗାନ୍ଧୀ ବୃକ୍ଷ ମିତ୍ର ଜାତୀୟ ପୁରସ୍କାର ବିଜେତା ପରିବେଶ ପ୍ରେମୀ ଜିତେନଦ୍ର ପଟେଲ୍ ହେଉଛନ୍ତି ବୃକ୍ଷ ନାରାୟଣ ମନ୍ଦିରର ପ୍ରତିଷ୍ଠାତା ଏକ ବଟ ବୃକ୍ଷ ଭାବେ ଦିଶୁଥିବା ମନ୍ଦିରଟିର ଉଚ୍ଚତା ୧୮ ଫୁଟ ଏବଂ ଛଉଡା ୨୦ ଫୁଟ । ମନ୍ଦିରଟିକୁ ସେ ସ୍ଥାପନ କରିଛନ୍ତି ଏକ ଉଦ୍ୟାନ ଭିତରେ । ଜିତେନ୍ଦ୍ରଙ୍କ ଦୃଷ୍ଟିରେ ଭଗବାନ୍ ବୃକ୍ଷରେ ବାସକରୁଥିବାରୁ ତାହା ଅତ୍ୟନ୍ତ ପବିତ୍ର ଏବଂ ପୂଜା ପାଇଁ ଯୋଗ୍ୟ ।

# ଠିକ୍ ଭାବେ ହେଉନି ଜଳ ପରିଚାଳନା : ବରବାଦ୍ ହେଲା ୫ ଫୁଟ ହୀରାକୁଦ ପାଣି



ସମ୍ବଲପୁର , ୦୪/୦୭ (ନି.ପ୍ର): ଛତିଶଗଡ଼ ସରକାର ନିଜ ଭାଗର ମହାନଦୀ ପାଣି ବରବାଦ କରୁଥିବା ନେଇ ଓଡ଼ିଶା ଉପରେ ସବୁବେଳେ ଦୋଷ ଲଦିଆସୁଛି। ହୀରାକୁଦ ଜଳଭଣ୍ଡାରର ଜଳ ପରିଚାଳନାକୁ ନେଇ ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଏବେ ପୁଣି ହୀରାକୁଦ ଜଳଭଣ୍ଡାରର ୫ ଫୁଟ୍‌ରୁ ଅଧିକ ଜଳ ବ୍ୟବହାର ହୋଇନପାରି ବେକାର ଯାଇଛି। ଅନ୍ୟ ପଟେ ଗତ ମେ ଓ ଜୁନ୍ ମାସରେ ବିଦ୍ୟୁତ୍ ଉତ୍ପାଦନ କ୍ଷତି ପ୍ରାୟ ୪୮ ନିୟୁତ ୟୁନିଟ୍ ହେବ ବୋଲି ଜଣେ ବିଶେଷଜ୍ଞ କହିଛନ୍ତି। ଅଣମୌସୁମୀ ଜଳ ପ୍ରବାହ ପାଇଁ ଓଡ଼ିଶା ଟ୍ରିବୁନାଲର ଆଶ୍ରୟ ନେଇଛି। ଅନ୍ୟ ପଟେ ଜଳଭଣ୍ଡାରର ଗଚ୍ଛିତ ଜଳର ଠିକ୍ ଉପଯୋଗ ହେଉନାହିଁ। ଅଣମୌସୁମୀରେ ହୀରାକୁଦ ଜଳଭଣ୍ଡାର ଜଳର ସଦୁପଯୋଗ ନିମନ୍ତେ ଶକ୍ତି ଓ ଜଳ ସଂପଦ ବିଭାଗ ଦ୍ୱାରା ଯୁଗ୍ମ କାର୍ଯ୍ୟ ଖସଡ଼ା (ଜଏଣ୍ଟ ୱାର୍କିଂ ଟେବଲ୍) ପ୍ରସ୍ତୁତ କରାଯାଇଛି। ଏହି ଯୁଗ୍ମ କାର୍ଯ୍ୟ ଖସଡ଼ାକୁ ଅନୁସରଣ କରି ଜଳ ପରିଚାଳନା କରାଯାଇଥାଏ। ଅତି କମ୍‌ରେ ପ୍ରତି ୧୫ ଦିନରେ ଥରେ ହୀରାକୁଦ ଜଳସ୍ତର, ଜଳସେଚନ ତଥା ବିଦ୍ୟୁତ୍ ଉତ୍ପାଦନ ଇତ୍ୟାଦି ପାଇଁ ଉପଯୋଗ ହୋଇଥିବା ଜଳର ପରିମାଣ ସମୀକ୍ଷା କରିବା ଆବଶ୍ୟକ ପଦକ୍ଷେପ ନିଆଯିବା କଥା। ଚିପିଲିମା ବିଦ୍ୟୁତ୍ କେନ୍ଦ୍ରର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଅନୁଯାୟୀ ବୁର୍ଲା କେନ୍ଦ୍ରରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ଜଳଭଣ୍ଡାରର ଜଳ ବ୍ୟବହାର କରାଯିବା ଉଚିତ। ଯାହା ଦ୍ୱାରା ବୁର୍ଲା ବିଦ୍ୟୁତ୍ କେନ୍ଦ୍ରରୁ ନିଷ୍କାସିତ ଜଳ ଆଉ ଥରେ ପୁଣି ଚିପିଲିମାରେ ପୂରା ଭାବେ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଉପଯୋଗ ହୋଇପାରିବ। କିନ୍ତୁ ସେଭଳି ହେଉ ନାହିଁ। ପ୍ରାପ୍ତ ତଥ୍ୟ ଅନୁସାରେ, ଚଳିତ ବର୍ଷ ଗତ ମେ ୧ ତାରିଖରୁ ୧୯ ମଧ୍ୟରେ ବୁର୍ଲା ଜଳ ବିଦ୍ୟୁତ୍ କେନ୍ଦ୍ରରେ ହାରାହାରି ସେକେଣ୍ଡ ପ୍ରତି ୧୨,୭୦୦ ଘନଫୁଟ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହାର କରୁଥିଲା। ସେହି ସମୟରେ ଚିପିଲିମାରୁ ହାରାହାରି ସେକେଣ୍ଡ ପ୍ରତି ପ୍ରାୟ ୮,୦୦୦ ଘନଫୁଟ ଜଳ ବ୍ୟବହାର କରାଯାଇ ବିଦ୍ୟୁତ୍ ଉତ୍ପାଦନ ହେଉଥିଲା। ଏଥିରୁ ସ୍ପଷ୍ଟ ଯେ ହାରାହାରି ସେକେଣ୍ଡ ପ୍ରତି ୪୭୦୦ ଘନଫୁଟ ଜଳ ଚିପିଲିମାରେ ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ବ୍ୟବହାର ନହୋଇ ରେଲୱେ ବ୍ରିଜ ପାଖରେ ଥିବା ସାଇଫନ୍ ଦେଇ ମହାନଦୀକୁ ନିଷ୍କାସିତ ହେଉଥିଲା। ଏହି ଜଳର ସଦୁପଯୋଗ ହୋଇଥିଲେ ପ୍ରାୟ ୧୧ ନିୟୁତ ୟୁନିଟ ବିଦ୍ୟୁତ୍ ଉତ୍ପାଦନ ହୋଇପାରିଥାନ୍ତା। ଅର୍ଥାତ, ଏହି ଅବଧି ମଧ୍ୟରେ ୧୧ ନିୟୁତ ବିଦ୍ୟୁତ୍ ଉତ୍ପାଦନ କ୍ଷତି ହୋଇଛି। ହୀରାକୁଦ ଜଳଭଣ୍ଡାରର ଡେଥ୍ ଷ୍ଟୋରେଜ୍ ଜଳସ୍ତରର ୫୯୦ ଫୁଟ ଧରାଯାଉଛି। ତେବେ, ବିଳମ୍ବରେ ବର୍ଷା ହେଲେ ମଧ୍ୟ ଜଳସେଚନ ଯେମିତି ପ୍ରଭାବିତ ନହେବ, ସେଥିପାଇଁ ପାଇଁ ଜୁନ୍ ୨୫ ବେଳକୁ ଜଳଭଣ୍ଡାରର ଜଳସ୍ତର ୫୯୫ ଫୁଟ ରଖାଯାଉଛି। ଚଳିତ ବର୍ଷ କିନ୍ତୁ ଜଳସ୍ତର ୬୦୦ ଫୁଟରୁ ଅଧିକ ରହିଥିଲା। ଯାହା ଦ୍ୱାରା ପାଖାପାଖି ୦.୩୦୭ ନିୟୁତ ଏକର ଫୁଟ ଜଳ ଜୁନ୍ ୨୫ ମଧ୍ୟରେ ବ୍ୟବହାର ହୋଇପାରିଲା ନାହିଁ। ଆଉ ଏହି ଗଚ୍ଛିତ ଜଳ ଏବେ ବନ୍ୟା ଜଳରେ ରୂପାନ୍ତରିତ ହେବାକୁ ଯାଉଛି। ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଥିବାରୁ ଆଉ କିଛି ଦିନ ପରେ ବନ୍ୟାଜଳ ନିଷ୍କାସନ ହେବ ଆଉ ଏହି ସଂଚିତ ଜଳ ବନ୍ୟା ଜଳ ଆକାରରେ ସମୁଦ୍ରକୁ ଚାଲିଯିବ। ଏକ ହିସାବ ଅନୁସାରେ, ଉପଯୁକ୍ତ ଜଳ ପରିଚାଳନା ହୋଇଥିଲେ ବୁର୍ଲା ବିଦ୍ୟୁତ୍ କେନ୍ଦ୍ରରେ ପାଖାପାଖି ୧୯ ନିୟୁତ ୟୁନିଟ୍ ଏବଂ ଚିପିଲିମା ବିଦ୍ୟୁତ କେନ୍ଦ୍ରରେ ପ୍ରାୟ ୧୮ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇପାରିଥାନ୍ତା। ଅର୍ଥାତ, ଜଳର ସଦୁପଯୋଗ ହୋଇନପାରି ଜୁନ୍ ମାସରେ ପ୍ରାୟ ୩୭ ନିୟୁତ ୟୁନିଟ ବିଦ୍ୟୁତ ଉତ୍ପାଦନ କ୍ଷତି ହୋଇଛି। ମେ ମାସ ବିଦ୍ୟୁତ୍ ଉତ୍ପାଦନ କ୍ଷତି ହିସାବକୁ ନେଲେ ସର୍ବମୋଟ ୪୮ ନିୟୁତ ୟୁନିଟ୍ ଉତ୍ପାଦନ କ୍ଷତି ହୋଇଛି। ଏହି ବିଦ୍ୟୁତ ଉତ୍ପାଦନ ହୋଇଥିଲେ ରାଜ୍ୟକୁ ବିଭିନ୍ନ କଂପାନି ଠାରୁ ଅଧିକ ଦରରେ କିଣିବାକୁ ପଡ଼ିନଥାନ୍ତା। ଏବେ ପ୍ରଶ୍ନ ଉଠୁଛି, ଏଥିପାଇଁ ଦାୟୀ କିଏ ? ଆଉ କେତେଦିନ ଏମିତି ତ୍ରୁଟି ପରିଚାଳନା ଚାଲିବ ?

# ମାଲକାନଗିରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବହୁ ପଦବୀ ଖାଲି

ମାଲକାନଗିରି, ୦୪/୦୭ (ନି.ପ୍ର): ସରକାରଙ୍କ ଶ୍ରମ ଆଇନକୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲାରେ ଆବଶ୍ୟକୀୟ କର୍ମଚାରୀ ନଥିବାରୁ ଶ୍ରମ ବିଭାଗରେ ଏକରକମ ଅଚଳଅବସ୍ଥା ଦେଖିବାକୁ ମିଳିଛି। ଜିଲ୍ଲାର ୭ଟି ବ୍ଲକ ମଧ୍ୟରୁ ଗୋଟିଏ ବି ବ୍ଲକରେ ଶ୍ରମ ଅଧିକାରୀ ନଥିବା ବେଳେ ବିଭାଗ କେମିତ ଚାଲିବ ଏବଂ ଶ୍ରମ ଆଇନ କିଭଳି କାର୍ଯ୍ୟକାରୀ ହେଉଥିବ ଏଥିରୁ ସ୍ପଷ୍ଟ ଜଣାପଡୁଛି। ମାଲକାନଗିରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପଦବୀ ରହିଥିବା ବେଳେ ସେଥିରେ କୌଣସି ଅଧିକାରୀ ନାହାନ୍ତି। କଳାହାଣ୍ଡିର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଜିଲ୍ଲାରେ ୨ଟି ଜିଲ୍ଲା ଶ୍ରମ ଅଧିକାରୀ ପଦବୀ ରହିଥିବା ବେଳେ ଜଣେ ହିଁ ଦୁଇଟି ଦାୟିତ୍ୱ ତୁଲାଉଛନ୍ତି। ଜିଲ୍ଲାରେ ୮ଟି ସହକାରୀ ଶ୍ରମ ଅଧିକାରୀ ପଦବୀ ରହିଥିବା ବେଳେ କେବଳ ଜଣେ ହିଁ ରହିଛନ୍ତି। ଏଥିସହ ଜିଲ୍ଲାରେ ଜଣେ ସିନିୟର ଆସିଷ୍ଟାଣ୍ଟ, ଜଣେ ଜୁନିୟର ଆସିଷ୍ଟାଣ୍ଟ ଓ ୨ ଟି ପିଅନ ପଦବୀ ରହିଥିବା ବେଳେ ସେଥିରେ ମଧ୍ୟ କେହି କର୍ମଚାରୀ ନାହାନ୍ତି। ଜିଲ୍ଲାରେ କେବଳ ଜଣେ ଜିଲ୍ଲା ଶ୍ରମ ଅଧିକାରୀ ଓ ଜଣେ ସହକାରୀ ଶ୍ରମ ଅଧିକାରୀ ରହିଛନ୍ତି। ଏହି ଦୁଇ ଜଣଙ୍କୁ ବାଦ ଦେଲେ ଜିଲ୍ଲାରେ ଶ୍ରମ ବିଭାଗରେ କୌଣସି ଅଧିକାରୀ ହିଁ ନାହାନ୍ତି। ସମସ୍ତ ବ୍ଲକରେ ଶ୍ରମ ଆଇନକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ଜଣେ ଲେଖାଏଁ ସହକାରୀ ଶ୍ରମ ଅଧିକାରୀ ଆବଶ୍ୟକ ଥିବାବେଳେ କୌଣସି ବ୍ଲକରେ ଅଧିକାରୀ ନାହାନ୍ତି। ସମସ୍ତ ବ୍ଲକରେ ଏହି ପଦବୀ ଖାଲି ପଡିଛି। ଫଳରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଏତେ କମ କର୍ମଚାରୀରେ ଆଗେଇ ପାରୁନାହିଁ। ଏଥିସହ ସହକାରୀ ଶ୍ରମ ଅଧିକାରୀଙ୍କ ଭୂମିକା ଅଧିକା ଗୁରୁତ୍ୱପୂର୍ଣ୍ଣ ରହିଛି। ବ୍ଲକରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଓ ସହାୟତା ପ୍ରମାଣପତ୍ରର ଯାଂଚ୍ କରିବା, କୌଣସି ଅଭିଯୋଗ ଆସିଲେ ତାହାର ତଦନ୍ତ କରିବା, ଶିଶୁ ଶ୍ରମିକ ନିୟୋଜନକୁ ରୋକିବା, ଶ୍ରମିକଙ୍କୁ ନିର୍ଯାତନାର ତଦନ୍ତ କରିବା ସହ ତୃଣମୂଳ ସ୍ତରରେ କାର୍ଯ୍ୟ କରିଥାନ୍ତି। ଜିଲ୍ଲାରେ ଏହି ପଦବୀ ଖାଲି ପଡିଥିବା ବେଳେ ଏଥିରେ ଆଜି ପର୍ଯ୍ୟନ୍ତ କୌଣସି ନିଯୁକ୍ତି ଦିଆଯାଉ ନାହିଁ। ସରକାର ଏଥିପ୍ରତି ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନଥିବା ଦେଖିବାକୁ ମିଳିଛି। କେବଳ ଜିଲ୍ଲା କାର୍ଯ୍ୟାଳୟରେ ଆଉଟୋସୋର୍ସିଂରେ ୪ ଜଣ କର୍ମଚାରୀ କାମ କରୁଛନ୍ତି । ସୂଚନା ଅନୁଯାୟୀ, ଜିଲ୍ଲାରେ ୫୪ ହଜାର ୧୮୫ ଜଣ ନିର୍ମାଣ ଶ୍ରମିକ ପଞ୍ଜୀକରଣ କରିଥିବା ବେଳେ ୧୧୦୭୭ ଜଣ ଅଣ ସଂଗଠିତ ଶ୍ରମିକ ରହିଛନ୍ତି। ଏଥିସହ ଶ୍ରମ ଆଇନ ବିରୋଧରେ କାର୍ଯ୍ୟ ହେଉଥିବା ସ୍ଥାନରେ ଚଢ଼଼ଉ ପାଇଁ ଅଧିକାରୀଙ୍କ ଆବଶ୍ୟକତା ରହିଛି। ମାଲକାନଗିରି ଜିଲ୍ଲାରୁ ଦାଦନ ଖଟିବା ପାଇଁ ଲୋକେ ଆନ୍ଧ୍ରପ୍ରଦେଶ, କେରଳ ଓ ତାମିଲନାଡୁ ରାଜ୍ୟକୁ ଯାଉଥିବା ବେଳେ ସେମାନଙ୍କୁ ରୋକିବା ପାଇଁ ମଧ୍ୟ ଅଧିକାରୀ ନାହାନ୍ତି। ଶ୍ରମ କାର୍ଯ୍ୟାଳୟ ଗୁଡିକରେ ଖାଲି ପଡିଥିବା ପଦବୀରେ ନିଯୁକ୍ତି ପ୍ରଦାନ କରିଲେ ଦଲାଲ ମାନଙ୍କୁ ରୋକିବା, ଶ୍ରମ ଆଇନର ଅବମାନନା କରୁଥିବା ଲୋକଙ୍କୁ କାବୁ କରିବା, ନିର୍ମାଣ ଶ୍ରମିକ ପଞ୍ଜୀକରଣ ସୁଚାରୁ ରୂପେ ହୋଇ ପାରିବ ବୋଲି ସାଧାରଣରେ ଦାବି ହେଉଛି।

# ଛତିଶଗଡ଼ ରାଜଭବନରେ ଏକକ ବ୍ୟବହାରଯୋଗ୍ୟ ପଲିଥିନ୍ ନିଷେଧ




ଭୁବନେଶ୍ୱର , ୦୪/୦୭ (ନି.ପ୍ର): ଛତିଶଗଡ଼ ରାଜଭବନରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌କୁ ସଂପୂର୍ଣ୍ଣ ରୂପେ ନିଷେଧ କରାଯାଇଛି। ଏହି ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ବ୍ୟାଗ୍ କୌଣସି ପରିସ୍ଥିତିରେ ରାଜଭବନ ଭିତରେ ପ୍ରବେଶ କରିବ ନାହିଁ। ରାଜଭବନରେ ବ୍ୟବହୃତ ସମସ୍ତ ପ୍ଲାଷ୍ଟିକ ବ୍ୟାଗ୍ ପରିବର୍ତ୍ତେ କପଡ଼ା, କାଗଜ ଓ ଝୋଟ ପ୍ରସ୍ତୁତ ସାମଗ୍ରୀ ବ୍ୟବହାର କରିବାକୁ ଆଦେଶ ଜାରି କରିଛନ୍ତି ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ଏକକ ବ୍ୟବହାର ପ୍ଲାଷ୍ଟିକ୍ ବ୍ୟାଗ୍‌ମୁକ୍ତ ଦିବସ ଅବସରରେ ସେ ଏହି ଘୋଷଣା କରିବା ସହ ଦେଶବାସୀ ଏହାର ବ୍ୟବହାର ବନ୍ଦ କରିବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି, ପ୍ଲାଷ୍ଟିକ୍ ବ୍ୟବହାର ଯୋଗୁଁ ହେଉଥିବା ପ୍ରଦୂଷଣ ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଆମେ ସମସ୍ତେ ଏହାର ଉପଯୋଗକୁ କମାଇବା ଓ ଏହାର ବିକଳ୍ପ ବ୍ୟବହାର କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ କାର୍ଯ୍ୟ କରିପାରିଲେ ଏହି ବିପଦରୁ ଦେଶକୁ ବଞ୍ଚାଇ ହେବ।

# ପୋତି ହେବାକୁ ବସିଲାଣି ସତୀଗୁଡା ଜଳଭଣ୍ଡାର : ପୁନଃଉଦ୍ଧାର ପାଇଁ ଦାବି

ମାଲକାନଗିରି, ୦୪/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ନିକଟରେ ରହିଛି ସତୀଗୁଡା ଜଳଭଣ୍ଡାର । ଯାହା ବର୍ତ୍ତମାନ ଲୋକଙ୍କ ପାଇଁ ଏକ ଦର୍ଶନୀୟ ସ୍ଥାନ ପାଲିଟିଛି । ସେତେବେଳେ ଶହ ଶହ ବଙ୍ଗୀୟ ଶରଣାର୍ଥୀ ପରିବାରଙ୍କୁ ମାଲକାନଗିରି ଠାରେ ଥଇଥାନ କରାଯିବା ସମୟରେ ସେମାନଙ୍କ ଚାଷଜମିକୁ ଜଳଯୋଗାଣ ଉଦ୍ଦେଶ୍ୟରେ ସତୀଗୁଡ଼ା ଜଳଭଣ୍ଡାର ନିର୍ମାଣ କରାଯାଇଥିଲା । ତେବେ ବର୍ତ୍ତମାନ ଏହି ଜଳଭଣ୍ଡାରଟି ଏବେ ଧିରେ ଧିରେ ପୋତି ହେବାରେ ଲାଗିଛି । ୧୯୬୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରୟଣ ସିଂହଦେଓ ଏହି ଜଳଭଣ୍ଡାରର ଉଦ୍ଘାଟନ କରିଥିଲେ । ସେହି ସମୟରେ ଜଳଭଣ୍ଡାର ନିର୍ମାଣ ପାଇଁ ପ୍ରାୟ ୧୭ କୋଟିରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଜଳଭଣ୍ଡାର ନିର୍ମାଣ ପରେ ଡାହାଣ ଓ ବାମ କେନାଲ ମାଧ୍ୟମରେ ଚାଷୀଙ୍କ ଜମିରେ ସୁରୁଖୁରୁରେ ଜଳ ଯୋଗାଇ ଦେବା ପାଇଁ ପ୍ରକଳ୍ପ ନିର୍ମାଣ ହୋଇଥିଲା । ଏହି ଜଳଭଣ୍ଡାରରୁ ଖରିଫ ଋତୁରେ ୯,୦୬୫ ହେକ୍ଟର ଚାଷଜମିକୁ ଜଳ ଯୋଗାଣର ବ୍ୟବସ୍ଥା ରହିଥିଲା । ସେହିଭଳି ରବି ଋତୁରେ ୪,୫୩୫ ହେକ୍ଟର ଜମିରେ ଜଳ ଯୋଗାଇବାର ବ୍ୟବସ୍ଥା ରହିଛି । ଏହାସହ ସେହି ସମୟରେ ଦଣ୍ଡକାରଣ୍ୟ ପ୍ରୋଜେକ୍ଟ ଆରମ୍ଭ ହେବାପରେ ମାଲକାନଗିରି ସହରରେ ଥିବା ପ୍ରୋଜେକ୍ଟର ୪୦୦ରୁ ୫୦୦ ଷ୍ଟାଫ୍ କ୍ୱାଟର ଗୁଡିକୁ ଏହି ଜଳଭଣ୍ଡାରରୁ ପାଣି ଦିଆଯାଇଥିଲା । ଏବେ ମାଲକାନଗିରି ମୁନିସିପାଲଟିର ୫,୭୬୦ ଘରକୁ ପ୍ରତିଦିନ ୬.୩୦ ମିଲିୟନ ଲିଟର ଓ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ ୨ ଲକ୍ଷ ଲିଟର ପାଣି ସତୀଗୁଡା ଜଳଭଣ୍ଡାରରୁ ଯୋଗାଇ ଦିଆଯାଉଛି । ଚାଷୀଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ଏବେ ମାଲକାନଗିରି ସହରବାସୀଙ୍କ ଶୋଷ ମେଂଟାଉଥିବା ଦେଖାଯାଉଛି । ଏହି ଜଳ ଯୋଗାଣ ନିମନ୍ତେ ସତୀଗୁଡା ଜଳସେଚନ ବିଭାଗ ପ୍ରତି ୟୁନିଟ ୧ କ୍ୟୁବିକ୍ ମିଟର ପିଛା ୪୪ ପଇସା ନେଉଥିବା ପୌରପରିଷଦରୁ ସୂଚନା ମିଳିଛି । ତେବେ ବର୍ଷା ଜଳ ଉପରେ ଜଳଭଣ୍ଡାର ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ ଦୁର୍ଭାଗ୍ୟବଶତଃ ଯଦି କମ୍ ବର୍ଷା ହୁଏ, ତେବେ ଜଳ ଯୋଗାଣରେ ବାଧା ସୃଷ୍ଟି ହେଉଥିବା ବିଗତ ଦିନରେ ଦେଖାଯାଇଛି । ଯଦି ଆବଶ୍ୟକ ପରିମାଣରେ ବର୍ଷା ନହୁଏ, ତେବେ ଚାଷ ଜମି ତ ଦୂରର କଥା ସହରକୁ ଜଳ ଯୋଗାଇବା କଷ୍ଟକର ହେବ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି । ଉକ୍ତ ଜଳଭଣ୍ଡାରରୁ ୨୧୮ ଜଣ ପଞ୍ଜିକୃତ ମତ୍ସ୍ୟଜୀବୀ ମାଛ ଧରି ଜୀବିକା ନିର୍ବାହ କରନ୍ତି ।

# ରକ୍ତଦାନ କରି ଜନ୍ମଦିନ ପାଳନ କଲେ ଯୁବ କୁଳୁତା ସମାଜ ସଦସ୍ୟ

ବଲାଙ୍ଗୀର, ୦୪/୦୭ (ନି.ପ୍ର): ଆଜି ଦିନରେ ଜନ୍ମ ଦିନକୁ ଲୋକେ ବନ୍ଧୁ ବାନ୍ଧବ ଙ୍କ ଗହଣରେ କେକ୍ କାଟି ନାଚ ଗୀତ ସହ ବଡ ଧୁମଧାମରେ ପାଳନ କରୁଛନ୍ତି । କିନ୍ତୁ ଠିକ୍ ସେତିକି ବେଳେ ଜନ୍ମଦିନରେ ରକ୍ତଦାନ କରି ଜନ୍ମଦିନ ଉତ୍ସବ ପାଳନ କରିବାକୁ କିଛି ଯୁବକ ଆଗେଇ ଆସିଛନ୍ତି। ବଲାଙ୍ଗୀର ଜିଲ୍ଲା ଯୁବ କୁଳୁତା ସମାଜର ସକ୍ରିୟ ସଦସ୍ୟ ଦେଓଗାଁ ବ୍ଲକ ର ବହଲି ଗ୍ରାମର ଗଙ୍ଗାଧର ପ୍ରଧାନ, ଉପରଝର ଗ୍ରାମର ଗୌରୀ ବିଶ୍ୱାଲଙ୍କୁ ନିଜ ଜନ୍ମ ଦିନ ଉତ୍ସବରେ ବଲାଙ୍ଗିର ରକ୍ତଭଣ୍ଡାରରେ ରକ୍ତଦାନ କରିଛନ୍ତି । ରକ୍ତଦାନ ସମୟରେ ଯୁବ କୁଳୁତା ସମାଜ ସଭାପତି ଅସୀମ କୁମାର ଭୋଇ, ସଂପାଦକ ଭୁବନେଶ୍ୱର ଭୋଇ, ଦେଓଗାଁ ବ୍ଲକ ସଦସ୍ୟ ବସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି ମହତ କାର୍ଯ୍ୟ ପାଇଁ ଶ୍ରୀ ପ୍ରଧାନଙ୍କୁ ଆଗାମୀ ଦିନରେ ବଲାଙ୍ଗିର ଜିଲ୍ଲା ଯୁବ କୁଳୁତା ସମାଜ ତରଫରୁ ସମ୍ମାନିତ କରାଯିବ ବୋଲି ସଂଗଠନ ତରଫରୁ ସୂଚନା ଦିଆଯାଇଛି । ଏହି ଅବସରରେ ସମସ୍ତ ଯୁବ ସମାଜ ନିଜ ଜନ୍ମ ଦିନରେ ରକ୍ତଦାନ କରିବାକୁ ଆଗେଇ ଆସନ୍ତୁ ବୋଲି ଯୁବ ସଂଗଠନ ତରଫରୁ ଆହ୍ୱାନ କରାଯାଇଛି ।

# ଏସ୍‌ସିବିରେ ଆରମ୍ଭ ହେବ ରାଜ୍ୟର ଦ୍ୱିତୀୟ ମଦର ମିଲ୍କ ବ୍ୟାଙ୍କ




କଟକ , ୦୪/୦୭ (ନି.ପ୍ର): ପରିତ୍ୟକ୍ତ ଅଥବା ମା ଛେଉଣ୍ଡ ଶିଶୁ ଆଉ ମା କ୍ଷୀରରୁ ବଂଚିତ ହେବେନି। ଏଥିପାଇଁ ଏସ୍‌ସିବିରେ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ମଦର ମିଲ୍କ ବ୍ୟାଙ୍କ। ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ଉପରମହଲାରେ ତିଆରି ହୋଇଥିବା ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ରରେ ୫୦ରୁ ୬୦ଜଣ ମା ପ୍ରତ୍ୟେକ ଦିନ ସେମାନଙ୍କ କ୍ଷୀରକୁ ସଂରକ୍ଷିତ ରଖିପାରିବେ। ଏଥିପାଇଁ ୨୫ଲକ୍ଷ ଟଙ୍କା ବ୍ୟୟରେ କେନ୍ଦ୍ର ତିଆରି କରାଯାଇଥିବା ବେଳେ ୨୨ଲକ୍ଷ ଟଙ୍କାର ଉପକରଣ ରଖାଯାଇଛି। ଏହି କେନ୍ଦ୍ରର କାମ ସରିଆସିଥିବା ବେଳେ ଖୁବ୍‌ଶୀଘ୍ର ଏହାର ଲୋକାର୍ପଣ କରାଯିବ। ଶିଶୁରୋଗ ବିଭାଗୀୟ ମୁଖ୍ୟଙ୍କ ଅଧୀନରେ ମଦର ମିଲ୍କ ବ୍ୟାଙ୍କ ପରିଚାଳିତ ହେବ। ଏହା କାର୍ଯ୍ୟକ୍ଷମ ହେଲେ ରାଜ୍ୟର ୨ୟ ମଦର ମିଲ୍କ ବ୍ୟାଙ୍କ ଭବେ ଏହା ମାନ୍ୟତା ପାଇବ। ପୂର୍ବରୁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ମଦର ମିଲ୍କ ବ୍ୟାଙ୍କ ରହିଛି। ଏହି ମଦର ମିଲ୍କ ବ୍ୟାଙ୍କ ପାଇଁ ମାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅଧିକରୁ ଅଧିକ ମା କିପରି କ୍ଷୀର ଏହି ବ୍ୟାଙ୍କକୁ ଦେବେ ସେ ଦିଗରେ ସଚେତନତା ସୃଷ୍ଟି କରାଯିବ। ଏହା ଅନାଥ ଆଉ ପରିତ୍ୟକ୍ତ ଶିଶୁଙ୍କ ପାଇଁ ବରଦାନ ସଦୃଶ ହେବ।

# ମହିଳା ମହାବିଦ୍ୟାଳୟରେ ଶୀତଳ ପାନୀୟ ଜଳଭଣ୍ଡାର ଉଦ୍‌ଘାଟିତ

ରାଇରଙ୍ଗପୁର, ୦୪/୦୭ (ନି.ପ୍ର): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଶିକ୍ଷପତି ଜଗଦିଶ ମିଶ୍ରଙ୍କ ଅବଦାନରେ ଏକ ଶୀତଳ ପାନୀୟ ଜଳଭଣ୍ଡାର ତାଙ୍କରି ଦ୍ୱାରା ଉଦଘାଟିତ ହୋଇଯାଇଛି। କଲେଜ ଛାତ୍ରୀ ଏବଂ କର୍ମଚାରୀମାନଙ୍କ ଉପସ୍ଥିତିରେ ଏକ ସ୍ୱଳ୍ପକାଳୀନ ସଭାରେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଶ୍ରୀ ମିଶ୍ର ଧୂପ ପ୍ରଜ୍ୱଳନ କରି, ନଡିଆ ଫଟାଇ, ଫିତା କାଟି ଏହାର ଶୁଭ ଉଦ୍ଘାଟନ ପରେ ଛାତ୍ରୀମାନଙ୍କୁ ଜଳର ମହତ୍ୱ ଉପରେ ଏକ ସୁନ୍ଦର ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ବରେଣ୍ୟ ଅତିଥି ସମାଜସେବୀ ନବୀନ ରାମ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଅଧକ୍ଷ ରବିଶଙ୍କର ସତପଥିଙ୍କ ସଭାପତିତ୍ୱ ଓ ସ୍ୱାଗତ ସମ୍ଭାଷଣ ସହିତ ଏହି ସଭାକୁ ବିଜୟ କୁମାର ରାମ ପରିଚାଳନା କରିଥିଲେ ଏବଂ ଅଧ୍ୟାପିକା ରାଜଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟ ଚିକିତ୍ସାଳୟରେ ଡ଼େଙ୍ଗୁ ରୋଗୀଙ୍କ ପାଇଁ ପ୍ଲେଟଲେଟ୍ ବ୍ୟବସ୍ଥା କରିବା ପାଇଁ ଦାବି

ମାଲକାନଗିରି, ୦୪/୦୭ (ନି.ପ୍ର): ରାଜ୍ୟକୁ ମୌସୁମୀ ଛୁଇଁବା ପରେ ବିଭିନ୍ନ ଜିଲ୍ଲାରେ ଡ଼େଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେବାରେ ଲାଗିଛନ୍ତି । ଗତ ବର୍ଷ ମାଲକାନଗିରିରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଯାହା ଉପରେ ରୋକ୍ ଲଗାଇବା ମୁସ୍କିଲ୍ ହୋଇପଡ଼ିଥିଲା ସ୍ୱାସ୍ଥ୍ୟ ବିଭାଗ ପାଇଁ । ତା ସହିତ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେବା ମଧ୍ୟ ଚ୍ୟାଲେଞ୍ଜ୍ ହୋଇଥିଲା । ଏହାରି ଭିତରେ ଜିଲ୍ଲାବାସୀଙ୍କ ପାଇଁ ଚିନ୍ତାର ବିଷୟ ହୋଇପାରେ ପ୍ଲେଟ୍ଲେଟ୍ ସମସ୍ୟା । ରକ୍ତରେ ପ୍ଲେଟ୍ଲେଟ୍ ଅଚାନକ ହ୍ରାସ ପାଇବା ଦ୍ୱାରା ରୋଗୀ ଗୁରୁତର ହୋଇ ପାରନ୍ତି । ଏଭଳି ସ୍ଥିତିରେ ସେମାନଙ୍କୁ ବଂଚାଇବା ପାଇଁ ବାରମ୍ବାର ପ୍ଲେଟ୍ଲେଟ୍ ଦେବାକୁ ପଡେ । ହେଲେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ଲେଟ୍ଲେଟ୍ ମେସିନ୍ ନଥିବା ଯୋଗୁଁ କୋରାପୁଟ କିମ୍ବା ବିଶାଖାପାଟଣା ମେଡିକାଲ ଉପରେ ନିର୍ଭର କରୁଛନ୍ତି ରୋଗୀ । ଡେଙ୍ଗୁକୁ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି । ହେଲେ ରୋଗୀଙ୍କ ପାଇଁ ସଞ୍ଜୀବନି ସାଜିଥିବା ପ୍ଲେଟ୍ଲେଟ୍ ସୁବିଧା ହୋଇପାରୁନାହିଁ । ଫଳରେ ଆର୍ଥିକ ସ୍ଥିତି ଭଲ ଥିବା ଡେଙ୍ଗୁ ରୋଗୀ ବିଶାଖାପାଟଣା ନଚେତ୍ କୋରାପୁଟ, ବ୍ରହ୍ମପୁରକୁ ଯାଇ ଚିକିତ୍ସିତ ହେଉଥିବା ବେଳେ ଆଉ କେତେକ ରୋଗୀ ଅର୍ଥାଭାବରୁ ଚିକିତ୍ସା ନପାଇ ପାରି ଜୀବନ ଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ଲେଟ୍ଲେଟ୍ ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି । ବିଗତ ଦିନରେ କଂଗ୍ରେସ ଦଳ ମଧ୍ୟ ଏନେଇ ଦାବି ଉଠାଇଥିବା ବେଳେ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରିନି ପ୍ରଶାସନ । ଯାହାକୁ ନେଇ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର ଅବହେଳା କରୁଥିବା କହିଛନ୍ତି କଂଗ୍ରେସ ନେତା । ତେଣୁ ଜିଲ୍ଲାକୁ ଯଥାଶୀଘ୍ର ପ୍ଲେଟ୍ଲେଟ୍ ପାଇଁ ଆବଶ୍ୟକୀୟ ମେସିନ ଅଣାନଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି କଂଗ୍ରେସ । ମାଲକାନଗିରି ଜିଲ୍ଲାରେ ଗତ ଦୁଇ ବର୍ଷ ପରିସଂଖ୍ୟାନକୁ ଦେଖିଲେ ୨୦୨୧ ମସିହାରେ ୩୩୬ ଜଣ ଡେଙ୍ଗୁ ଆକ୍ରାନ୍ତ ହୋଇଥିବା ବେଳେ ୨୦୨୨ ମସିହାରେ ୩୫୯ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିଲେ । ତେବେ କେତେକ ରୋଗୀ ଜିଲ୍ଲା ବାହାରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହୋଇଥିବାରୁ ଡେଙ୍ଗୁ ରୋଗୀ ସଂଖ୍ୟା ଏହାର ଦ୍ୱିଗୁଣ ହେବ ବୋଲି ଆକଳନ କରାଯାଉଛି । ବିଶେଷ କରି ମାଲକାନଗିରି ପୌରାଂଚଳରେ ସର୍ବାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି । ମାଲକାନଗିରି ପୌରାଂଚଳରେ ୨୦୨୧ ମସିହାରେ ୧୮୨ ରୋଗୀ ଓ ୨୦୨୨ ମସିହାରେ ୧୦୯ ଜଣ ରୋଗୀ ଚିହ୍ନଟ ହୋଇଥିଲେ । ସେହିଭଳି ଚିତ୍ରକୋଣ୍ଡାରେ ୯୩, ବାଲିମେଳାରେ ୪୯, ସିଏଚସି ପାଣ୍ଡ୍ରିପାଣିରେ ୩୮, ସିଏଚସି କୋରୁକୋଣ୍ଡାରେ ୯୭, ସିଏଚସି କାଲିମେଳାରେ ୬୨, ସିଏଚସି ମାଥିଲିରେ ୧୧, ସିଏଚ୍ସି ପଡିଆରେ ୧୬, ସିଏଚ ସି କୁଡୁମୁଲୁଗୁମ୍ମାରେ ୧୫, ସିଏଚ୍ସି ଖଇରପୁଟରେ ୩, ମାଲକାନଗିରି ଗ୍ରାମାଂଚଳରେ ୧୩ , ଓ ସୁକୁମା ଜିଲ୍ଲାର ୫ ଜଣ ଡେଙ୍ଗୁ ୫ ରୋଗୀ ଚିହ୍ନଟ ହୋଇଥିଲେ । ଗତବର୍ଷ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ୨୦ ପ୍ରତିଶତ ଆକ୍ରାନ୍ତଙ୍କୁ ପ୍ଲେଟ୍ଲେଟ୍ ପାଇଁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଥିଲା । ତେଣୁ ଏଭଳି ସମସ୍ୟା ସମ୍ପର୍କରେ ସିଡିଏମଓଙ୍କୁ ଜଣାଇଥିବା କହିଛନ୍ତି ମେଡିସିନ ସ୍ପେଶାଲିଷ୍ଟ ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା । ପ୍ଲାଜମା ଭଣ୍ଡାର କରାଯିବା ସହ ଗୋଟିଏ ଆଫେରେସିସ୍ ମେସିନ୍ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିବା ସିଡିଏମଓ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି। ଗତ ମାସ ୩୦ ତାରିଖ ଦିନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ ଦେଶରେ ଡେଙ୍ଗୁ ମ୍ୟାଲେରିଆ ସମେତ ବିଭିନ୍ନ ଭେକ୍ଟର ବାହିତ ରୋଗ ସ୍ଥିତି ନେଇ ସମୀକ୍ଷା କରିଥିଲେ। ଏଥିରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମେତ ୨୨ଟି ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଉପସ୍ଥିତ ଥିଲେ । ଭେକ୍ଟର ବାହିତ ରୋଗ ନେଇ ସବୁ ପ୍ରକାରର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ କେନ୍ଦ୍ର ମନ୍ତ୍ରୀ ମାଣ୍ଡଭିୟ ।

# କଦମପଡା ଶିଶୁ ମନ୍ଦିରରେ 'ଶ୍ରୀ ଗୁରୁପୂର୍ଣ୍ଣିମା ଉତ୍ସବ' ପାଳିତ

ବଲାଙ୍ଗିର , ୦୪/୦୭ (ନି.ପ୍ର): ଆଜି କଦମପଡାସ୍ଥିତ ସରସ୍ୱତୀ ଶିଶୁ-ବିଦ୍ୟା-ଜ୍ଞାନ ମନ୍ଦିରରେ 'ଶ୍ରୀ ଗୁରୁ ପୂର୍ଣ୍ଣିମା ଉତ୍ସବ' ପାଳନ କରାଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ଚାରଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ରା.ସ୍ୱ.ସଂ.ର ବିଭାଗ କେଶବ ପଟେଲ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ତଥା ନିଜ ବକ୍ତବ୍ୟରେ କହିଥିଲେ ଯେ ଭାରତୀୟ ପରମ୍ପରାର ପ୍ରତୀକ ଗୁରୁ ଗୈରିକ ଧ୍ୱଜ ଆମର ମାର୍ଗଦର୍ଶକ । ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ରାଜନନ୍ଦିନୀ ବେହେରା,ଅରୋସ୍ମିତି ଦେବୀ ବେହେରା, ସାକ୍ଷୀପ୍ରଜ୍ଞା ନାଏକ,ସ୍ମୃତିଶିଖା ପାଢୀ,ଶ୍ରୀମୟୀ ପଣ୍ଡା, ଇପ୍ସିତା ପାତ୍ର,ଓ ଅଙ୍କିତା ସେଠ । ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ପ୍ରଦାନ କରିଥିଲେ । ଏହାପରେ ଗୁରୁମା ଅଞ୍ଜଳୀରାଣୀ ହୋତା ଗୁରୁମାଙ୍କ ସହଯୋଗରେ ଛାତ୍ରଛାତ୍ରୀମାନେ ସମସ୍ତ ଗୁରୁଜୀ-ଗୁରୁମାଙ୍କ ପୂଜନ କାର୍ଯ୍ୟ କରିଥିଲେ । ଜାଗୃତି ବେହେରା ତଥ ପ୍ରୀୟାଂଶୀ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଛାତ୍ରଛାତ୍ରୀ ଆୟୁଷ୍ମାନ ପଟ୍ଟନାୟକ, ପ୍ରତିକ୍ଷା ସାହୁ,ସଂସ୍କୃତି ସାହୁ,ଅବିନାଶ ପଟ୍ଟନାୟକ ଶିଶୁବକ୍ତା ରୂପେ ତଥା ଗୁରୁମା ଭାରତୀ ସାହୁ ଗୁରୁମା ବକ୍ତା ରୁପେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଗୁରୁଜୀ ରାଜକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ସଂପାଦକ ସୁରେନ୍ଦ୍ର ତ୍ରିପାଠୀ,କୋଷାଧ୍ୟକ୍ଷ ସତ୍ୟାନନ୍ଦ ଷଡଙ୍ଗୀ ତଥା ଶିକ୍ଷାବିକାଶ ସମିତିର ବଲାଙ୍ଗୀର ବିଭାଗର ବିଭାଗ ନିରୀକ୍ଷକ ନରୋତମ ମିଶ୍ର ଉପସ୍ଥିତ ରହିଥିଲେ ।

# ଡ. ରମାକାନ୍ତ ନାୟକଙ୍କର କବିତାଗ୍ରନ୍ଥ 'ଉତ୍ତରକାରଣ' ଉନ୍ମୋଚିତ




ବାଲେଶ୍ୱର, ୦୪/୦୭ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଓ ଚନ୍ଦ୍ରଭାଗା ପ୍ରକାଶନୀ ମିଳିତ ଆନୁକୂଲ୍ୟରେ ଶାନ୍ତିକାନନଠାରେ ସୋମବାର ସନ୍ଧ୍ୟାରେ କବି ଡ. ରମାକାନ୍ତ ନାୟକଙ୍କ କବିତାଗ୍ରନ୍ଥ 'ଉତ୍ତରକାରଣ' ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସାରସ୍ୱତ ଉତ୍ସବରେ ପ୍ରଖ୍ୟାତ ଭାଷାବିତ୍ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ପୁସ୍ତକଟିକୁ ଉନ୍ମୋଚନ କରି କହିଲେ ଯେ କବି ଡ. ନାୟକ ତାଙ୍କ କବିତାଗ୍ରନ୍ଥରେ କାହାକୁ ଅନୁକରଣ କରିନାହାନ୍ତି କି ଅନ୍ୟ କେଉଁ ପ୍ରତିଭାଙ୍କ ପ୍ରତିଧ୍ୱନି ତାଙ୍କ କବିତାରେ ଦୃଷ୍ଟିଗୋଚର ହୁଏ ନାହିଁ। ବରଂ ସେ ନିଜେ ନିଜର ହେବାକୁ ପ୍ରଚେଷ୍ଟା କରି ସଫଳ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ନିଜର ବକ୍ତବ୍ୟ ରଖିଥିବାବେଳେ ଆଲୋଚକ ଭାବେ ପ୍ରଫେସର ରବିନାରାୟଣ ଦାଶ ପୁସ୍ତକଟିକୁ ତାତ୍ତ୍ୱିକ ଦୃଷ୍ଟିକୋଣରୁ ସମୀକ୍ଷା କରିଥିଲେ। ଚନ୍ଦ୍ରଭାଗା ପ୍ରକାଶନୀର ନିର୍ଦ୍ଦେଶକ କବି ଶ୍ରୀଦେବ ପ୍ରକାଶକୀୟ ବକ୍ତବ୍ୟ ରଖିଥିବାବେଳେ କବି ଡ. ରମାକାନ୍ତ ନାୟକ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ କଲ୍ୟାଣୀ ନନ୍ଦ ସଙ୍ଗୀତ ପରିବେଷଣ କରିଥିଲେ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନଂ: ଇ-ଟେଣ୍ଡର / ୨୦୨୩/୩୦, ତାରିଖ: ୦୪.୦୭.୨୦୨୩

ଭାରତ ରାଷ୍ଟ୍ରପତିଙ୍କ ତରଫରୁ ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଯନ୍ତ୍ରୀ (ଜି), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର - ୭୨୧୩୦୧ ଏବଂ ତାଙ୍କ ତରଫରୁ ୧୨.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରିଛନ୍ତି । ଆଇଟମଗୁଡ଼ିକ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୨.୩୦ ଘଣ୍ଟାରେ ଖୋଲାଯିବ । **ସିରିଏଲ ନମ୍ବର ଟେଣ୍ଡର ନଂ : କାର୍ଯ୍ୟର ବର୍ଣ୍ଣନା (୧) E-KGP-HQ-**୧୨-୨୦୨୩, ତାମଲୁକରେ ୨୦ ଶଯ୍ୟା ବିଶିଷ୍ଟ ମହିଳା ଆରପିଏଫ ବାରାକ ନିର୍ମାଣ ସହିତ ପୁନରୁଦ୍ଧାର କାର୍ଯ୍ୟ (2) E-KGP-HQ-13-2023, ୧୨ ୟୁନିଟ୍ ପ୍ରକାର-୨ଟାଇପ୍ Qrsର ନିର୍ମାଣ । ADEN / ବସ୍ତିବାସିନ୍ଦା / ଖଡ଼ଗପୁର ଅଧୀନରେ ଖଡ଼ଗପୁର ବାବୁ ଲାଇନର ପୁନର୍ନିର୍ମାଣ । (3) E-KGP-HQ- 14-2023, ADEN / Tamluk ଅଧୀନରେ ହାଲଡିଆ, ଦୁର୍ଗାଚାକ୍, ବରଦା ଏବଂ ବାସୁଲିଆରେ ପମ୍ପ ହାଉସ୍ ଏବଂ ପାଇପ୍ ଲାଇନ ସହିତ ୩୦୦ ମିଲିମିଟର ୨୦୦ ମିଲିମିଟର ଆକାରର ଦୀପ ଟ୍ୟୁବେଲର ବୁଡ଼ିଯିବା ଏବଂ ଫିଟ୍ କରିବା । **ଟେଣ୍ଡର ମୂଲ୍ୟ:** ୯୮,୩୨,୪୮୧.୮୧ (ସିରିଏଲ ନମ୍ବର ୧ ପାଇଁ), ୩,୩୯,୫୩,୫୩୨.୭୦ (ସିରିଏଲ ନମ୍ବର ୨ ପାଇଁ) ଏବଂ ୬୭,୨୪,୦୬୩.୫୧ (ସିରିଏଲ ନମ୍ବର ୩ ପାଇଁ) । ରୋଜଗାରର ଅର୍ଥ ୧,୯୬,୭୦୦/- (ସିରିଏଲ ନମ୍ବର ୧ ପାଇଁ), ୩,୧୯,୮୦୦ / - (ସିରିଏଲ ନମ୍ବର ୨ ପାଇଁ) ଏବଂ ୧,୩୪,୫୦୦ / -(ସିରିଏଲ ନମ୍ବର ୩ ପାଇଁ) **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ପ୍ରତ୍ୟେକ ପାଇଁ ନିଲ୍ । **ଖୋଲିବାର ତାରିଖ:** ପ୍ରତ୍ୟେକ ପାଇଁ ୨୭.୦୭.୨୦୨୩ । **କାର୍ଯ୍ୟର ସମାପ୍ତି ସମୟ** ୧୦ ମାସ (ସିରିଏଲ ନମ୍ବର ୧ ପାଇଁ), ୧୨ ମାସ (ସିରିଏଲ ନମ୍ବର ୨ ପାଇଁ) ଏବଂ ୮ ମାସ (ସିରିଏଲ ନମ୍ବର ୩ ପାଇଁ) । **ବିଡିଂ ଆରମ୍ଭ ସମୟ:** ୧୩.୦୭.୨୦୨୩ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୭.୦୭.୨୦୨୩ ରେ ଇଚ୍ଛୁକ ଟେଣ୍ଡରଗୁଡ଼ିକ ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **N.B:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀମାନେ ନିୟମିତ ଭାବରେ **www. ireps.gov.in** ପରିଦର୍ଶନ କରିପାରିବେ ।

(PR-360)


# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ




ବସ୍ତା।୪।୭(ନିପ୍ର):ବାଲେଶ୍ୱର ଜିଲ୍ଲା ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ନଟାକଟା ପଞ୍ଚାୟତ ସ୍ଥିତ ଅମର୍ଦାରୋଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ' ସ୍ୱଚ୍ଛତା ହିଁ ସେବା ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ପରିପେକ୍ଷି ରେ ଏକ ସଭା ଆୟୋଜନ ହୋଇଥିଲା। ଆୟୁର୍ବେଦି ଡ: ମିନାକ୍ଷୀ ରାଣୀ ପଣ୍ଡାଙ୍କ ପୌରହିତରେ ମୁଖ୍ୟଅତିଥି ଭାବେ ମିସ ଡ: ମାମାଲି ଚାନ୍ଦ ଯୋଗଦେଇ ପରିବେଶ ସ୍ୱଚ୍ଛ ରଖିବା ପାଇଁ ଉପସ୍ଥିତ ଥିବା ଜନସାଧାରଣ ଓ ସିଦ୍ଧେଶ୍ୱର କଲେଜର ଏନ୍ ଏସ ଏସ ଛାତ୍ର/ଛାତ୍ରୀଙ୍କୁ ସଚେତନ କରାଇଥିଲେ।ଶେଷରେ ଫାର୍ମାସିଷ୍ଟ ମଧୁସୂଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ପରେ କଲେଜର ଏନ୍ ଏସ ଏସ ଛାତ୍ର,ଛାତ୍ରୀ ଜନସାଧାରଣ ଓ ଚିକିତ୍ସାଳୟର କର୍ମଚାରୀ ମାନେ ଚିକିତ୍ସାଳୟ ପରିସରକୁ ସଫା କରିଥିଲେ।

# ଅନୁବାଦ ଯୋଗୁଁ ଭାଷାଗତ ଦୂରତା ଦୂର ହୋଇପାରିଛି

ନୟାଗଡ଼, ୦୪/୦୭ (ନି.ପ୍ର): ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଅନଲାଇନ୍ ମାଧ୍ୟମରେ ଆୟୋଜିତ **୧୪ତମ** ଅନୁବାଦ ସାହିତ୍ୟ ଆଧାରିତ ଆଲୋଚନାଚକ୍ର ଓ ଅନୂଦିତ ବହୁଭାଷୀ କାବ୍ୟପାଠ ଅନୁଷ୍ଠିତ ହୋଇଅଛି। ଅନୁଷ୍ଠାନର ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭାରତୀୟ ଅନୁବାଦକ ପ୍ରଦୀପ କୁମାର ଦାଶ , ଚିତ୍ତରଞ୍ଜନ ବ୍ରହ୍ମା, ମଂଜୁଳା ଆସ୍ଥାନା ମହାନ୍ତି,ଡ. ସଂଜୟ କୁମାର ମିଶ୍ର ଆଲୋଚକ ଭାବେ ଯୋଗଦେଇ ଯଥାକ୍ରମେ ଅନୁବାଦରେ ମୂଳ ଲେଖକ ଏବଂ ଅନୁବାଦକ ମଧ୍ୟରେ ସନ୍ତୁଳନର ଆବଶ୍ୟକତା, ଅନୁବାଦକ ଜଣେ ସର୍ଜନଶୀଳ ସ୍ରଷ୍ଟା, ଅନୁବାଦ ଶବ୍ଦାନୁଗାମୀ ଅଟେ ନା ସ୍ୱତନ୍ତ୍ର, ଭାରତୀର ସାଂସ୍କୃତିକ ଏକତା ଦିଗରେ ଅନୁବାଦର ଭୂମିକା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ପ୍ରତ୍ୟେକ ଭାଷାର ନିଜସ୍ୱ ରୂପ ଓ ଶୈଳୀଗତ ବିଶେଷତା ଅଛି। ଭାରତ ପରି ବହୁଭାଷୀ ରାଷ୍ଟ୍ରରେ ସାମାଜିକ, ସାଂସ୍କୃତିକ, ଆର୍ଥିକ ବିକାଶ କ୍ଷେତ୍ରରେ ଅନୁବାଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଶେଷତଃ ଅନୁବାଦ ଯୋଗୁଁ ଭାଷାଗତ ଦୂରତା ଦୂର ହେଇପାରିଛି। ଯଥାର୍ଥ ଅନୁବାଦ ନିମନ୍ତେ ଅନୁବାଦକ ସ୍ରୋତଭାଷାର ସାଂସ୍କୃତିକ, ସାହିତ୍ୟିକ, ଏୖତିହାସିକ ପୃଷ୍ଠଭୂମି ବିଷୟରେ ସଂପୂର୍ଣ୍ଣ ଅବଗତ ରହିବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ଭାରତୀୟ ଭାଷାର ଯୁବ ତଥା ବରିଷ୍ଠ ଅନୁବାଦକମାନଙ୍କୁ ନେଇ ମିତା ପଟ୍ଟନାୟକ ଏବଂ ଜୟଶ୍ରୀ ଦୋରାଙ୍କ ସଂଯୋଜନାରେ ଅନୂଦିତ ବହୁଭାଷୀ କାବ୍ୟପାଠ ଅନୁଷ୍ଠିତ ହୋଇଥିଲା। ଏହି କାବ୍ୟପାଠ ରେ ଜାମ୍ମୁ କାଶ୍ମୀରରୁ ଡା. ଆଦର୍ଶ ପ୍ରକାଶ,କେରଳରୁ ଡ. ଆର୍. ଶଶୀଧରନ୍ , ଆସାମରୁ ଗାୟତ୍ରୀ ଦେବୀ ବୋରଠାକୁର ଓ ଉତ୍ପଳ ଡେକା, କୋଲକାତାରୁ ଶ୍ରୀତନ୍ୟେ ଚକ୍ରବର୍ତ୍ତୀ,ସନାତନ ମହାକୁଡ଼, ମହାରାଷ୍ଟ୍ରରୁ ପାରମିତା ଷଡ଼ଙ୍ଗୀ ଏବଂ ଓଡିଶାରୁ ଅଂଜୁମନ ଆରା,ସ୍ୱପ୍ନା ବେହେରା,ସଂଗୀତା ରଥ ପ୍ରମୁଖ ବିଭିନ୍ନ ଭାଷାର ଅନୁବାଦ କବିତା ପାଠ କରିଥିଲେ।




# ଜୀବ ବିଜ୍ଞାନ ସଂସ୍ଥାନ ପକ୍ଷରୁ ବ୍ରୀଡର ଧାନ ବିହନ ବଂଟନ

ଜୟପୁର, ୦୪/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ଜୈବ ପ୍ରଯୁକ୍ତି ବିଭାଗ ଅଧିନରେ ଥିବା ଜୀବ ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ଆଜି ବୋରିଗୁମ୍ମା ବ୍ଲକ ରେ ଚାଷୀ ମାନଙ୍କୁ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକ ରୁ ବିକଶିତ ସି ଆର୍ ଧାନ ୨୦୩ କିସମ ବ୍ରୀଦର୍ ଧାନ ବିହନ ବଂଟନ କରା ଯାଇଛି । ଡି ବି ଟି କିସାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା ବ୍ଲକର ବ୍ଲକ ସମ୍ପ୍ରସାରଣ ଅଧିକାରୀ ଗୁରୁବନ୍ଧୁ ପୁଜାରୀ ଉପସ୍ଥିତ ରହି ଚାଷୀ ଉନ୍ନତ କିସମ ଓ ବୈଜ୍ଞାନିକ ପଦ୍ଧତିରେ ଧାନ ଚାଷ କଲେ ଅଧିକ ଲାଭ ମିଳିପାରିବ ସହ ବ୍ରିଦର୍ ବିହନ ଚାଷ ଦ୍ୱାରା କୋରାପୁଟ ଜିଲ୍ଲାର ଚାଷୀ ମାନେ ସହଜରେ ଧନ ବିହନ ମିଳି ପାରିବ ବୋଲି କହିଥିଲେ । ସି ଆର୍ ଧନ ୨୦୩ କିସମ ୧୧୦ ଦିନରେ ଅମଳ ହେଉଥିବା ବେଳେ ଢିପ ଜମିରେ ଚାଷ କରିବା ପାଇଁ ସୁଯୋଗ ଥିବା ସହ ରୋଗ ଓ ପୋକ କମ୍ ଲାଗୁ ଥିବାରୁବ ଅଧିକ ଲାଭ ମିଳିପାରିବ ବୋଲି କହିଥିଲେ । ପ୍ରତି ହେକ୍ଟର ପିଛା ୪୦୫୦ କେ ଜି ଧାନ ଅମଳ ହୋଇପାରିବ ବୋଲି ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକ ପାଖରୁ କୁହାଯାଇଛି । ଓଡିଶା ଜୀବିକା ମିଶନର ସଂଯୋଜକ ଦେବେନ୍ଦ୍ର କୁମାର ପଣ୍ଡା ଓ ବିଜ୍ଞାନ ସଂଚାରକ ଲକ୍ଷ୍ମୀ ନାରାୟଣ ବକ୍ସି ଏହି କାର୍ଯ୍ୟକ୍ରମ ପରିଚଳନା କରିଥଲେ । ପରୀକ୍ଷା ମୂଳକ ଭାବେ ବୋରିଗୁମ୍ମା ବ୍ଲକ ରେ **୧୫** ଏକର ଧାନ ବିହନ ଯୋଗାଇ ଦିଆ ଯାଇଛି । ଆସନ୍ତା ରବି ଋତୁ ରେ ଧାନ ବିହନ ଅମଳ ପରେ ଅଧିକ ଚାଷୀ ମାନଙ୍କୁ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ।

# କନ୍ଧପାଲି ବନ୍ଧର ପୁନଃଉଦ୍ଧାର ଦାବିରେ କ୍ରୀୟାନୁଷ୍ଠାନ କମିଟିର ଜଳସତ୍ୟାଗ୍ରହ: ଦାବି ପୁରଣ ନହେଲେ ହେବ ଦୁର୍ବାର ଆନ୍ଦୋଳନ

ବଲାଙ୍ଗୀର, ୦୪/୦୭ (ନି.ପ୍ର): କନ୍ଧପାଲି ବନ୍ଧ ଆଜି ସହରର କାଦୁଅ କୁଣ୍ଡରେ ପରିଣତ ହୋଇଛି। ସାରା ବନ୍ଧରେ ପଦ୍ମପତ୍ର ଓ ଅନବନା ଘାସ ଗଛ ସହ ପଙ୍କ ଭରି ରହିଛି। ବନ୍ଧର ପଙ୍କ ଉଦ୍ଧାର କରି ସଫେଇ କରିବା ପରିବର୍ତେ କିଛି ଲୋକ ନିଜ ନାଳ ନର୍ଦ୍ଦମାକୁ ଏଥିରେ ଯୋଡି ଦେଇଛନ୍ତି । ଫଳରେ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇ ହଇରାଣ ହେବା ସହ ଏଠାରେ ଗାଧୋଉଥିବା ଲୋକେ ବିଭିନ୍ନ ଚର୍ମରୋଗରେ ପିଡିତ ହେଉଛନ୍ତି । ବନ୍ଧର ପୁନଉଦ୍ଧାର ପାଇଁ ଅଂଚଳବାସୀ ବାରମ୍ବାର ଦାବିକରି ଆସୁଥିଲେ ହେଁ ପ୍ରଥମେ ଜିଲ୍ଲା ପ୍ରଶାସନ ଓ ପରେ ପୌର ପରିଷଦ ଅଂଚଳବାସୀଙ୍କ ନ୍ୟାୟୋଚିତ ଦାବୀକୁ ଅଣଦେଖା କରି ଆସୁଛନ୍ତି । ଏଣିକି ଦାବି ପୁରଣ ନହେଲେ ଆଗକୁ ଦୁର୍ବାର ଆନ୍ଦୋଳନ ପାଇଁ କ୍ରୀୟାନୁଷ୍ଠାନ କମିଟି ଅଂଟା ଭିଡୁଛି ବୋଲି ୱାର୍ଡ ନଂ ୨ ଓ ୩ ର କ୍ରୀୟାନୁଷ୍ଠାନ କମିଟି କହିଛି। ବଲାଙ୍ଗୀର ୱାର୍ଡ ନଂ ୨ ଓ ୩ ସ୍ଥିତ କନ୍ଧପାଲି ବନ୍ଧର ପଙ୍କୋଦ୍ଧାର ଓ ସଫେଇ ଦାବୀରେ କିଛି ଦିନ ପୁର୍ବରୁ କ୍ରୀୟାନୁଷ୍ଠାନ କମିଟିର ଡାକରାରେ ଅଂଚଳବାସୀ ଜିଲ୍ଲାପଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳ ଓ ପୌରାଧକ୍ଷାଙ୍କୁ ଲିଖିତ ଭାବେ ଜଣାଇ ଥିଲେ । କିନ୍ତୁ ଅଂଚଳବାସୀଙ୍କ ଦାବୀକୁ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଜାଇଥିଲେ ସୁଦ୍ଧା ବନ୍ଧର ପଙ୍କ ଉଦ୍ଧାର, ସଫେଇ ଓ ପୁନଃଉଦ୍ଧାର ଦିଗରେ ପ୍ରଶାସନ ପକ୍ଷରୁ କେଉଁ କାରଣରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନାହିଁ ତାହ ଜଣା ପଡୁ ନାହିଁ । ଲୋକଙ୍କ ଅସୁବିଧାକୁ ନଜରରେ ରଖି ଗାଧୋଇବା ତୁଠ ର ସଫେଇ ପାଇଁ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନଜ ବିଧାୟକ ପାଣ୍ଠିରୁ ଛଅ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ । ଅନ୍ୟପଟେ ରାଜ୍ୟ ସରକାର ମଧ୍ୟ ସହରରେ ବନ୍ଧ କନ୍ଦ୍ରାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଦେଇଛନ୍ତି । ସମାନ ଦାବୀରେ ଆଜି କ୍ରୀୟାନୁଷ୍ଠାନ କମିଟି ଓ ଅଂଚଳବାସୀଙ୍କ ପକ୍ଷରୁ କନ୍ଧପାଲି ବନ୍ଧରେ ଜଳ ସତ୍ୟାଗ୍ରହ କରାଯାଇଛି। ଯଥା ଶିଘ୍ର କନ୍ଧପାଲି ବନ୍ଧର ପୁନଃ ଉଦ୍ଧାର କରା ନଗଲେ ଆଗାମୀ ଦିନରେ କ୍ରୀୟାନୁଷ୍ଠାନ କମିଟି ଓ ଅଂଚଳବାସୀ ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହା ଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଦିଲ୍ଲୀ ଏଲଜିଙ୍କୁ ସୁପ୍ରିମକୋର୍ଟଙ୍କ .....

ତେବେ ଅଧିକାରୀମାନେ କହିଛନ୍ତି ଯେ ବିଜୁଳିମନ୍ତ୍ରୀ ଆତିଶୀ ଡିଇଆରସି ନୂଆ ଚେୟାରମ୍ୟାନଙ୍କୁ ସୋମବାର ପଦ ଓ ଗୋପନୀୟତାର ଶପଥ ପାଠ କରାଇବାର ଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ନିମନ୍ତେ ଅଚାନକ କାର୍ଯ୍ୟକ୍ରମକୁ ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ଟାଳି ଦିଆଯାଇଥିଲା। ତେବେ ଉମେଶ କୁମାର ଜୁନ ୨୧ ତାରିଖ ଦିନ ଡିଇଆରସି ଚେୟାରମ୍ୟାନ ନିଯୁକ୍ତ ହୋଇଥିଲେ। ଯାହାକୁ ଆମ ଆଦମୀ ପାର୍ଟି ସରକାର ସୁପ୍ରିମକୋର୍ଟରେ ଏହି ନିଯୁକ୍ତିକୁ ଚ୍ୟାଲେଞ୍ଜ କରିଥିଲେ।

## ଦୁଇ ମେଡ଼ିକାଲ୍ ....

ତା'ପୂର୍ବରୁ ଆୟୋଜନ ହେବାକୁ ଥିବା କ୍ରୀଡ଼ାରେ ଭାଗ ନେବା ପାଇଁ ପ୍ରଥମ ବ୍ୟାଚ୍‌ରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ରୁ ୭୦ ଛାତ୍ର ଏକ ବସରେ ବୁର୍ଲା ଯାଇଥିଲେ। ବସ୍‌ଟି ସେଠାରେ ପହଞ୍ଚିବା ପରେ ଭୀମସାର ମେଡ଼ିକାଲ୍ କଲେଜର ଛାତ୍ରଛାତ୍ରୀମାନେ ୱେଲ୍‌କମ୍ ନାଁରେ ବସ୍ ଉପରକୁ ଫାୟାର ଏକ୍ସଟିଂଗୁଇସ ଫିଙ୍ଗିଥିଲେ। ଫାୟାର ଏକ୍ସଟିଂଗୁଇସଟି ବସ୍ ଭିତରେ ପଡ଼ି ଗ୍ୟାସ୍ ନିର୍ଗତ ହୋଇଥିଲା। ଫାୟାର ଏକ୍ସଟିଂଗୁଇସରୁ ନିର୍ଗତ ଗ୍ୟାସ୍ ସଂସ୍ପର୍ଶରେ ଆସି ୬ ଜଣ ଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଭୀମ୍‌ସାର ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କ ଭିତରୁ ଜଣେ ଛାତ୍ର ଗୁରୁତର ଥିବା ଜଣାପଡ଼ିଛି। ଏହି ଖବର ପ୍ରକାଶ ପାଇବା ପରେ ଏମ୍‌କେସିଜିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ପିସି ମାଗୁଥିବା...

ଯାଇ ସମ୍ପୃକ୍ତ ଅଧିକ୍ଷଣ ଯନ୍ତ୍ରୀଙ୍କୁ କିଛି ପରିବାପତ୍ର , ପ୍ୟାଂଟ ଓ ସାର୍ଟ ଦେଇ ଏହି ରାସ୍ତା କରିଦେବାକୁ ଅନୁରୋଧ କରିଥିଲେ । ଯେହେତୁ ସେମାନେ ଚାଷୀ ଓ ଗରିବ ଶ୍ରେଣୀ ର ଲୋକ ସେଥିପାଇଁ ସେମାନେ ଟଙ୍କା ଲାଂଚ ଦେବାପାଇଁ ଅକ୍ଷମ ବୋଲି କହିଥିଲେ । ସମ୍ପୃକ୍ତ ଅଧିକ୍ଷଣ ଯନ୍ତ୍ରୀ ନିଜର ଭୁଲ ସ୍ୱୀକାର କରି ଏକ ସପ୍ତାହ ମଧ୍ୟରେ ରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରତିଶୃତି ଦେଲେ । ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାଶିର ନୱାଜ୍, ମନୋଜ ରାଉତ, ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, ରଂଜିତ ପାତ୍ର, ଅଜୟ ସାହୁ,ସଂକୁନା କଂହର ଓ ପ୍ରଭାତ ପ୍ରତାପ ସିଂ ଅଂଶ ଗ୍ରହଣ କରିଥିଲେ ।

## ସିଗନାଲ୍‌ରେ ତ୍ରୁଟି ଓ ଷ୍ଟେସନ....

୨୦୧୮ରେ ବାହାନଗା ବଜାର ଷ୍ଟେସନର ସିଗନାଲ ସର୍କିଟ ପଏଣ୍ଟ ବଦଳିଥିଲା। କିନ୍ତୁ ଏହି ପରିବର୍ତ୍ତନକୁ ଡକ୍ୟୁମେଣ୍ଟେଡ୍ କରାଯାଇ ନଥିଲା। ୱେୟାରିଂ ଡାଇଗ୍ରାମରେ ଏହି ପରିବର୍ତ୍ତନ ଦୃଶ୍ୟମାନ ହେଉ ନଥିଲା। ସୂଚନାଯୋଗ୍ୟ, ଗତ ଜୁନ୍ ୨ ତାରିଖରେ ବାହାନଗା ବଜାର ଷ୍ଟେସନ ନିକଟରେ ହୋଇଥିଲା ଏହି ମର୍ମନ୍ତୁଦ ରେଳ ଦୁର୍ଘଟଣା। କରମଣ୍ଡଳ ଏକ୍ସପ୍ରେସ୍ ପ୍ରଥମେ ଏକ ମାଲଗାଡ଼ିକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଥିଲା। ଟ୍ରାକରୁ ଖସି ଥିବା ବଗିଗୁଡ଼ିକ ଅନ୍ୟ ଏକ ଟ୍ରାକ୍‌ରେ ପଡ଼ିଥିବା ବେଳେ ତାହାକୁ ଯଶୱନ୍ତପୁର ହାୱଡ଼ା ଟ୍ରେନ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨୯୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ହଜାରେ ଲୋକ ଆହତ ହୋଇଥିଲେ।

## ୨୦୨୪ ଲୋକସଭା ନିର୍ବାଚନ....

କାରଣ କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ସିଦ୍ଧାରମୈୟାଙ୍କ ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାର ମଧ୍ୟ ବେଶ୍ ଜୋର ଲଗାଇଥିଲେ। ଏହା ସତ୍ତ୍ୱେ ଶିବକୁମାର ଖାଲି ହତାରେ ରହିଯାଇଛନ୍ତିଓ ମୁଖ୍ୟମନ୍ତ୍ରୀ ଚୌକି ସିଦ୍ଧାରମୈୟାଙ୍କୁ ମିଳି ଯାଇଛି। ଉଲ୍ଲେଖଯୋଗ୍ୟ ଯେ ଆଗାମୀ ଲୋକସଭା ନିର୍ବାଚନ ଲାଗି ୧ ବର୍ଷରୁ ବି କମ ସମୟ ବାକି ଅଛି। ଏଣୁ ସବୁ ରାଜନୈତିକ ଦଳ ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି କ୍ରମରେ କେନ୍ଦ୍ରରେ ଶାସକ ବିଜେପି କେତେକ ରାଜ୍ୟରେ ନୂଆ ମେଣ୍ଟ କରିବା ଆରମ୍ଭ କରିଦେଇଛି।

## ମହାପ୍ରଭୁଙ୍କ ନାଁରେ....

ଯେମିତିକି ୧୧ ଜଣ ବ୍ରାହ୍ମଣଙ୍କୁ ଭୋଜନ ଦେବାକୁ ଚାହିଁଲେ ୬ ହଜାର ଟଙ୍କା ଅର୍ଥାତ୍ ୭୯ ଆମେରିକୀୟ ଡଲାର ଦେବାକୁ ପଡ଼ିବ। ତା' ପୁଣି ୫୦% ଡିସ୍‌କାଉଣ୍ଟ ରେଟ୍‌ରେ। ସେମିତି ଜଗନ୍ନାଥଙ୍କ ପୂଜା ମନ୍ତ୍ର ଜପ ଓ ଯଜ୍ଞ ପାଇଁ ୫୦ ପ୍ରତିଶତ ରିହାତିରେ ରେଟ୍ ରହିଛି ସାଢ଼େ ୪ ହଜାର ଟଙ୍କା ବା ୫୯ ଡଲାର। ଖାଲି ସେତିକି ନୁହେଁ, ତିନି ବିଗ୍ରହଙ୍କ ପୂଜା ପାଇଁ ୧୧ ହଜାର ୫୦୦ ଟଙ୍କା, ତିନିଜଣ ପୂଜକଙ୍କ ଦ୍ୱାରା ସିଦ୍ଧ ପୂଜା ଗୋଟିଏ ଦିନ କରିବାକୁ ୧୨ ହଜାର ଟଙ୍କା ବା ୧୫୯ ଡଲାର ଲାଗିବ ବୋଲି ରେଟ୍ ସ୍ଥିର କରିଛି ସଂପୃକ୍ତ ସଂସ୍ଥା। ସମ୍ପୃକ୍ତ ଠକ ସଂସ୍ଥା ବିରୋଧରେ ଆଜି ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଶ୍ରୀମନ୍ଦିର ସେବାୟତ ଶମ୍ଭୁନାଥ ଖୁଣ୍ଟିଆ। ସେ କହିଛନ୍ତି, ଏହା ଜଗନ୍ନାଥ ଭକ୍ତଙ୍କ ଭାବାବେଗ ସହ ବିରାଟ ଖେଳ। ବିଶ୍ୱସ୍ତରରେ ଏଭଳି ଠକେଇ ମହାପ୍ରଭୁଙ୍କ ଛବିକୁ ନିନ୍ଦିତ କରୁଛି। ଯିଏ ଏଭଳି ଖଳ କାମରେ ସଂପୃକ୍ତ, ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେପଟେ ଏଭଳି ଠକେଇକୁ ଭକ୍ତ ମହଲରେ ମଧ୍ୟ ଘୋର ନିନ୍ଦା କରାଯାଇଛି। ସେପଟେ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଏଭଳି ଜାଲ୍ ଆପ ମାଧ୍ୟମରେ ଭକ୍ତ ଦେଉଥିବା ଦାନରୁ ଟଙ୍କାଟିଏ ମହାପ୍ରଭୁଙ୍କ ସେବାରେ ଲାଗୁନାହିଁ। ଭକ୍ତମାନେ ଠାକୁରଙ୍କୁ ଦାନ ଦେବାକୁ ଚାହିଁଲେ, ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନର ସାହାଯ୍ୟ ନେଇପାରିବେ। ଦରକାର ପଡ଼ିଲେ ନିଜ କୌଳିକ ପଣ୍ଡାଙ୍କ ସହଯୋଗ ମଧ୍ୟ ଲୋଡ଼ି ପାରିବେ। ତେବେ ଏଭଳି ଆପ୍ ଖୋଲିବାରେ ଯଦି ଶ୍ରୀମନ୍ଦିରର କୌଣସି ସେବକ କିମ୍ବା ପୁରୀ ବାସିନ୍ଦା ସଂପୃକ୍ତଥାନ୍ତି, ତାହାହେଲେ ସେମାନଙ୍କୁ ଠାବ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀ ଦାସମହାପାତ୍ର କହିଛନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ଏପରି ଅନ୍‌ଲାଇନ୍ ଠକେଇକୁ ଗୁରୁତ୍ୱର ସହ ନେଇଛି। ଆଇଟି ସେଲର ସହାୟତା ନେଇ ସଂପୃକ୍ତ ସଂସ୍ଥା ବିରୋଧରେ ଥାନାରେ ଏତଲା ଦିଆଯିବ ବୋଲି କୁହାଯାଇଛି। ଗତ ମାସରେ 'ଉତ୍ସବ' ଆପ୍ ମାଧ୍ୟମରେ ଏକ ସଂସ୍ଥା ମଧ୍ୟ ଶ୍ରୀମନ୍ଦିରରେ ପୂଜା, ମହାପ୍ରସାଦ ଯୋଗାଇବା ଓ ପତାକା ବାନ୍ଧିବା ଆଦି କାର୍ଯ୍ୟ ପାଇଁ ଭକ୍ତଙ୍କ ଠାରୁ ଅନ୍ ଲାଇନରେ ମୋଟା ଅଙ୍କର ଟଙ୍କା ଆଦାୟ କରୁଥିବା ଅଭିଯୋଗ ଅସିଥିଲା। ଯାହା ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ପରେ ଆସନ୍ତା ୭ ତାରିଖରେ ସଂପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷ ପୁଲିସ୍ ନିକଟରେ ହାଜର ହେବାର ଦିନ ଧାର୍ଯ୍ୟ ହୋଇଛି।

# ଚୋରି ସୁନା ରୂପା ଅଳଙ୍କାର ଓ ଟଙ୍କା ଉଦ୍ଧାର : ୨ ଗିରଫ

ଗଞ୍ଜାମ, ୦୪/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବଡଦାଣ୍ଡ ସାହିର ବାବୁଲା ନାୟକଙ୍କ ଘରୁ ଗତ କିଛି ଦିନ ତଳେ ସୁନା ରୂପା ଅଳଙ୍କାର ଓ ଟଙ୍କା ଚୋରି ହୋଇଥିଲା । ଏନେଇ ଶେରଗଡ଼ ଥାନାରେ ଏକ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ଜାରୀ ରହିଥିଲା । ଆଜି ଦୁଇ ଜଣ ଅଭିଯୁକ୍ତ ଧବଳପୁର ଗ୍ରାମର ରମେଶ ପାତ୍ର ଏବଂ ଶୋଭାଚନ୍ଦ୍ରପୁର ଗ୍ରାମର ଆନନ୍ଦ ଟପାକୁଲୁକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ସେହିପରି ଉଭୟଙ୍କ ଠାରୁ ଜବତ ହୋଇଥିବା ନଗଦ ୩୦୦୦ ଟଙ୍କା ସମେତ ସୁନାରୂପା ଜବତ କରାଯାଇ ବାବୁଲା ନାୟକଙ୍କୁ ହସ୍ତାନ୍ତର କରାଯାଇଥିବା ଏସଆଇ ସତ୍ୟଜିତ ବେଣିଆ ସୂଚନା ଦେଇଛନ୍ତି ।

# ଲୋଇସିଂହା ବ୍ଲକର ଲୋୟର ଶୁକତେଲ ଜଳସେଚନରୁ ବଂଚିତ ୫ ଟି ପଂଚାୟତର ବୈଠକ: ଆନ୍ଦୋଳନ ସଜବାଜ

ବଲାଙ୍ଗୀର, ୦୪/୦୭ (ନି.ପ୍ର): ଆଜି ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗିସର୍ଡକ୍ଷ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଲୋଇସିଂହା ଠାରେ ଯେଉଁ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ହେଉଛି ଲୋଇସିଂହା ବ୍ଲକର ୫ ଟି ପଂଚାୟତର ଲୋକମାନେ ସେଥିରୁ ବଂଚିତ ହେଉଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରି ଏକ ବୈଠକ ଆୟୋଜନ କରାଯାଇଥିଲା । ଏହି ସଭାରେ ଲୋଇସିଂହା ବ୍ଲକ ବିଜେଡି ସଭାପତି ହୃଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଅତିଥି ଭାବେ ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଉପସ୍ଥିତ ରହିବା ସହ ଲୋଇସିଂହା, ବୁଢ଼ୀପଦର, ଯୋଗିସର୍ଡା, ବାଦିବାହାଲ, ବୁରଡା, ହୀରାପୁର, ପଂଚାୟତ ର ସମସ୍ତ ସରପଂଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ତା' ସହ ଉକ୍ତ ୫ ଟି ପଂଚାୟତ ର ଅନେକ ଚାଷୀ ଯୋଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଲୋୟର ସୁକତେଲ ପ୍ରକଳ୍ପ ରେ ବଂଚିତ ହେଉଥିବା ପାଂଚଟି ପଂଚାୟତ ଅଧିବାସୀମାନେ ଉଦବେଗ ପ୍ରକାଶ କରିଥିଲେ। ଲୋଇସିଂହା ବ୍ଲକର କିଛି ଅଂଚଳକୁ ପ୍ରକଳ୍ପରେ ସାମିଲ୍ କରିଥିବାବେଳେ ବାକି ୫ ଟି ପଂଚାୟତ କୁ ବାଦ୍ ଦିଆ ଯାଇଛି। ବାଦ୍ ପଡିବା ଯୋଗୁଁ ଏହି ପଂଚାୟତର ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଏକ ଜରୁରୀ ବୈଠକ ଡାକିଥିଲେ । ଚାଷୀ ମାନଙ୍କ ଅଭିଯୋଗ ହେଉଛି ଯେ ଲୋୟର ସୁକତେଲ ର ପାଣି ଯଦି ଅନ୍ୟ ଜିଲ୍ଲାକୁ ଯାଉଛି ତା ହେଲେ ବଲାଙ୍ଗିର ବାସୀଙ୍କୁ ମିଳିବନି କାହିଁକି। ଏ ବିଷୟରେ ଆଲୋଚନା କରି ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ତା ସଙ୍ଗେ ସଙ୍ଗେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲାପାଳ, ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀଙ୍କୁ ଭେଟିବା ସହ ଲିଖିତ ଆକାରରେ ଜଣାଇବାକୁ ସଭାରେ ସ୍ଥିରୀକୃତ କରାଗଲା।

ବୁଧବାର, ଜୁଲାଇ ୦୫, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଇନରହୁଇଲ କ୍ଲବ, ଉଦଳାର କର୍ମକର୍ତ୍ତା ଚୟନ ପର୍ବ

### ଜୟନ୍ତି ପଟ୍ଟନାୟକ ସଭାପତି, ମମତା ସାହୁ ସଂପାଦିକା ମନୋନିତ



ଉଦଳା , ୦୪/୦୭ (ନି.ପ୍ର): ଉଦଳାରେ ଗଢ଼ି ଉଠିଥିବା ଇନରହୁଇଲ କ୍ଲବର ପଂଚମ ବାର୍ଷିକ ପ୍ରତିଷ୍ଠା ଦିବସ ଚଳିତ ଜୁଲାଇ ୨ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ କ୍ଲବର ନୂତନ କର୍ମକର୍ତ୍ତା ଚୟନ ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ କ୍ଲବର ସମସ୍ତ ସଦସ୍ୟା ଏକତ୍ରୀତ ହୋଇ ଜାତୀୟ ସଂଗୀତ ଗାନ କରିଥିଲେ । ପରେ କ୍ଲବର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ସଭାପତି ଭାବରେ ଜୟନ୍ତି ପଟ୍ଟନାୟକ, ଉପସଭାପତି ମିନାକ୍ଷୀ ମହାନ୍ତି, ସମ୍ପାଦିକା ମମତା ସାହୁ, କୋଷାଧ୍ୟକ୍ଷ ମମତା ମହାନ୍ତି, ଯୁଗ୍ମ ସଂପାଦିକା ଦିଗ୍‌ବାଳା ପରିଡ଼ା, ଆଇଏସ୍‌ଓ ପ୍ରମୋଦିନି ମହାପାତ୍ର, ସଂଯୋଜିକା ଅରୁପମା ମହାପାତ୍ର, ସିସିସି ସୁଜାତା ବିଶ୍ୱାଳ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନିତ ହୋଇଥିବାର ଜଣାଯାଇଛି । ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଏହି କର୍ମକର୍ତ୍ତା ମାନେ ଆଗାମୀ ଗୋଟିଏ ବର୍ଷ ପର୍ଯ୍ୟନ୍ତ ସେମାନଙ୍କର ଦାୟିତ୍ୱ ତୁଲାଇବେ । ଶେଷରେ ମିଷ୍ଟାନ ବଂଟନ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

## ଡଗରାରେ ବିଜେପିର ମହା ଜନ ସମ୍ପର୍କ ଅଭିଯାନ




ଲଙ୍ଗଳେଶ୍ୱର, ୦୪/୦୭ (ନି.ପ୍ର): ସମ୍ପ୍ରତି ଦେଶ ବ୍ୟାପି ବିଜେପିର ଚାଲିଥିବା ମହା ଜନ ସମ୍ପର୍କ ଅଭିଯାନ ପରି ପ୍ରେକ୍ଷୀରେ ବାଲିଆପାଳ ବ୍ଲକ କାଳିପଦା ମଣ୍ଡଳ ପକ୍ଷରୁ ଡଗରା ପାନ୍ଥ ନିବାସ ପରିସରରେ ମହା ଜନସମ୍ପର୍କ ସଭା ଅନୁଷ୍ଠିତ ହୋଇଯାଇଛି ।କାଳିପଦା ମଣ୍ଡଳ ସଭାପତି ସତ୍ୟାନନ୍ଦ ମହାନତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହା ଜନ ସମ୍ପର୍କ ସଭାରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ମୋଦି ସରକାରଙ୍କ ୯ ବର୍ଷର ସଫଳତା ଓ ଜନ ହିତରେ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବ୍ୟାପକ ଭାବରେ ବର୍ଣ୍ଣନା କରିବା ସହିତ ରାଜ୍ୟର ଅପାରଗ ସରକାର ବିରୁଦ୍ଧରେ ବିଷଉଦଗାର କରିଥିଲେ ।ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ଉପସଭାପତି ପ୍ରଦୀପ ପଣ୍ଡା, ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ଯୁବନେତା ଦେବାନନ୍ଦ ପିଳା, ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ସାହୁ,ବାଲିଆପାଳ ମଣ୍ଡଳ ସଭାପତି କମଳ ଲୋଚନ ଦତ୍ତ,ଖପରାପଦା ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କାଳିପଦା ମଣ୍ଡଳ ଅଧୀନରେ ଥିବା ବଡାଶ, ଡଗରା, ଚଉମୁଖ, ଅଳାଡିହା, ବେତଗଡିଆ, ନୂଆଗାଁ ଆଦି ପଞ୍ଚାୟତର ବହୁ କର୍ମୀମାନେଏହି ମହା ସମ୍ପର୍କ ଅଭିଯାନରେ ଯୋଗଦେଇଥିବା ବେଳେ ପ୍ରଭାତ କୁମାର ଦାସ, ମହେଶ୍ୱର ଦାସ, ପ୍ରମଥ ପାତ୍ର, ସୁଦାମ ତରାଇ, ବଳରାମ ଖିଲାର, କ୍ଷୀତିଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିମିଳିପାଳ ସୁରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ

### ପୋଲିସ ଏବଂ ବନ ବିଭାଗ ଜଏଣ୍ଟ ଅପରେସନରେ ଶିକାରୀ ମୁକ୍ତ ହେବ ଶିମିଳିପାଳ

ବାରିପଦା , ୦୪/୦୭ (ନି.ପ୍ର): ଶିମିଳିପାଳରେ ଦୁଇ ବନ କର୍ମଚାରୀ ଶିକାରୀ ଗୁଳିରେ ନିହତ ହେବା ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି. ଶିମିଳିପାଳ ସୁରକ୍ଷାରେ ପୋଲିସ ଫର୍ସ ମୁତୟନ ହୋଇଥିବାର ସୂଚନା ମିଳିଛି। ଗତ ୨୩ ତାରିଖରୁ ଓଡ଼ିଶା ଅଣଗେଜେଟେଡ଼ ବନସେବା କର୍ମଚାରୀ ସଂଘ ଡାକରାରେ ଜିଲ୍ଲାର ୨୪୧ ଜଣ ବନ କର୍ମଚାରୀ ଆନ୍ଦୋଳନରେ ସାମିଲ ରହିଥିବାବେଳେ ଜୁଲାଇ ୧ ତାରିଖରୁ ୭ ଦଫା ଦାବିନେଇ ୬୦୦ଜଣ ପ୍ରୋଟେକ୍ସନ ଆସିଷ୍ଟାଣ୍ଟ (ଠିକା ବନ କର୍ମଚାରୀ ) ମଧ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ଫଳରେ ବର୍ତ୍ତମାନ ୮୦୦ରୁ ଅଧିକ ବନ କର୍ମଚାରୀ ଶିମିଳିପାଳ ଜଙ୍ଗଲରେ ଡ୍ୟୁଟି




ନକରିବା ଫଳରେ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଶିକାରୀଙ୍କ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି। ନିକଟ ଅତୀତରେ ରାଜ୍ୟ ସରକାରଙ୍କର ମୁଖ୍ୟ ଶାସନ ସଚିବ ଶିମିଳିପାଳ ସୁରକ୍ଷା ନେଇ ଉଚ୍ଚ ସ୍ତରୀୟ ବୈଠକ କରି ଶିମିଳିପାଳ ସୁରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯିବାର ନିଷ୍ପତି ନେଇଥିଲେ। ତେବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରକାଶ ଚାନ୍ଦ ଗୋଗିନେନି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ମୁଖ୍ୟ ଶାସନ ସଚିବ ଶିମିଳିପାଳ ସୁରକ୍ଷା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୩ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ଏହାସହ ଯଥାଶୀଘ୍ର ଅନ୍ୟାନ୍ୟ ଡିଭିଜନରୁ ୧୫୦ ଜଣ ବନ କର୍ମଚାରୀଙ୍କୁ ଆଣି ଶିମିଳିପାଳ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯିବ ବୋଲି ବୋଲି ଜଣାଯାଇଛି । ତେବେ ଶିମିଳିପାଳରେ ପୋଲିସ ଫର୍ସ ମୁତୟନ ପରେ ୬ଟି ବନଖଣ୍ଡରେ ପୋଲିସ ଓ ବନବିଭାଗର ମିଳିତ ସର୍ଚ୍ଚ ଅପରେସନ ଜୋରଦାର ହେବ ବୋଲି ଜଣାଯାଇଛି । ଠାକୁରମୁଣ୍ଡା, କରଞ୍ଜିଆ, ବହଳଦା, ଜଶୀପୁର, ବାଙ୍ଗିରିପୋଷି ଓ ଉଦଳା ରେଞ୍ଜର ଅଭ୍ୟନ୍ତରୀଣ ଇଲାକାରେ ଛନଭିନ କରିବ ଏହିଟିମ । ପ୍ରତି ଟିମରେ ଜଣେ ଇନ୍ସପେକ୍ଟରଙ୍କ ସହିତ ୧୫ ଜଣ ପୋଲିସକର୍ମଚାରୀ ଓ ୪ଜଣ ବନ କର୍ମଚାରୀଙ୍କୁ ନେଇ ଗଠନ ହେବ ଏହି ଟିମ । ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୦ ରୁ ୨୫୦ ଜଣ ସନ୍ଦିଗ୍ଧ ଶିକାରୀଙ୍କୁ ଠାବ କରିବା ସହିତ ଶିମିଳିପାଳ ଭିତରେ ଏବଂ ପାଦ ଦେଶରେ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ ହେବାପରେ ଏହି ଦିଗକୁ ଅଧିକ ଧ୍ୟାନ ଦେଉଛି ଏହି ଜଏଣ୍ଟ ଅପରେସନ ଟିମ ।

## ବୃଦ୍ଧ ବାପା ମା'କୁ ପୁଅବୋହୂଙ୍କ ନିର୍ଯ୍ୟାତନା ଅଭିଯୋଗ: ମାନବିକତା ହରାଇଲେ ଦୁଇ ପୁଅ



ନୀଳଗିରି, ୦୪/୦୭ (ନି.ପ୍ର): ପ୍ରତେକ ବାପା ମାଆ ପୁଅଟିଏ ଆଶା କରନ୍ତି ବୃଦ୍ଧ ବୟସରେ ତାଙ୍କର ସେବା କରିବେ। ମାତ୍ର ସେ ପୁଅ ବାପାମାଆ ଙ୍କ ସେବାକରିବାତ ଦୂରର କଥା ପାଲଟା ନିର୍ଯ୍ୟାତନା ଦେଇଥାନ୍ତି। ଏପରି ଏକ ଘଟଣା ନିଳଗିରି ଥାନା ଅନ୍ତର୍ଗତ ବଡପାଟପୁର୍ ଗ୍ରାମରେ ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ମଧୁସୂଦନ ମଳିକ ଓ ତାର ସ୍ତ୍ରୀ ଘରେ ରହି ଆସୁଥିଲା ବେଳେ ତାର ବଡ଼ ପୁଅ ମାନସ ସାନପୁଅ ଦେବେନ୍ଦ୍ର ମିଶି ଶାରିରୀକ ମାନସିକ ନିର୍ଯ୍ୟତନା ଦେଉଥିବାର ଅଭିଯୋଗ ହୋଇଛି। ଏପରିକି ବାପାମାଆ କୁ ଖାଇବାକୁ ନଦେଇ ସାନପୁଅ ର ସ୍ତ୍ରୀ ଅଭଦ୍ର ଭାଷାରେ ଗାଳି ଗୁଲଜ କରୁଥିଲେ। ଦେହ ଅସୁସ୍ଥ ହେଲେ ବି ମେଡିସିନ ଟିକିଏବି ଦିଅନ୍ତି ନାହିଁ। ଆମ ନାମରେ ସମସ୍ତ ସଂପତ୍ତି କରିଦେ ବୋଲି ଧମକ ଦିଅନ୍ତି ବୋଲି ଅଭିଯୋଗ ହୋଇଛି। ସଂପତ୍ତି ହାତେଇବା ପାଇଁ ଦୁଇ ପୁଅ ନିଜର ମଣିଷ ପଣିଆ କୁ ଭୁଲିଯାଇ ବୃଦ୍ଧ ବାପା ମାଆ କୁ ଖାଇବାକୁ ନଦେବା ମେଡିସିନ ଟିକିଏ ନଦେବା ଦୁଃଖଦ ଘଟଣା ନିଳଗିରି ରେ ଚର୍ଚ୍ଚା ଚାଲିଛି। ଅଭିଯୋଗ ପରେ ନିଳଗିରି ପୋଲିସ ଘଟଣାର ତଦନ୍ତ କରୁଛି।

## ରାଇବଣିଆରେ କଳାକାର ସମାବେଶ: 'ସମାଜର ମୂର୍ତ୍ତିକ, ଆମେ କଳାକାର, ଆମେ କଳାକାର'




ଜଳେଶ୍ୱର , ୦୪/୦୭ (ନି.ପ୍ର): ସମଗ୍ର ଉତ୍ତର ବାଲେଶ୍ୱର କଳା ଓ କଳାକାରଙ୍କ ବିଭିନ୍ନ କଳା ଓ କଳାକାରଙ୍କ ଗାରୀମା ଲୁଚି ରହିଛି । ତେଣୁ ଅନାଲୁଚିତ ଓ ଲୁପ୍ତପ୍ରାୟ ଲୋକକଳାର ବିକାଶ ଲାଗି ଆଜି ପ୍ରାରମ୍ଭିକଭାବେ ଜଳେଶ୍ୱର ବ୍ଲକ କଳା ଓ କଳାକାର ବିକାଶ ପରିଷଦ ପକ୍ଷରୁ ରାଇବଣିଆ ଥାନା ଅନ୍ତର୍ଗତ କାଳିକ କଲ୍ୟାଣ ମଣ୍ଡପ ଠାରେ ଏକ ସମାବେଶ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କମଳ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ । ଉଦ୍‌ଘାଟକଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୂଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରି ସମଗ୍ର ଉତ୍ତର ଓଡିଶା ଲୋକକଳା, ଭାଷା, ସାହିତ୍ୟ ଓ ସଂସ୍କୃତି ଉପରି ପର୍ଯ୍ୟବେଶିତ । ଏ ଅଂଚଳର ବହୁ କଳା, ସ୍ଥାପତ୍ୟ, ସଂସ୍କୃତି, ଲୋକକଳା ଲୁପ୍ତପ୍ରାୟ ହେବାକୁ ଯାଉଥିବାରୁ ଏହାକୁ ପୁର୍ନଜିବୀତ କରିବାପାଇଁ ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟରେ ଏକ ଗବେଷଣା କେନ୍ଦ୍ର ଖୋଲାଯାଉଥିବାରୁ ଡ. ତ୍ରିପାଠୀ କହିଛନ୍ତି । ପ୍ରାରମ୍ଭିକଭାବେ ପାଲା ଓ ପାଇକ ଆଖଡାକୁ ଗୁରୁତ୍ୱ ଦିଆଯିବା ସହିତ ଲୋକକଳାକୁ ନେଇ ଏକ ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ମଧ୍ୟ କହିଛନ୍ତି । ମୁଖ୍ୟ ଅତିଥିଭାବେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗ ଦେଇ କୌଣସି ଚାତୁରୀ ପ୍ରଦର୍ଶୀତ କରୁଥିବା ବ୍ୟକ୍ତି ହିଁ କଳାକାର । ତେଣୁ ୨୦୧୮ ମସିହାରୁ ମୁଖ୍ୟମନ୍ତ୍ରୀ କଳାକାରଙ୍କୁ ୧୨ ଶହ ଟଙ୍କା ସହାୟତା ଦେବାର ବ୍ୟବସ୍ଥା କରିଛନ୍ତି । ମୁଖ୍ୟ ଅତିଥିଭାବେ ସ୍ତମ୍ଭକାର ସୁଦର୍ଶନ ଦାସ ଯୋଗ ଦେଇ ସମାଜର ପରମ୍ପରାକୁ କଳାକାର ହିଁ ଏକ ପିଢିରୁ ଅନ୍ୟ ପିଢିକୁ ନେଇଯାଏ । ତେଣୁ କଳା ଓ କଳାକାର ତିଷ୍ଠି ରହିବାଲାଗି ସରକାରଙ୍କ ଦାୟିତ୍ୱ ରହିଛି । ଗାଁ ଗହଳିର କଳାକାରଙ୍କ ଲାଗି ସହାୟତା ରାଶି ଯଥେଷ୍ଟ ନୁହେଁ ବରଂ ୩ ହଜାରକୁ ବୃଦ୍ଧି କରିବା, ଅଣ ସଂଗଠିତ ଶ୍ରମିକଙ୍କ ଭଳି ସେମାନଙ୍କ ପୁଅଝିଅଙ୍କୁ ଶିକ୍ଷାର ବ୍ୟବସ୍ଥା, ଆବାସ ଯୋଜନା ଯୋଗାଣ, ହଜିଥିବା ଲୋକକଳାର ପୁନଃଉଦ୍ଧାର, ଏପରିକି ଜଳେଶ୍ୱରରେ ଏକ କଳା ବିକାଶ କେନ୍ଦ୍ର ଖୋଲାଯିବାକୁ ପ୍ରସ୍ତାବ ଦେଇଥିଲେ । କଳାକାର ବିକାଶ ପରିଷଦର ଉପସଭାପତି ଚନ୍ଦ୍ରମୋହନ ରାଉଳ, ରାଜ୍ୟ କଳାକାର ସଂଘର ସଂପାଦକ ବାସୁଦେବ ନାଥ, ପ୍ରକୃତିମିତ୍ର ପୁରଷ୍କାର ପ୍ରାପ୍ତ ସୁମନ୍ତ ଜେନା ଓ ବିଜୟ ଘୋଷ ପ୍ରମୁଖ କଳାକାର ମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ସୁଦାମ ପାତ୍ର ଧନ୍ୟବାଦ ଓ କଳା ଓ କଳାକାର ବିକାଶ ପରିଷଦର ସଂପାଦକ ମନୋରଂଜନ ଦାସ ସୂଚନା ଦେଇଥିଲେ । ସଭା ପୂର୍ବରୁ କଳାକାରଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରା ରାଇବଣିଆ ଦୁର୍ଗ ଫାଟକ ନିକଟରୁ ବାହାରି ସଭାସ୍ଥଳ ପର୍ଯ୍ୟନ୍ତ ଆସିଥିଲା ।

## ଘାଶିଗୁଡାରେ ଅବକାରି ଚଢାଉ

ଜୟପୁର, ୦୪/୦୭ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଘାଶିଗୁଡା ରେ ଅବକାରି ଚଢାଉ ହୋଇଛି। ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିବା ସହ ପ୍ରସ୍ତୁତ କରିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ୧୨ ଶହ ଲିଟର ପୋଚ ଓ ୭୦ ଲିଟର ଦେଶି ମଦକୁ ଜବତ କରିଛି । ଜବତ ମଦ ଓ ପୋଚ କୁ ନଷ୍ଟ କରାଯାଇଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରାଯାଇଛି ।

## କରତକଳ ଉପରେ ଚଢ଼ାଉ ବେଳେ ଉତ୍ତେଜନା: ଗ୍ରାମବାସୀଙ୍କ ଦ୍ୱାରା ବନ ବିଭାଗ ଟିମ ଅଟକ



ବସ୍ତା, ୦୪/୦୭ (ନି.ପ୍ର): କରତକଳ ଉପରେ ଚଢଉ କରିବାକୁ ଯାଇଥିବା ବେଳେ ବନବିଭାଗ ଟିମ୍ କୁ ଆଜି ଅଟକ ରଖିଲେ ଗ୍ରାମବାସୀ । ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି, ସୂଚନା ଅନୁଯାୟୀ ବସ୍ତା ଥାନା ଅନ୍ତର୍ଗତ ସୋରିଷା ଗ୍ରାମରେ ଦୀର୍ଘ ଦିନ ଧରି ବେଆଇନ କରତକଳ ଚାଲି ଆସୁଥିବା ବେଳେ ଆଜି ବନ ବିଭାଗ ର ଏକ ସ୍ୱତନ୍ତ୍ର ଟିମ କରତକଳ ଉପରେ ଚଢଉ କରିଥିଲେ, ତେବେ ଚଢଉ ହେବା ସମୟରେ ଶତାଧିକ ଗ୍ରାମବାସୀ ପହଞ୍ଚି ବନବିଭାଗ ର ଅଧିକାରୀ ମାନଙ୍କୁ ଅଟକ ରଖିଥିଲେ, ଗ୍ରାମାଞ୍ଚଳ ଲୋକମାନଙ୍କ ବିଭିନ୍ନ ଘରୋଇ ଉପକରଣ କିମ୍ୱା ଅନ୍ୟାନ୍ୟ ଜିନିଷ ପାଇଁ କାଠ ଦରକାର ପଡୁଥିବାରୁ ସେମାନେ ଏହି କରତକଳ ଉପରେ ନିର୍ଭର କରିଥାନ୍ତି, ତେଣୁ ଏହି କରତକଳ କୁ ସରକାରୀ ଲାଇସେନ୍ସ ପ୍ରଦାନ ପାଇଁ ଦାବି କରିଛନ୍ତି ଗ୍ରାମବାସୀ , ଯାହାକୁ ନେଇ ବନବିଭାଗ ଅଧିକାରୀ ଙ୍କ ସହ ଗ୍ରାମବାସୀ ଙ୍କ ଯୁକ୍ତିତର୍କ ହୋଇଥିଲା, ବନ ବିଭାଗ ର କର୍ମଚାରୀ ଙ୍କୁ ଅଟକ ରଖିଛନ୍ତି ଗ୍ରାମବାସୀ , ଖବର ପାଇ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି ଲୋକଙ୍କୁ ବୁଝାସୁଝା କରୁଅଛି। ଘଟଣାର କୌଣସି ସମାଧାନ ହୋଇପାରି ନାହିଁ।

## ସଜନାଗଡରେ ଅନାବାଦି ଜାଗାକୁ ନେଇ ଗୋଷ୍ଠୀ ସଂଘର୍ଷ



ନୀଳଗିରି , ୦୪/୦୭ (ନି.ପ୍ର): ସରକାରୀ ଅନାବାଦୀ ଜମିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଲାଗି ଉଭୟପକ୍ଷର ମହିଳା ଆହତ ହୋଇ ନୀଳଗିରି ହସ୍ପିଟାଲ ରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ସଜନାଗଡ ପଞ୍ଚାୟତ ପଛପାଖରେ ଥିବା ଅନାବାଦୀ ଜାଗାରେ ଦୀର୍ଘବର୍ଷ ଧରି କିଛି ପରିବାର ବସବାସ କରି ଆସୁଥିଲେ। ଉକ୍ତ ପଞ୍ଚାୟତ ର କିଛି ମହିଳା 'ପ୍ରୟାସ'ସ୍ୱେଚ୍ଛାସବୀ ସଂଗଠନ ନାମରେ ସଂଗଠନ କରି ବିଭିନ୍ନ ପ୍ରକାରର ସେବା କରି ଆସୁଛନ୍ତି। ମଙ୍ଗଳବାର ସକାଳେ ଏହିସଂଗଠନର ମହିଳା ମାନେ ଉକ୍ତ ସ୍ଥାନରେ ବାସ କରୁଥିବା ସବିତା ବିଶ୍ୱାଳ ଙ୍କ ମା ଙ୍କ ଘରକୁ ଭାଙ୍ଗିବା ସହିତ ତାଙ୍କ ମାଆଙ୍କୁ ଘୋଷାରି ମାରଧର କରିଥିଲେ। ଏନେଇ ନୀଳଗିରି ଥାନାରେ ସବିତା ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ପ୍ରୟାସ ସଂଗଠନ ର ମହିଳା ସଦସ୍ୟ ମାନେ ବୃଦ୍ଧକ୍ଷଶ୍ରମ ସହିତ ଗୋଶାଳା ଖୋଲିବା ନେଇ ଉକ୍ତ ସ୍ଥାନକୁ ସଫା କରିବା ପାଇଁ ଆସିଥିଲେ। ଅପରପକ୍ଷ ତାଙ୍କୁ ମାରିବା ସହିତ ତାଙ୍କ ସମ୍ପର୍କୀୟ ମାନେ ଗାଳିଗୁଲଜ କରିଥିବା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ନୀଳଗିରି ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଉଭୟ ଗୋଷ୍ଠୀର ଆହତ ମାନେ ନୀଳଗିରି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

## ବାଲିଆପାଳରେ ସବୁଠି ଆଖି ରୋଗ ଆତଙ୍କ

ଲଙ୍ଗଳେଶ୍ୱର, ୦୪/୦୭ (ନି.ପ୍ର): ଗତ କିଛିଦିନ ଧରି ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଆଖିଧରା ରୋଗ ବ୍ୟାପକ ଭାବେ ସଂକ୍ରମିତ ହେଉ ଥିବାର ଜଣାଯାଇଛି ।ଯେଉଁଠି ଗୋଟିଏ ପରିବାରର ଜଣକୁ ଏହି ଆଖି ଧରା ରୋଗ ହେଉଛି ତାର ପରିବାରରେ ସମସ୍ତଙ୍କୁ ହେବା ସହିତ ଗାଁ ଗାଁ ମାଡି ଚାଲିଛି ।କିନ୍ତୁ ରୋଗର ଚିକିତ୍ସା ପାଇଁ ହସ୍ପିଟାଲରେ ମିଳୁଥିବା ଔଷଧରେ ରୋଗ ଭଲ ହେଉ ନ ଥିବା ବେଳେ ଲୋକମାନେ ବାହାରୁ ଔଷଧ କିଣି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ।ଏଥି ପାଇଁ ହସ୍ପିଟାଲରେ ଔଷଧ ମିଳୁଛି ।ମାତ୍ର ତାହା ନିମ୍ନ ମାନର ବୁଲି ଲୋକମାନେ ଅଭିଯୋଗ କରିଛନ୍ତି ।ଏହାର ପ୍ରତିକାର ବ୍ୟବସ୍ଥା ସ୍ୱାସ୍ଥ୍ୟ ବିଭାଗ ପାଖରେ କୌଣସି ସଚେତନତା ନଥିବା ପରି ଦେଖିବାକୁ ମିଳୁଛି। ସରକାରୀ ଭାବେ ଚିକିତ୍ସାର ବ୍ୟବସ୍ଥା ହେଲେ ବିଶେଷ କରି ଛୋଟ ଛୋଟ ଶିଶୁ, ଛାତ୍ରଛାତ୍ରୀ ଅଧିକ ଉପକୃତ ହୋଇ ପାରନ୍ତେ । ଏବେ ସବୁ ଗାଁରେ ବହୁ ବ୍ୟକ୍ତିଙ୍କ ଠାରେ ପର୍ଯ୍ୟାୟ କ୍ରମେ ଆଖି ଲାଲି ଧରିବା, ରକ୍ ରକ୍ ଲାଗିବା, ନେଞ୍ଚରା ବହିବା, ଯନ୍ତ୍ରଣା ହେବା ଏପରିକି ଜ୍ୱର ହେଉଥିବା ପରିଲକ୍ଷିତ ହେଉଛି । ଆଖିରୁ ପାଣି ଗଡିବା, କୁଣ୍ଡେଇ ହେବା ଏବଂ କମ୍ ଦେଖା ଯିବା ଭଳି ଲକ୍ଷଣ ପ୍ରକାଶ ପାଉଛି । ସାଧାରଣତଃ ବିଦ୍ୟାଳୟ ଗୁଡିକରେ ଛୋଟ ଛୋଟ ପିଲା ନିଜ ନିଜ ମଧ୍ୟରେ ଅଧିକ ସାଙ୍ଗ ମେଳରେ ରହୁଥ ?ିବାରୁ ଏହି ରୋଗ ସ୍କୁଲ ପିଲାଙ୍କୁ ଅଧିକ ସଂକ୍ରମିତ ହେଉ ଥିବାର ଜଣା ଯାଇଛି।

## ଟ୍ରେନ ଧକ୍କା ଯୋଗୁଁ ଯୁବକର ମୃତ୍ୟୁ

ବସ୍ତା,୪ ।୭(ନିପ୍ର):ବସ୍ତା ନିକଟସ୍ଥ ବ୍ର ।ହ୍ମଣଦା ଗାଁରେ ଟ୍ରେନ ଧକ୍କାରେ ଜଣେ ଯୁବକର ମୃତ୍ୟୁ ଘଟିଛି ।ସୂଚନାରୁ ପ୍ରକାଶ ଯେ ମଙ୍ଗଳବାର ଅପରାହ୍ନ ରେ ବସ୍ତା ଥାନା ଅନ୍ତର୍ଗତ ବ୍ରାହ୍ମଣଦା ଗାଁର ବିଶ୍ୱନାଥ ବଢ଼େଇଙ୍କ ସ ।ନ ପୁଅ ସରୋଜ(୨୫ବର୍ଷ)ରେଳଧାରଣା ପାରି ହେଉଥିବା ବେଳେ ଅପ ଲାଇନରେ ଆସୁଥିବା ଏକ ମାଲବାହୀ ଟ୍ରେନ ତାଙ୍କୁ ଧକକ। ଦେଇଥିଲା ।ସ୍ଥାନୀୟ ଗାଁର ଯୁବକ ମାନେ ସଂଗେ ସଂଗେ ବସ୍ତା ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ସେ ଅବିବାହିତ ଥିଲେ ।ମାତ୍ର ତାଙ୍କର ମସ୍ତିଷ୍କ ବିକୃତି ଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo